R.N.I. REGN. No. 65000/96 POSTAL REGN. No. OR/BN-32/12-14
ଉନତ୍ରିଂଶ ବର୍ଷ
ସଂଖ୍ୟା : ୩୨୮
ତିଥି : ତ୍ରୟୋଦଶୀ
୦୫ ସେପ୍ଟେମ୍ବର ୨୦୨୫, ଶୁକ୍ରବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA
ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 328
05 Sept 2025, Friday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur






ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ରାଜ୍ୟସ୍ତରୀୟ ଗୁରୁ ଦିବସ ଉତ୍ସବ
## ଏବଂ
## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ

ଶିକ୍ଷା ହିଁ ପ୍ରଗତି । ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶର ଦାୟିତ୍ୱ ଶିକ୍ଷକମାନଙ୍କର । ସେଥିପାଇଁ ସେମାନଙ୍କୁ ଗୁରୁ ଭାବରେ ସମ୍ମାନିତ କରାଯାଏ । ଏହି ଦାୟିତ୍ୱକୁ ଠିକ୍ ଭାବରେ ସମ୍ପାଦନ କରି ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଶିକ୍ଷକମାନେ ଉଦ୍ୟମ ଅବ୍ୟାହତ ରଖିବେ ବୋଲି ମୋର ଆଶା ଓ ବିଶ୍ୱାସ ।

(ମୋହନ ଚରଣ ମାଝୀ)

**ମୁଖ୍ୟ ଅତିଥି**

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ସମ୍ମାନିତ ଅତିଥି**


**ଶ୍ରୀ ନିତ୍ୟାନନ୍ଦ ଗଣ୍ଡ**
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ

**ଶ୍ରୀ ସୂର୍ଯ୍ୟବଂଶୀ ସୁରଜ**
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି

୦୫ ସେପ୍ଟେମ୍ବର ୨୦୨୫
କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ

OIPR: 27068/13/0056/2526 DSPL-249

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର




**ଗୁରୁଦିବସକୁ ସମସ୍ତ ଛାତ୍ର ଅପେକ୍ଷା କରି ରହିଥାଆନ୍ତି । ଏହି ଦିନ ସମସ୍ତେ ନିଜନିଜ ଗୁରୁଙ୍କୁ କିଛି ଉପହାର ଦେବାକୁ ଚାହାନ୍ତି । ତାଙ୍କ ଜୀବନକୁ ଶିକ୍ଷା ରୂପକ ଆଲୋକରେ ଆଲୋକିତ କରୁଥିବା ବ୍ୟକ୍ତିଙ୍କୁ ସମସ୍ତେ ସମ୍ମାନୀତ କରିବାକୁ ଇଚ୍ଛା ପ୍ରକାଶ କରନ୍ତି । ତେବେ ଆସନ୍ତୁ ଜାଣିବା ସେହିଭଳି କିଛି ଉପହାର ସମ୍ପର୍କରେ ଯାହା ଆପଣ ତୁରନ୍ତ ପ୍ରସ୍ତୁତ କରି ନିଜ ଗୁରୁଙ୍କୁ ଦେଇ ପାରିବେ ।**

**ହାତଲେଖା ନୋଟ–** ନିଜ ଗୁରୁଙ୍କୁ ନିଜ ହାତରେ କିଛି କାର୍ଡ ଡିଜାଇନ୍ କରି ସେଥିରେ ନିଜର ମନର ଭାବକୁ ଲେଖି ପ୍ରକାଶ କରିପାରିବେ । ଏହାକୁ ଥ୍ୟାଙ୍କ୍ୟୁ କାର୍ଡ କୁହାଯାଇଥାଏ । ଏହା ହାତ ତିଆରି ହୋଇଥିବାରୁ ଆପଣଙ୍କ ଶିକ୍ଷକଙ୍କୁ ଖୁବ ପସନ୍ଦ ଆସିବ । ଏଥିରେ ଶିକ୍ଷକଙ୍କ ଫଟୋ ମଧ୍ୟ ସ୍ଥାନିତ କରିପାରିବେ ।

**ଡେସ୍କ ପ୍ଲାଣ୍ଟ–** ସମସ୍ତ ଶିକ୍ଷକଙ୍କର ଗୋଟିଏ ଡେସ୍କ ରହିଥାଏ, ଯେଉଁଥିରେ ସେ ନିଜର ଆବଶ୍ୟକ ସାମଗ୍ରୀ ରଖିଥାଆନ୍ତି । ଏହାକୁ ସଜାଇବା ପାଇଁ ମିଳୁଥିବା ଡେସ୍କ ପ୍ଲାଣ୍ଟ ଦେଇପାରିବେ । ଏହା ଖୁବ ସହଜରେ ବଜାରରେ ମିଳିଯାଇଥାଏ । ଏଗୁଡିକର ଖୁବ କମ ଯତ୍ନନେବାକୁ ପଡିଥାଏ, ତେଣୁ ଏହା ଆପଣଙ୍କ ଶିକ୍ଷକଙ୍କୁ ଖୁବ ପସନ୍ଦ ଆସିବ ।


**ରିଲାକ୍ସ କିଟ୍–** ଆପଣଙ୍କ ଶିକ୍ଷକଙ୍କୁ ଏକ ରିଲାକ୍ସ କିଟ୍ ଦେଇପାରିବେ । ଏଥିରେ ଟି ବ୍ୟାଗ୍, ମିଣ୍ଟ, ସାନିଟାଇଜର, ଷ୍ଟିକି ନୋଟ୍ସ, ଚକୋଲେଟ୍ ଆଦି ରଖି ଦେଇପାରିବେ । ଯାହା ତାଙ୍କର ଆବଶ୍ୟକ ସମୟରେ କାମ ଦେବ ।

**କୋଟ୍ସ ଫ୍ରେମ–** ବଜାରରେ ଖୁବ ଭଲଭଲ କୋଟ୍ସ ଫ୍ରେମ ମିଳିଥାଏ । ଏଗୁଡିକୁ ମଧ୍ୟ ଶିକ୍ଷକଙ୍କୁ ସଙ୍ଗେସଙ୍ଗେ ବଜାରରୁ କିଣି ଉପହାର ଭାବେ ଦେଇପାରିବେ । ଏଗୁଡିକ ବେଶ ଭଲ ଉପହାର ହୋଇଥାଏ ।



# ଉପହାର ମାଧ୍ୟମରେ ଧନ୍ୟବାଦ

# ଗୁରୁଙ୍କ ଆଦର୍ଶ, ସର୍ବପଲ୍ଲୀ ରାଧାକ୍ରିଷ୍ଣନ



ପ୍ରତିବର୍ଷ ରାଧାକ୍ରିଷ୍ଣନ୍‌ଙ୍କ ପବିତ୍ର ଜନ୍ମ ତିଥିକୁ 'ଗୁରୁ ଦିବସ'ରୂପେ ପାଳନ କରାଯାଇ ତାଙ୍କୁ ଜଣେ ମହାନ୍ ଗୁରୁ ଭାବେ ଯଥୋଚିତ ସମ୍ମାନ ପ୍ରଦାନ କରାଯାଇଥାଏ । ଯଥାର୍ଥରେ ସେ ଥିଲେ ଜଣେ ଯଶସ୍ୱୀ ଗୁରୁ । ବିଦ୍‌ବତ୍ତା, ମନୀଷା, ଦୂରଦୃଷ୍ଟି , ସମସ୍ୟାର ଅନୁଶୀଳନ, ସାଧୁତା ଓ ସ୍ୱଷ୍ଟବାଦିତା ଦୃଷ୍ଟିରୁ ସେ ହୋଇପାରିଥିଲେ ରାଷ୍ଟ୍ର ଗୁରୁ । ଏହି ମହାନ ପ୍ରତିଭୂ ରାଧାକ୍ରିଷ୍ଣନ୍ ୧୮୮୮ ମସିହା ସେପ୍ଟେମ୍ବର ୫ ତାରିଖରେ ମାନ୍ଦ୍ରାଜର ତିରୁଭାଣି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ରାଧାକ୍ରିଷ୍ଣନ୍ ଭେଲୋରର ବୁରହିକ୍ କଲେଜରୁ ଏଣ୍ଟ୍ରାନ୍ସ ଏବଂ ଏଫ.ଏ ମାନ୍ଦ୍ରାଜର ଖ୍ରୀଷ୍ଟିଆନ କଲେଜରୁ ଦର୍ଶନରେ ଅନର୍ସ ସହିତ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ବି.ଏ, ଏବଂ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟରୁ ଦର୍ଶନଶାସ୍ତ୍ରରେ ପ୍ରଥମ ଶ୍ରେଣୀରେ ଏମ୍.ଏ. ପାସ କରିଥିଲେ । ୧୯୦୯ ଖ୍ରୀଷ୍ଟାବ୍ଦରେ ମାନ୍ଦ୍ରାଜର ପ୍ରେସିଡେନ୍‌ସି କଲେଜରେ ଅଧ୍ୟାପକ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ । ସେହି କଲେଜରେ କିଛି ବର୍ଷ କାର୍ଯ୍ୟ କରିବା ପରେ ମହୀଶୁର ବିଶ୍ୱବିଦ୍ୟାଳୟରେ ଦର୍ଶନ ବିଭାଗର ମୁଖ୍ୟ ଅଧ୍ୟାପକ ପଦରେ ସେ ଯୋଗ ଦେଇଥିଲେ । ପରେ ୧୯୨୧ ମସିହାରେ କୋଲକାତା ବିଶ୍ୱବିଦ୍ୟାଳୟରେ ଦର୍ଶନ ଅଧ୍ୟାପକ ରୂପେ ସେ ଯୋଗଦେଲେ । କ୍ରମେ ତାଙ୍କ ଖ୍ୟାତି ଉତ୍ତର ଭାରତରେ ବଢିବାକୁ ଲାଗିଲା, ସେ କଲିକତାରେ ଅଧିକ ଲୋକପ୍ରିୟ ହୋଇଥିଲେ । ୧୯୨୬ ମସିହାରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଆନ୍ତର୍ଜାତିକ ଦର୍ଶନ କଂଗ୍ରେସରେ ଭାରତର ପ୍ରତିନିଧିତ୍ୱ କରି ଭାରତୀୟ ଦର୍ଶନର ପ୍ରଚାର କରିଥିଲେ । ଏହିପରି ତାଙ୍କର ରହିଛି ଅନେକ କୃତିତ୍ୱ । ରାଧାକ୍ରିଷ୍ଣନ୍ ଥିଲେ ଜ୍ଞାନଯୋଗୀ । ଭାରତରୁ ତଥା ପୃଥିବୀର ବିଭିନ୍ନ ଦେଶରୁ ସେ ବହୁତ ସମ୍ମାନସୂଚକ ଉପାଧି ଲାଭ କରିଲେ । ଦର୍ଶନଶାସ୍ତ୍ର ଉପରେ ସେ ଅନେକ ପୁସ୍ତକ ପ୍ରଣୟନ କରିଛନ୍ତି । ପୃଥିବୀର ବିଭିନ୍ନ ଦେଶରେ ଭାରତର ଉଚ୍ଚଦର୍ଶନକୁ ସେ ପ୍ରଚାର କରିଛନ୍ତି । ଜଣେ ଦକ୍ଷ ଶିକ୍ଷକ ଭାବରେ ସେ ତାଙ୍କର କର୍ମମୟ ଜୀବନ ଆରମ୍ଭ କରି ସର୍ବୋଚ୍ଚ ସ୍ଥାନ ଅଳଙ୍କୃତ କରିଥିବାରୁ ଶିକ୍ଷକମାନଙ୍କ ସମ୍ମାନାର୍ଥେ ତାଙ୍କ ଜନ୍ମଦିନକୁ 'ଗୁରୁଦିବସ' ରୂପେ ପାଳନ କରାଯାଇଥାଏ । ରାଧାକ୍ରିଷ୍ଣନ୍‌ଙ୍କ ପରି କର୍ତ୍ତବ୍ୟନିଷ୍ଠ ଶିକ୍ଷକଙ୍କ ଆଦର୍ଶରେ ଗୁରୁମାନେ ଅନୁପ୍ରାଣିତ ହୋଇ ସମାଜର ମଙ୍ଗଳ କରିବାର ଆବଶ୍ୟକତା ରହିଛି ।

**ଉମାଶଙ୍କର ପ୍ରସାଦ**
**ମୋ: ୬୩୭୦୬ ୭୫୫୬୨**



**ହାହାଃ..ହାହାଃ.**

ସ୍ୱାମୀ – ତୁମେ ବର୍ତ୍ତମାନ ସୁନ୍ଦର ହେଇ ହେଇ ଯାଉଛ ।
ସ୍ତ୍ରୀ – ତୁମେ କେମିତି ଜାଣିଲ ।
ସ୍ୱାମୀ – କାହିଁକିନା ତୁମକୁ ଦେଖି ବର୍ତ୍ତମାନ ରୁଟି ମଧ୍ୟ ଜଳିବାକୁ ଲାଗିଲାଣି ।



**ଇତିହାସ**

୧୮୩୯– ଚୀନ୍‌ରେ ପ୍ରଥମ ଅଫିମ ଯୁଦ୍ଧ ଆରମ୍ଭ ।
୧୯୩୩– ଅନ୍ତର୍ଜାତୀୟ ସ୍ତରରେ ଶାନ୍ତି ସ୍ଥାପନା ପାଇଁ ରେମନ୍ ମାଗସେସ୍ ପୁରସ୍କାର ପାଇଥିବା ଭାରତୀୟ ଲକ୍ଷ୍ମୀନାରାୟଣ ରାମଦାସଙ୍କ ଜନ୍ମ ।
୧୯୫୮– ପ୍ରଖ୍ୟାତ୍ ଭାରତୀୟ ଚିକିତ୍ସକ ଏବଂ ହୃଦ୍‌ରୋଗ ବିଶେଷଜ୍ଞ କେ.କେ. ଅଗ୍ରୱାଲ୍‌ଙ୍କ ଜନ୍ମ ।
୧୯୮୬– ଭାରତୀୟ କ୍ରିକେଟର ପ୍ରଜ୍ଞାନ ଓଝାଙ୍କ ଜନ୍ମ ।
୧୯୯୧– ନେଲସନ୍ ମାଣ୍ଡେଲା ଆଫ୍ରିକୀୟ ନ୍ୟାସନାଲ୍ କଂଗ୍ରେସର ଅଧ୍ୟକ୍ଷ ରୂପେ ମନୋନୀତ ହେଲେ ।
୨୦୦୮– ରତନ ଟାଟାଙ୍କ ନେତୃତ୍ୱାଧୀନ ସୋସାଇଟି ଅଫ୍ ଇଣ୍ଡିଆନ୍ ଅଟୋମୋବାଇଲ୍ ମାନୁଫ୍ୟାକଚର୍ସ (ସିଆମ୍)ର ପ୍ରତିନିଧିମଣ୍ଡଳ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କୁ ଭେଟିଲେ ।

## ସୋସିଆଲ କୋଟ୍ସ



"ମୁଁ ସବୁବେଳେ ସାଦାସିଧା ରହିବାକୁ ପସନ୍ଦ କରିଥାଏ । ଯେତେବେଳେ ବି ଯାହା ପିନ୍ଧେ ନିଜକୁ ଯେପରି ଆରାମ ଲାଗିବ ତାହାକୁ ଦୃଷ୍ଟିରେ ରଖି ପିନ୍ଧିଥାଏ ।

**ବିଜୟ ସେଥୁପତି, ଅଭିନେତା**

"ବିଗ୍ ବସ ଯିବା ମୋର ଭୁଲ ଥିଲା । ସେଠାକୁ ଯାଇଥିବାରୁ ଅନୁତାପ କରୁଛି । ସେଠାରେ ମୁଁ ଅନେକ ଷ୍ଟ୍ରଗଲ କରିଛି ।

**ଅନୁରାଗ ଡୋଭାଲ, ଅଭିନେତା**





"ବାପାଙ୍କ ମୃତ୍ୟୁ ପରେ ଖୁବ ଅଧିକ ଆର୍ଥିକ ସମସ୍ୟା ଦେଖିବାକୁ ମିଳିଥିଲା । ତେଣୁ ଛୋଟଛୋଟ କାମ କରିବା ଆରମ୍ଭ କରିଥିଲି । କେତେବେଳେ ଛୋଟ ପିଲାଙ୍କୁ ଟ୍ୟୁସନ କରିଛି ତ କେତେବେଳେ ଆଉ କେଉଁ କାମ କରି ପୋଟ ପୋଷିଛି ।

**ବିରେନ୍ଦ୍ର ସକ୍‌ସେନା, ଅଭିନେତା**



# ଆନୋରେକ୍ସିଆ

ଆନୋରେକ୍ସିଆ ବା ଆନୋରେକ୍ସିଆ ନେର୍‌ଭୋସା ଏକ ଇଟିଂ ଡିଜ୍ ଅର୍ଡର । ଏହା ଓଜନକୁ ନେଇ ଥିବା ଏକ ଭୟ, ଯାହାଫଳରେ ଏଥିରେ ପୀଡିତ ରୋଗୀ ନିଜର ଓଜନକୁ ନିୟନ୍ତ୍ରଣ କରିବା ପାଇଁ ଅତ୍ୟଧିକ ଚେଷ୍ଟା କରିଥାଆନ୍ତି । ସେମାନେ ସବୁବେଳେ ନିଜ ଓଜନ ଓ ଫିଗରକୁ ନେଇ ଅଧିକ ସଚେତନ ରହିଥାଆନ୍ତି, ଏଥିପାଇଁ ଅଧିକ ଚେଷ୍ଟା ମଧ୍ୟ କରିଥାଆନ୍ତି । ଏମାନଙ୍କର ଡାଏଟ୍ ବହୁତ ଷ୍ଟ୍ରିକ୍ଟ୍ ହୋଇଥାଏ । ସେମାନେ କଣ ଖାଇବେ କେତେ ଖାଇବେ ସେ ନେଇ ଅତ୍ୟଧୀକ ସଚେତନ ହୋଇଥାଆନ୍ତି । ସେହିଭଳି ଓଜନ କମାଇବା ପାଇଁ ସେମାନେ ଦରକାରର ଅଧିକ ବ୍ୟାୟାମ କରୁଥିବାର ମଧ୍ୟ ଦେଖିବାକୁ ମିଳିଥାଏ । ନିଜର ଶରୀରର କ୍ଷମତାଠାରୁ ବାହାରକୁ ଯାଇ ସେମାନେ ବ୍ୟାୟାମ କରିଥାଆନ୍ତି , ଯାହା କ୍ଷତିକାରକ ହୋଇଥାଏ । ଏଥିରେ ପୀଡିତ ରୋଗୀ ଯେତେ ବି ପତଳା ଥିଲେ ମଧ୍ୟ ନିଜର ଓଜନକୁ ଆହୁରି କମାଇବାକୁ ଚେଷ୍ଟା କରିଥାଆନ୍ତି । ସେମାନଙ୍କ ମଧ୍ୟରେ ସବୁବେଳେ ଓଜନ ବୃଦ୍ଧିକୁ ନେଇ ଡର ରହିଥାଏ । ଏହି ରୋଗର ଅନେକ ସାଇଡ୍ ଇଫେକ୍ଟ ରହିଛି । ଯଦି କୌଣସି ବ୍ୟାକ୍ତିଙ୍କ ନିକଟରେ ଏହି ରୋଗର ଲକ୍ଷଣ ଦେଖିବାକୁ ମିଳୁଛି, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

**ଲକ୍ଷଣ**

– ନିରନ୍ତର ଓଜନ ହ୍ରାସ ହେବା ।
– ପତଳା ଦେଖାଯିବା ।
– ଫଟିଗୋ
– ନିଦ୍ରାହୀନତା
– ଚେତାଶୂନ୍ୟ ହୋଇଯିବା
– ଚର୍ମ ଶୁଖିଲା ଓ ହଳଦିଆ ଦେଖାଯିବା
– ନିମ୍ନ ରକ୍ତଚାପ
– ଥଣ୍ଡା ସହି ନପାରିବା
– ହାତ ଗୋଡ ଫୁଲିବା
– ଡିହାଇଡ୍ରେସନ୍

## ବଙ୍ଗାଳୀ ଚିକେନ

**ସାମଗ୍ରୀ–** ଚିକେନ,ଦହି, କଟା ପିଆଜ, ଅଦାରସୁଣ ପେଷ୍ଟ, ଶୁଖିଲା ଲଙ୍କା, ଧନିଆ ଗୁଣ୍ଡ, କାଜୁ, ଗୋଲ ମରିଚ, ସୋରିଷ ତେଲ, ଲୁଣ ।



**ପ୍ରଣାଳୀ–** ପ୍ରଥମେ ଚିକେନ୍‌କୁ ଦହି, ଅଦା ରସୁଣ ପେଷ୍ଟ ଦେଇ ଗୋଳାଇ ନିଅନ୍ତୁ । ଏହାପରେ ଏହି ଚିକେନକୁ ୨ ରୁ ୩ ଘଣ୍ଟା ଫ୍ରିଜ୍‌ରେ ରଖି ଦିଅନ୍ତୁ । ଏହାପରେ କାଜୁକୁ ବଟୁରାଇ ଗୋଟିଏ ପେଷ୍ଟ ପରିଣତ କରନ୍ତୁ । ଗୋଟିଏ ପ୍ୟାନରେ ସୋରିଷ ତେଲ ଗରମ କରି ସେଥିରେ ଶୁଖିଲା ଲଙ୍କା, ଗୋଲମରିଚ ଓ କଟା ପିଆଜ ପକାଇ ଭାଜନ୍ତୁ । କିଛି ସମୟ ଭାଜିବା ପରେ ଏଥିରେ ମାରିନେଟେଡ ଚିକେନ ପକାନ୍ତୁ । ବର୍ତ୍ତମାନ ଏଥିରେ ଧନିଆ ପାଉଡର ଓ ଲୁଣ ପକାଇ ଭାଜନ୍ତୁ । ଚିକେନ୍ ସିଝିବା ପରେ ଏଥିରେ କାଜୁ ବଟା ଦେଇ ଫୁଟାନ୍ତୁ । ଶେଷରେ ଗୋଲ ମରିଚ ଗୁଣ୍ଡ ପକାଇ ଗରମ ପାଣି ଦେଇ ଗୋଳାଇ ନିଅନ୍ତୁ। ଆବଶ୍ୟକ ଅନୁଯାୟୀ ଚିକେନରେ ପାଣି ରଖନ୍ତୁ । ଚିକେନ ଭଲ କରି ସିଝିବା ପରେ ଗ୍ୟାସ ବନ୍ଦ କରି ପରଷନ୍ତୁ ବଙ୍ଗାଳୀ ଚିକେନ ।

## ବନ୍ଦ ହେବ ଶିଳ୍ପାଙ୍କ ରେସ୍ତୋରାଁ



ଅଭିନେତ୍ରୀ ଶିଳ୍ପା ସେଟ୍ଟିଙ୍କ ରେସ୍ତୋରାଁ ବାସ୍ତିଆନ ଖୁବ ଶୀଘ୍ର ବନ୍ଦ ହେବାକୁ ଯାଉଥିବା ଜଣା ପଡିଛି । ଏହି ରେସ୍ତୋରାଁଟି ମୁମ୍ବାଇର ବାନ୍ଦ୍ରାରେ ରହିଛି । ତେବେ ଏନେଇ ନିଜେ ଅଭିନେତ୍ରୀ ଘୋଷଣା କରି ସୋସିଆଲ ମିଡିଆରେ ତଥ୍ୟ ଦେଇଛନ୍ତି । ଏହି ରେସ୍ତୋରାଁର ବନ୍ଦ ହେବା ଗୋଟିଏ ଯୁଗର ଅନ୍ତ ବୋଲି ଶିଳ୍ପା ପ୍ରକାଶ କରିଛନ୍ତି । ଏହି ରେସ୍ତୋରାଁଟି ଶିଳ୍ପାଙ୍କ ହୃଦୟର ଖୁବ ନିକଟତର ବୋଲି ସେ ଏହି ପୋଷ୍ଟରେ ସେ ଜଣାଇଛନ୍ତି । ତେବେ ଏହି ରେସ୍ତୋରାଁ ବନ୍ଦ ହେବାର କାରଣ ସମ୍ପର୍କରେ ସେ କିଛି ବି ମନ୍ତବ୍ୟ ଦେଇନାହାନ୍ତି । ୨୦୧୬ରେ ରଞ୍ଜିତ ବିନ୍ଦ୍ରାଙ୍କ ସହିତ ମିଶି ଶିଳ୍ପା ଏହି ରେସ୍ତୋରାଁ ଆରମ୍ଭ କରିଥିଲେ । ଏହା ମୁମ୍ବାଇରେ ଖୁବ ଲୋକପ୍ରିୟ ରେସ୍ତୋରାଁ ଥିଲା । ଏଠାରେ ପ୍ରତିସମୟରେ ଅନେକ ଗ୍ରାହକଙ୍କର ଭିଡ ଦେଖିବାକୁ ମିଳୁଥିଲା । ୨୦୨୩ରେ ଏହାକୁ ସ୍ଥାନାନ୍ତର ମଧ୍ୟ କରାଯାଇଥିଲା । ହେଲେ ବର୍ତ୍ତମାନ ସମ୍ପୂର୍ଣ୍ଣ ବନ୍ଦ କରାଯାଉଥିବାର ସୂଚନା ମିଳିଛି, ଯାହା ଏହାର ଗ୍ରାହକଙ୍କୁ ନିରାଶ କରିଛି । କିଛି ଦିନ ପୂର୍ବରୁ ଶିଳ୍ପାଙ୍କ ବିରୋଧରେ ୬୦ କୋଟିର ଠକେଇ ଅଭିଯୋଗ ଆସିଥିଲା । ତେବେ ସୋସିଆଲ ମିଡିଆରେ ଉଭୟ ଘଟଣାକୁ ଯୋଡାଯିବା ଆରମ୍ଭ ହୋଇଛି । ସେହି ଠକେଇ ଘଟଣା ସହିତ ରେସ୍ତୋରାଁ ବନ୍ଦ ହେବାର ସମ୍ପର୍କ ରହିଛି ବୋଲି ସମସ୍ତେ ଆଲୋଚନା କରିବା ଆରମ୍ଭ କରିଛନ୍ତି ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୩୨୮
ତିଥି : ତ୍ରୟୋଦଶୀ
୦୫ ସେପ୍ଟେମ୍ବର ୨୦୨୫, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 328
05 Sept 2025, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

DADLS- 47



ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଆଜି ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜନ୍ମ ତିଥି ଅବସରରେ ମୁଁ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

(ହରି ବାବୁ କମ୍ଭମ୍ପାଟି)



ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ
ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ରାଜ୍ୟର ବିକାଶରେ ସମସ୍ତଙ୍କର ସହଯୋଗ କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/13/0991/2526

भारत सरकार
GOVERNMENT OF INDIA

ଆତ୍ମନିର୍ଭର ଭାରତ ନିର୍ମାଣ ଦିଗରେ
ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

ନେକ୍ସଟ୍-ଜେନ୍ ଜିଏସ୍‌ଟି :
୨ ସ୍ଲାବ ବିପ୍ଳବ

ସରଳୀକୃତ ଅନୁପାଳନ ଏବଂ ବର୍ଦ୍ଧିତ ବିଶ୍ୱ ପ୍ରତିଯୋଗିତାମୂଳକ



"ଏକ ବିକଶିତ ଭାରତ ଗଠନ ପାଇଁ, ଆମେ ବନ୍ଦ କରିବୁ ନାହିଁ କିମ୍ବା ମୁଣ୍ଡ ନୁଆଁଇବୁ ନାହିଁ, ଆମେ କଠିନ ପରିଶ୍ରମ କରିବୁ ଏବଂ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ନିର୍ମାଣ କରିବୁ ।"
ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ବ୍ୟବସାୟ ପାଇଁ ଲାଭ

**ଦୁଇ ହାର ଢାଞ୍ଚା**

ଜିଏସ୍‌ଟି ବ୍ୟବସ୍ଥା ଅଧୀନରେ ୯୯% ରୁ ଅଧିକ ସାମଗ୍ରୀ ଏବଂ ସେବା ବର୍ତ୍ତମାନ ଛାଡ଼ ପାଇଛି କିମ୍ବା ଅନ୍ତର୍ଭୁକ୍ତ :

- ୫% ଜିଏସ୍‌ଟି ସ୍ଲାବ
- ୧୮% ଜିଏସ୍‌ଟି ସ୍ଲାବ

ଏହା ବର୍ଗୀକରଣକୁ ସରଳ କରିବ ଏବଂ ମାମଲାଗୁଡ଼ିକୁ ଯଥେଷ୍ଟ ହ୍ରାସ କରିବ

**ପଞ୍ଜିକରଣ**

ଆବେଦନକାରୀଙ୍କ ପାଇଁ ୩ କାର୍ଯ୍ୟ ଦିବସ ମଧ୍ୟରେ ସ୍ୱୟଂଚାଳିତ ପଞ୍ଜିକରଣ:

- ତଥ୍ୟ ବିଶ୍ଳେଷଣ ଉପରେ ଆଧାରିତ ସିଷ୍ଟମ ଦ୍ୱାରା ଚିହ୍ନଟ
- କିଏ ନିର୍ଣ୍ଣୟ କରେ ଯେ ସେ ପ୍ରତି ମାସରେ ୨.୫ ଲକ୍ଷରୁ ଅଧିକ ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ ପାସ୍ କରିବେ ନାହିଁ ଏବଂ ଯୋଜନା ପାଇଁ ବାଛିଥାଏ

ଏହା ପ୍ରାୟ ୯୬% ନୂତନ ଆବେଦନକାରୀଙ୍କୁ ଲାଭ ଦେବ

**ଫେରସ୍ତ**

ସିଷ୍ଟମ ଆଧାରିତ ବିପଦ ମୂଲ୍ୟାଙ୍କନ ମାଧ୍ୟମରେ ଉପଯୁକ୍ତ ଅଧିକାରୀ ଦ୍ୱାରା ଅସ୍ଥାୟୀ ରିଫଣ୍ଡ ମଞ୍ଜୁରୀ ପାଇଁ :

- ଶୂନ୍ୟ ହାରଯୁକ୍ତ ଯୋଗାଣ
- ଓଲଟା ଶୁଳ୍କ ଢାଞ୍ଚା ସହିତ ଯୋଗାଣ

ଏହା ନଗଦ ପ୍ରବାହ ସୀମାକୁ ସହଜ କରିବ ଏବଂ ଭାରତର ଅର୍ଥନୀତିକୁ ବୃଦ୍ଧି କରିବ

ସଂଶୋଧିତ ହାର ଏବଂ ଅନ୍ୟାନ୍ୟ ଜିଏସ୍‌ଟି ପରିବର୍ତ୍ତନର ସମ୍ପୂର୍ଣ୍ଣ ତାଲିକା ପାଇଁ, ଦୟାକରି ସ୍କାନ୍ କରନ୍ତୁ →

@cbic_india @cbicindia @CBICINDIA @cbicindia @CBICIndia www.cbic.gov.in

CBC 15502/13/0007/2526





ନୂଆଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ (ବାମରୁ) କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ, କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ମନୋହରଲାଲ୍ ଖଟ୍ଟରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ।

### ଓସିଆ ଟାୱାର ବେଆଇନ ଭାବେ ହୋଇଛି ନିର୍ମାଣ

# ସିଡିଏ, ସିଏମସି କୁ ହାଇକୋର୍ଟଙ୍କ ନୋଟିସ

କଟକ(ସବ୍ୟୁ): ହରିପୁର ରୋଡ୍ ଅବସ୍ଥିତ ଓସିଆ ଟାୱାରର ବେଆଇନ ଭାବେ ନିର୍ମାଣକୁ ନେଇ ହାଇକୋର୍ଟ ପ୍ରତିପକ୍ଷଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ ଜାରି କରିଛନ୍ତି । ଶ୍ରୀ ଓସିଆ ବିଲଡରର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ମଞ୍ଜୁ ଦେବୀ ସିପାନୀ, ଅନ୍ୟତମ ନିର୍ଦ୍ଦେଶକ କୈଳାସ ଚାନ୍ଦ ଚନ୍ଦକ, ନିର୍ଦ୍ଦେଶକଙ୍କ ପ୍ରତିନିଧି ଅଶୋକ କୁମାର ସିପାନୀ, ସାରିକା ସିପାନୀ, ଚାଟାର୍ଡ ଆକାଉଣ୍ଟ ହରିଶ୍ ଚନ୍ଦକଙ୍କୁ ହାଇକୋର୍ଟ ଏହି ନୋଟିସ୍ ଜାରି କରିଛନ୍ତି । ଏଥିସହ ସିଡିଏ ଏବଂ ସିଏମ୍‌ସିକୁ ମଧ୍ୟ ଜବାବ ଦାଖଲ ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଓସିଆ ଟାୱାରର ସହଯୋଗୀ-ପ୍ରତିଷ୍ଠାତା ତଥା ୨୦୦୭ରୁ ଏହି ସଂସ୍ଥା ଛାଡ଼ି ସାରିଥିବା ସୁରେଶ କୁମାର ଜୈନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏହି ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୭ ତାରିଖକୁ ଧାର୍ଯ୍ୟ ହୋଇଛି ।

ଆବେଦନକାରୀ ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, ଏହି ଟାୱାର ବା ବିଲଡିଂ ନିର୍ମାଣ ପୂର୍ବରୁ ସିଡିଏ ନିକଟରୁ ପ୍ଲାନ୍ ଅନୁମୋଦନ ହୋଇଥିଲା । କିନ୍ତୁ ସିଡିଏ ଯେପରି ପ୍ଲାନ୍ ଅନୁମୋଦନ ଦେଇଥିଲା ସେହି ଆଧାରରେ କରାଯାଇ ନାହିଁ । ଏହି କୋଠା ନିର୍ମାଣ ବେଳେ ସିଡିଏ ପ୍ଲାନ୍‌ର ସମ୍ପୂର୍ଣ୍ଣ ଉଲଂଘନ କରାଯାଇଛି । ଅପରପକ୍ଷରେ ଏହି ବିଲଡିଂର ଫ୍ଲାଟ୍ ପଞ୍ଜିକରଣରେ ମଧ୍ୟ ଜାଲିଆତି କରାଯାଇଛି। କୌଣସି ଫ୍ଲାଟ୍ ପଞ୍ଜିକରଣ ବେଳେ ଉକ୍ତ ବିଲଡିଂର ପ୍ଲାନ୍ ନମ୍ବରକୁ ଆଧାର କରି ପଞ୍ଜିକରଣ କରାଯାଇଥାଏ । କିନ୍ତୁ ଫ୍ଲାଟ୍ ପଞ୍ଜିକରଣ ବେଳେ ଅନ୍ୟ ଏକ ବିଲଡିଂର ପ୍ଲାନ୍ ନମ୍ବର ଦିଆଯାଇଛି। ଫଳରେ ସମ୍ପୂର୍ଣ୍ଣ ବିଲଡିଂଟି ଜାଲିଆତି କାଗଜ ଉପରେ ଛିଡ଼ା ହୋଇଛି ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି।

ବେଆଇନ ଭାବେ ନିର୍ମାଣ କରାଯାଇଥିବା ଏହି ଟାୱାର ପଛରେ ଯେଉଁମାନେ ରହିଛନ୍ତି ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସିଡିଏ ତଥା ଅନ୍ୟ ସରକାରୀ ସଂସ୍ଥାକୁ ପଦକ୍ଷେପ ନେବାଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଏଥିସହ ଏହି ବେଆଇନ ବିଲଡିଂକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେବାକୁ ମଧ୍ୟ ଅଦାଲତ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ କହିଛନ୍ତି। ଆହୁରିମଧ୍ୟ ଏହି ବିଲଡିଂକୁ ନେଇ ଯେତେ ଜମି ଖର୍ଦ୍ଦି-ବିକ୍ରି କରାଯାଇଛି ସେସବୁକୁ ବାତିଲ୍ ଲାଗି ଅଦାଲତ ସିଡିଏ ଏବଂ ସବ୍ ରେଜିଷ୍ଟ୍ରାରଙ୍କୁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଯେଉଁମାନେ ଏଭଳି ବେଆଇନ କାର୍ଯ୍ୟ ପାଇଁ ଦାୟୀ ସେମାନଙ୍କ ବିରୋଧରେ ଫୌଜଦାରୀ ମୋକଦ୍ଦମା, ଏଭଳି ବେଆଇନ କାରବାରର ଏକ ନିରପେକ୍ଷ ତଦନ୍ତ ପାଇଁ ଅଦାଲତ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି । ଅପରପକ୍ଷରେ ସିଡିଏ, ଅଗ୍ନିଶମ ବିଭାଗ ଏବଂ ସିଏମ୍‌ସି ଏହି ଘଟଣାର ଏକ ବିସ୍ତୃତ ତଦନ୍ତ କରି ରିପୋର୍ଟ ଦେବାକୁ ହାଇକୋର୍ଟଙ୍କୁ ପ୍ରାର୍ଥନା କରାଯାଇଛି।

### ଦୁର୍ଗାପୂଜା ପାଇଁ ବିଏମ୍‌ସିର କଡ଼ା ନିର୍ଦ୍ଦେଶ

# ମେଲୋଡିରେ ଅଶ୍ଳୀଳ ନୃତ୍ୟ ମନା

ଭୁବନେଶ୍ୱର(ସବ୍ୟୁ): ପାଖେଇ ଆସୁଛି ଶାରଦୀୟ ଦୁର୍ଗାପୂଜା । ରାଜଧାନୀରେ ୧୯୦ରୁ ଅଧିକ ପୂଜା ମଣ୍ଡପ ହେଲାଣି । ଚଳିତ ଦୁର୍ଗାପୂଜା ଆୟୋଜନକୁ ନେଇ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏଥର ପୂଜା ମଣ୍ଡପରେ ଏକକ ପ୍ଲାଷ୍ଟିକ ବ୍ୟବହାରକୁ ନାଁ, ରାସ୍ତା ଓ ଆଲୋକ ମରାମତି, ଖାଦ୍ୟ ସୁରକ୍ଷା ଯାଞ୍ଚ, ଟ୍ରାଫିକ ଓ ପାର୍କିଂ ପରିଚାଳନା, ଅଗ୍ନି ସୁରକ୍ଷା, ଅସ୍ଥାୟୀ ବିସର୍ଜନ ପୁଷ୍କରିଣୀ, କଣ୍ଟ୍ରୋଲ ରୁମ୍, ପୂଜା ପେଣ୍ଡାଲରେ ପରିମଳର ସଚେତନତା ବାର୍ତ୍ତା ସାଙ୍ଗକୁ ସଂଯୁକ୍ତ ବିଭାଗୀୟ ଅଧିକାରୀମାନେ ନିଜ ନିଜ କାର୍ଯ୍ୟ ଅବଧି ମଧ୍ୟରେ ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହାସହ ପୂଜା ମେଲୋଡିରେ ଅଶ୍ଳୀଳ ନୃତ୍ୟକୁ ମନା କରାଯାଇଛି । ପୂଜାକୁ ନେଇ ବିଏମସିର ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ପୂଜାରେ ପାର୍କିଂକୁ ଗୁରୁତ୍ୱ ପ୍ରଦାନ କରାଯାଇଛି । ପାର୍କିଂ ନଥିଲେ ମୀନା ବଜାର ପଡ଼ିବନି କି ରାବଣ ପୋଡ଼ି ପାଇଁ ଅନୁମତି ମିଳିବନି ବୋଲି ବୈଠକରେ ନିଷ୍ପତ୍ତି ହୋଇଛି ।

ଏଥର ପ୍ଲାଷ୍ଟିକ ଫ୍ରି ପୂଜା, ସୁବନ୍ଦୋବସ୍ତିତ ପାର୍କିଂ ଓ ସ୍ୱଚ୍ଛତା ରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ । କର୍ପୋରେଟରମାନେ ନିଜ ନିଜ ଅଞ୍ଚଳର ସମସ୍ୟା ତଥା ପୂଜା କମିଟିର ଆବଶ୍ୟକତା ସମ୍ପର୍କରେ ଅବଗତ କରାଯାଇଛି । ଆଗକୁ ବିଭିନ୍ନ ପୂଜା କମିଟି ସହ ଏକ ବୈଠକ

**ଭସାଣିରେ ଲେଜର ଲାଇଟ୍, ଡିଜେକୁ ନା**
**ପାର୍କିଂ ନଥିଲେ ମୀନା ବଜାର, ରାବଣ ପୋଡିକୁ ବାରଣ**

ମଧ୍ୟ ଅନୁଷ୍ଠିତ ହେବ । ଯେଉଁଠାରେ ଷ୍ଟ୍ରିଟ୍ ଲାଇଟର ସମସ୍ୟା ରହିଛି, ତାହାର ସମାଧାନ ୪୮ ଘଣ୍ଟା ମଧ୍ୟରେ କରାଯିବ । ଏଥିପାଇଁ ଏଜେନ୍ସିମାନେ ଲୋକବଳ ବଢ଼ାଇବାକୁ କୁହାଯାଇଛି । ଏହାସହ ରାସ୍ତା ମରାମତି ଉପରେ ପ୍ରାଧାନ୍ୟ ଦିଆଯାଉଛି । ସାଢ଼େ ୯ରୁ ୧୦ କୋଟିର ଟେଣ୍ଡର ହୋଇ କାର୍ଯ୍ୟାଦେଶ ଦିଆଯାଇଥିବା ରାସ୍ତାକାମ ଚଳିତ ମାସରେ ଶେଷ କରିବାକୁ ନିର୍ଦ୍ଦେଶ ରହିଛି ।

ସେହିଭଳି ଭସାଣି ଉସିବକୁ ମଧ ଶୃଙ୍ଖଳିତ କରିବା ପାଇଁ ପଦକ୍ଷେପ ନିଆଯିବ । ଓ୍ୱାଟକୋ ଭଳି ଅନ୍ୟାନ୍ୟ ବିଦ୍ୟୁତ ବିଭାଗ ଯେପରି ରୋଡ୍ ଖୋଳିବା କିମ୍ବା କେଉଁଠାରେ ନୂଆ ରୋଡ୍ ବର୍ତ୍ତମାନ ନିର୍ମାଣ ନକରିବା ପାଇଁ ପରାମର୍ଶ ଦିଆଯାଇଛି । ଅନାବନା ଭାବେ ବଢ଼ିଥିବା ଗଛ ଡାଳ କାଟିବା ପାଇଁ ଟିପିସିଓଡିଏଲକୁ କୁହାଯାଇଛି । ବର୍ଷା ନେଇ ଜଳବନ୍ଦୀ ସମସ୍ୟାକୁ ନେଇ ଆମେ ୩ ମାସ ହେଲା ପ୍ରସ୍ତୁତ ଅଛୁ । ଜଳବନ୍ଦୀ ସମସ୍ୟାର ମୁକାବିଲା ପାଇଁ ର୍‍ୟାପିଡ ରେସପନ୍ସ ଟିମ୍ ସର୍ବଦା ପ୍ରସ୍ତୁତ ହୋଇ ଅଛନ୍ତି ବୋଲି ବିଏମସି କମିଶନର ଚଞ୍ଚଳ ରାଣା କହିଛନ୍ତି । ବିଏମସି ମେୟର ସୁଲୋଚନା ଦାସ କହିଥିଲେ, ପୋଲିସ ବିଭାଗ ଦ୍ୱାରା ମେଲୋଡିରେ ଅଶ୍ଳୀଳ ନୃତ୍ୟ ଉପରେ ରୋକ ଲଗାଯାଇଛି । ଲେଜର ଲାଇଟ୍ ଓ ଡିଜେକୁ ମଧ ବାରଣ କରାଯାଇଛି । ରାବଣ ପୋଡି ହେଉ ବା ମଣ୍ଡପ ନିକଟରେ ଲୋକ କିପରି ସୁରକ୍ଷିତ ରହିବେ ଏବଂ ପାର୍କିଂ ପ୍ରତି ଗୁରୁତ୍ୱ ଦିଆଯାଇଛି । ସମସ୍ତ ପୂଜାମଣ୍ଡପ ଏହାର ବ୍ୟବସ୍ଥା କରିବେ । ଜରୁରୀକାଳିନ ଯାନ ଚଳାଚଳ କରିପାରିବା ଭଳି ଉଚ୍ଚତା ବିଶିଷ୍ଟ ତୋରଣ ଓ ସାଜସଜ୍ଜା ରହିବ । ପ୍ରତିବର୍ଷ ଭଳି ଚଳିତ ବର୍ଷ ପ୍ରତି ଓ୍ୱାର୍ଡକୁ ୫ଲକ୍ଷ ଟଙ୍କାର ଏକ ବଜେଟ୍ ଦିଆଯାଇଛି । ମୀନାବଜାରରେ ଖାଦ୍ୟ ମାନ ନିୟମିତ ଯାଞ୍ଚ କରାଯିବ । ମିଠା ଦୋକାନ ଉପରେ ମଧ ନଜର ରହିବ । ପୂଜା ମଣ୍ଡପଗୁଡ଼ିକରୁ ପୂଜାଫୁଲ ସଂଗ୍ରହ ପାଇଁ ବିଏମସି ଗାଡ଼ି ପହଞ୍ଚିବ । ସେହିପରି ପ୍ଲାଷ୍ଟିକମୁକ୍ତ ପୂଜା ସୁନିଶ୍ଚିତ କରିବା ପାଇଁ ପୂଜାମଣ୍ଡପ ଗୁଡ଼ିକୁ ପରାମର୍ଶ ଦିଆଯାଇଛି । ଏହା ବ୍ୟତୀତ ବିଏମସି ପକ୍ଷରୁ ପ୍ରତିବର୍ଷ ଭଳି କଣ୍ଟ୍ରୋଲରୁମ୍ କାର୍ଯ୍ୟକ୍ଷମ ହେବ । ପୂଜା ସମୟରେ ଅଧିକ ବୁଲା କୁକୁର ଥିବା ଅଞ୍ଚଳରୁ ନେଇ ବିଏମ୍‌ସି ସାଧମତେ କେନେଲରେ ପୂଜା ସମୟରେ ରଖିବାକୁ ଯୋଜନା କରାଯାଉଛି । ଏହି ବୈଠକର ପରିଚାଳନା ଅତିରିକ୍ତ କମିଶନର ରନିକର ସାହୁ, କୈଳାଶ ଚନ୍ଦ୍ର ଦାସ ଓ ଡେପୁଟି କମିଶନର ଏନ ଗଣେଶ ବାବୁ ଉପସ୍ଥିତ ଥିଲେ ।



ଭାରତର ପୂର୍ବତନ କମ୍ପଟ୍ରୋଲର୍ ଓ ଅଡିଟର୍ ଜେନେରାଲ୍ (ସିଏଜି), ଜମ୍ମୁ ଓ କାଶ୍ମୀରର ପୂର୍ବତନ ଲେଫ୍ଟନାଣ୍ଟ ଗଭର୍ଣ୍ଣର ତଥା ଶ୍ରୀମନ୍ଦିର ପରିଚାଳନା କମିଟିର ନୂତନ ସଦସ୍ୟ ଡ଼ଃ ଗିରିଶ ଚନ୍ଦ୍ର ମୁର୍ମୁ ଗୁରୁବାର ରାଜ୍ୟ ଅତିଥି ଭବନ ଠାରେ ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ଅବସରରେ ଶ୍ରୀମନ୍ଦିର ସମ୍ପର୍କିତ ବିଭିନ୍ନ ଯୋଜନା ଏବଂ ପୁରୀ ସହରର ସର୍ବାଙ୍ଗୀନ ବିକାଶ ଦୃଷ୍ଟିରୁ ଅନେକ ଫଳପ୍ରଦ ଆଲୋଚନା ହୋଇଥିଲା ।

## ରେଭେନସାରେ ଛାତ୍ରଛାତ୍ରୀ ଓ ରାଜନୀତି ସଂକ୍ରାନ୍ତୀୟ ଆଲୋଚନାଚକ୍ର

କଟକ,(ସବ୍ୟୁ): ଛାତ୍ରଛାତ୍ରୀ ଓ ରାଜନୀତି ସେମାନେ ପରସ୍ପରଠାରୁ ଅବିଚ୍ଛେଦ୍ୟ କି?ଏହି ଶୀର୍ଷକରେ ଗୋପବନ୍ଧୁ ବିଚାର ମଂଚ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଶାଖା ପକ୍ଷରୁ ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଓଡିଶା ହାଇକୋର୍ଟର ବରିଷ୍ଠ ଓକିଲ ଶ୍ରୀଯୁକ୍ତ ଲକ୍ଷ୍ମୀଧର ପଙ୍ଗାରୀ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ । ଗୋପବନ୍ଧୁ ବିଚାର ମଂଚ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଶାଖାର ଆବାହକ ସ୍ୱପ୍ନାରାଣୀ ପ୍ରଧାନ ସଭାପତିତ୍ୱ କରିଥିଲେ। ଏହି ଆଲୋଚନାରେ ରେଭେନ୍ସାର ବିଭିନ୍ନ ବିଭାଗରୁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ରିସର୍ଚ୍ଚ ସ୍କଲାର ଓ ଅଧ୍ୟାପକମାନେ ଯୋଗ ଦେଇ ଆଲୋଚନା ଚକ୍ରକୁ ପ୍ରାଣବନ୍ତ ଓ ଶିକ୍ଷଣୀୟ କରିଥିଲେ ।

# ସ୍ନେହାଙ୍ଗିନୀ ଛୁରିଆ ବିଜୁ ମହିଳା ଜନତା ଦଳ ସଭାନେତ୍ରୀ

### ୩ ଜିଲ୍ଲା ଲାଗି ବିଜେଡି ସଭାପତି ନିଯୁକ୍ତି

ଭୁବନେଶ୍ୱର (ସବ୍ୟୁ): ବିଜୁ ମହିଳା ଜନତା ଦଳର ସଭାନେତ୍ରୀଭାବେ ସ୍ନେହାଙ୍ଗିନୀ ଛୁରିଆଙ୍କୁ ନିଯୁକ୍ତି ଦିଆଯାଇଛି। ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ତାଙ୍କୁ ନିଯୁକ୍ତି ଦେଇଥିବା ସଂପର୍କରେ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

ସେହିଭଳି ମହିଳା ବ୍ୟାପାର ବୁଝିବା ଲାଗି ଦଳର ସାଧାରଣ ସଂପାଦିକା ସୁମିତ୍ରା ଜେନା, ରାଜଶ୍ରୀ ମଲ୍ଲିକ, ଲେଖାଶ୍ରୀ ସାମନ୍ତସିଂହାର, ସୁଲୋଚନା ଦାସ, ସୁଲୋତା ଦେଓ, ବର୍ଷା ସିଂହ ବରିହା, ସସ୍ମିତା ସେଠୀ, ଶ୍ରୀମୟୀ ମିଶ୍ର, ଲୋପାମୁଦ୍ରା ବକ୍ସିପାତ୍ର, ମିନତୀ ବେହେରା, କସ୍ତୁରୀ ମହାପାତ୍ର, ପଦ୍ମିନୀ ଦିଆନ, ଦିପାଳୀ ଦାସ, ରଞ୍ଜିତା ସାହୁ ଓ ଗୀତାଞ୍ଜଳୀ ବସ୍ତିଆଙ୍କୁ ଶ୍ରୀ ପଟ୍ଟନାୟକ ନିଯୁକ୍ତି ଦେଇଛନ୍ତି।

ଏହାଛଡା ୩ ଜିଲ୍ଲାର ବିଜେଡି ସଭାପତି ଓ କାର୍ଯ୍ୟକାରୀ ସଭାପତିଙ୍କୁ ନିଯୁକ୍ତି ଦିଆଯାଇଛି। ଢ଼େଙ୍କାନାଳ ଜିଲ୍ଲା ଲାଗି ନୃସିଂହ ଚରଣ ସାହୁ ସଭାପତି ହୋଇଥିଲାବେଳେ ସନ୍ଦୀପ ସଡଙ୍ଗୀଙ୍କୁ କାର୍ଯ୍ୟକାରୀ ସଭାପତି, କୋରାପୁଟ ଜିଲ୍ଲା ଲାଗି ଝିନ୍ନ ହିକ୍କା ସଭାପତି ହୋଇଥିଲାବେଳେ ଦୁର୍ଗା ମିଶ୍ର ଓ ପ୍ରସାଦ ବିଡିକା କାର୍ଯ୍ୟକାରୀ ସଭାପତି, ରାୟଗଡା ଜିଲ୍ଲାଲାଗି ଜଗନ୍ନାଥ ସାରକା ସଭାପତି ଓ ଗୟାଧର ପୁଲାଓ ଏବଂ ରଞ୍ଜୀତ କୁମାର ପାଣିଗ୍ରାହୀଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି।

### ଶ୍ରୀ ନଅରରେ ସୁନିଆ ଉତ୍ସବ ପାଳିତ

## ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କର ଆରମ୍ଭ ହେଲା ୧୪୩୩ ସାଲ ଓ ୬୯ ଅଙ୍କର ପ୍ରବେଶ

ପୁରୀ (ସବ୍ୟୁ): ଆଜି ହେଉଛି ପବିତ୍ର ସୁନିଆ ଉତ୍ସବ । ଆଜିଠାରୁ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କର ଆରମ୍ଭ ହୋଇଛି ୧୪୩୩ ସାଲ ଓ ୬୯ ଅଙ୍କର ପ୍ରବେଶ। ଏହି ଅବସରରେ ଆଜି ସନ୍ଧ୍ୟାରେ ପୁରୀ ଗଜପତିଙ୍କ ଶ୍ରୀନଅରରେ ପାଳିତ ହୋଇଛି ସୁନିଆଁ ଉତ୍ସବ। ଆଜି ଠାରୁ ଗଜପତି ମହାରାଜାଙ୍କର ୬୯ ଅଙ୍କ ଆରମ୍ଭ ହୋଇଛି। ଜାତକ ଓ ପାଞ୍ଜି, ଅଙ୍କ ଗଣନାର ରହିଛି ବିଶେଷ ମହତ୍ୱ। ସୁନିଆଁ ଅବସରରେ ଶ୍ରୀନହର ପ୍ରାଙ୍ଗଣରେ ଥିବା କନକ ଦୁର୍ଗାଙ୍କ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା କରାଯାଇ ଥିଲା । ମା କନକଦୁର୍ଗା, ଶ୍ୟାମାକାଳୀ, ରାଧାକୃଷ୍ଣ ,ନୃସିଂହ ଆଦି ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରି ଛନ୍ତି ଗଜପତି ମହାରାଜ । ଗଜପତିଙ୍କର ଏହି ପୂଜାକୁ ଦେବାର୍ଚ୍ଚନା କୁହାଯାଏ। ଦେବାର୍ଚ୍ଚନା ଓ ମଙ୍ଗଳାର୍ପଣ ପରେ ଶ୍ରୀନହରରେ ସୁନିଆଁର ବିଶେଷ ପର୍ବ ଆରମ୍ଭ ହୋଇ ଥିଲା । ଗଜପତିଙ୍କ ଉପସ୍ଥିତିରେ ଶ୍ରୀନହରରେ ଅଙ୍କ କଟା ନିତୀ ସମ୍ପାଦନ କରା ଯାଇ ଥିଲା। ଏହି ଅବସରରେ ଶ୍ରୀନହର ପକ୍ଷରୁ ନୂତନ ଅଙ୍କ ପାଇଁ ଏକ ସ୍ୱର୍ଣ୍ଣ ମୁଦ୍ରା ପ୍ରଚଳନ କରା ଯାଇଛି । ରାଜଗୁରୁଙ୍କ ଉପସ୍ଥିତିରେ ବରାହ ନୃସିଂହ, ଲକ୍ଷ୍ମୀ ନୃସିଂହ ଆଦି ଦେବାଦେବୀଙ୍କ ଚିହ୍ନ ଥିବା ମୁଦ୍ରାକୁ ନହର କରଣ ପ୍ରଚଳନ କରାଇବା ସହ ଗଜପତି ମହାରାଜ ଏହାକୁ ଘୋଷଣା କରି ଛନ୍ତି।



### ଏନ୍‌ଆଇଆର୍‌ଏଫ୍ ଇଣ୍ଡିଆ ରାଙ୍କିଂ -୨୦୨୫ ଉନ୍ମୋଚିତ

## ଶିକ୍ଷାନୁଷ୍ଠାନର ଶକ୍ତି ଓ ଛାତ୍ରଛାତ୍ରୀଙ୍କ ବିଶ୍ୱାସକୁ ପ୍ରତିଫଳିତ କରୁଛି ଏନ୍‌ଆଇଆରଏଫ୍ ରାଙ୍କିଂ : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ନ୍ୟାସନାଲ ଇନଷ୍ଟିଟ୍ୟୁସନ ରାଙ୍କିଙ୍ଗ ଫ୍ରେମୱାର୍କ(ଏନଆଇଆରଏଫ) ରାଙ୍କିଂ ଆମର ଅନୁଷ୍ଠାନର ଶକ୍ତି ଏବଂ ଆମର ଛାତ୍ରଛାତ୍ରୀଙ୍କ ବିଶ୍ୱାସକୁ ପ୍ରତିଫଳିତ କରୁଛି ବୋଲି ଆଜି ନୂଆଦିଲ୍ଲୀରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଏନଆଇଆରଏଫ ଅନ୍ତର୍ଗତ "ଇଣ୍ଡିଆ ରାଙ୍କିଙ୍ଗ – ୨୦୨୫"କୁ ଉନ୍ମୋଚନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ବର୍ଷର ରାଙ୍କିଂରେ ସ୍ଥାନ ପାଇଥିବା ସମସ୍ତ ଅନୁଷ୍ଠାନକୁ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି ଏନଆଇଆରଏଫ୍ ଆଜି ଏକ ଜାତୀୟ ବେଞ୍ଚମାର୍କରେ ପରିଣତ ହୋଇଛି । ଜାତୀୟ ଶିକ୍ଷା ନୀତି ୨୦୨୦ ଆମର ଉଚ୍ଚ ଶିକ୍ଷାନୁଗୁଡ଼ିକର ବିକାଶ ପାଇଁ ଏକ ରୋଡମ୍ୟାପ ପ୍ରସ୍ତୁତ କରିଛି, ଯେଉଁଥିରେ ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକର ମାନ୍ୟତାକୁ ଉନ୍ନତ କରିବାର ଯୋଜନା ମଧ୍ୟ ସାମିଲ ଅଛି । ଏନଆଇଆରଏଫ ଭାରତକୁ ଏକ ଜ୍ଞାନ ମହାଶକ୍ତିରେ ପରିଣତ



କରିବା ପାଇଁ ଆମର ଯାତ୍ରାରେ ଏକ ବିଶ୍ୱସ୍ତ ସ୍ତମ୍ଭ ଭାବରେ ଉଭା ହୋଇଛି । ଆମକୁ ଆମର ଆକ୍ରିଡେସନ ଢାଞ୍ଚାରେ ଉଚ୍ଚ ବେଞ୍ଚମାର୍କ ସ୍ଥାପନ କରିବାକୁ ପଡ଼ିବ । ଏନଆଇଆରଏଫ୍ ସର୍ବୋତ୍ତମ ମାନ୍ୟତା ଢାଞ୍ଚା ମଧ୍ୟରୁ ଗୋଟିଏ ଭାବରେ ବିକଶିତ ହେବ । ଅଧିକ ତଥ୍ୟ ଚାଳିତ ଆଭିମୁଖ୍ୟ ସହ ଆହୁରି ଅଧିକ ରାଙ୍କିଂ ପାରାମିଟର, ବର୍ଗ ଏବଂ ଅଧିକ ପ୍ରତିଷ୍ଠାନ ସହିତ ଯୋଡିହେବ । ଆମର ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ନବସୃଜନ ଏବଂ ଉଦ୍ୟୋଗ ପାଇଁ ସମୃଦ୍ଧ କ୍ଷେତ୍ର ହେବା ସହ ଏନଆଇଆରଏଫ ଢାଞ୍ଚାରେ ସାମିଲ ହେବା ଦିଗରେ ସେ ଆହ୍ୱାନ କରିଛନ୍ତି ।

ଇଣ୍ଡିଆ ରାଙ୍କିଙ୍ଗର ପ୍ରଥମ ସଂସ୍କରଣ ୨୦୧୬ରେ ଗୋଟିଏ ବର୍ଗ ଏବଂ ତିନୋଟି ବିଷୟ ଡୋମେନ୍ ଯଥା ବିଶ୍ୱବିଦ୍ୟାଳୟ, ଇଞ୍ଜିନିୟରିଂ ଓ ମ୍ୟାନେଜମେଣ୍ଟ ଓ ଫାର୍ମାସୀରେ ପ୍ରକାଶିତ ହୋଇଥିଲା । ପରବର୍ତ୍ତୀ ସମୟରେ ୨୦୧୭ ରୁ ୨୦୨୫ ପର୍ଯ୍ୟନ୍ତ ନୂତନ ବର୍ଗ ଏବଂ ବିଷୟ ଡୋମେନ୍ ଯୋଡାଯାଇଛି । ଚଳିତ ଥର ଆଇଆଇଟି ମାଡ୍ରାସ କ୍ରମାଗତ ସପ୍ତମ ବର୍ଷ ପାଇଁ ଓଭରାଲ ବର୍ଗରେ ପ୍ରଥମ ସ୍ଥାନ ବଜାୟ ରଖିଛି । ଓଭରାଲ ବର୍ଗରେ ଶ୍ରେଷ୍ଠ ୧୦୦ ତାଲିକାରେ ୨୪ଟି ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ, ୨୨ଟି ଘରୋଇ ଡିମ୍ଡ୍ ବିଶ୍ୱବିଦ୍ୟାଳୟ, ୧୯ଟି ଆଇଆଇଟି ଏବଂ ଆଇଆଇଏସସି, ୯ଟି ଘରୋଇ ବିଶ୍ୱବିଦ୍ୟାଳୟ, ୮ଟି ଏନଆଇଟି, ୭ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଆସୁଥିବା ୫ଟି ମେଡିକାଲ୍ ପ୍ରତିଷ୍ଠାନ, ୪ଟି ଆଇଜର, ୧ଟି କଲେଜ ଏବଂ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଆସୁଥିବା ଆଇଏଆରଆଇ ସାମିଲ । ବିଶ୍ୱବିଦ୍ୟାଳୟଗୁଡ଼ିକରେ ଆଇଆଇଏସସି ବେଙ୍ଗାଲୁରୁ, ମ୍ୟାନେଜମେଣ୍ଟରେ ଆଇଆଇଏମ ଅହମ୍ମଦବାଦ ଏବଂ ମେଡିକାଲ ବର୍ଗରେ ଏମ୍ସ ଦିଲ୍ଲୀ ୧ ନମ୍ବର ରହିଛି । ଜାମିଆ ହମଦର୍ଦ, ନୂଆଦିଲ୍ଲୀ ଲଗାତାର ଦ୍ୱିତୀୟ ବର୍ଷ ପାଇଁ ଫାର୍ମାସିରେ ରାଙ୍କିଙ୍ଗରେ ଶୀର୍ଷରେ ରହିଛି। ଏହି କାର୍ଯ୍ୟକ୍ରମରେ ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ସୁକାନ୍ତ ମଜୁମଦାର, ଉଚ୍ଚ ଶିକ୍ଷା ବିଭାଗର ସଚିବ ଡକ୍ଟର ବୀନିତ ଯୋଶୀ, ଏଆଇସିଟିଇର ଚେୟାରମ୍ୟାନ ପ୍ରଫେସର ଟିଜି ସୀତାରାମ ,ଏନଇଟିଏଫ, ନାକ୍ ଏବଂ ଏନବିଏର ଚେୟାରମ୍ୟାନ ପ୍ରଫେସର ଅନିଲ ସହସ୍ରବୁଦ୍ଧେ, ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନର କୁଳପତି ଓ ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୨୮
ତିଥି : ତ୍ରୟୋଦଶୀ
୦୫ ସେପ୍ଟେମ୍ବର ୨୦୨୫, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 328
05 Sept 2025, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଜିଏସ୍‌ଟି ହ୍ରାସ ଏକ ଯୁଗାନ୍ତକାରୀ ନିଷ୍ପତ୍ତି

ଭୁବନେଶ୍ୱର, ୪।୯ (ସବ୍ୟୁ) : ଦ୍ରବ୍ୟ ସେବା କର (ଜିଏସ୍‌ଟି) ହାର କମାଇବା ଓ କେତେକ ସାମଗ୍ରିକୁ କରମୁକ୍ତ କରାଯିବା ଏକ ଯୁଗାନ୍ତକାରୀ ନିଷ୍ପତ୍ତି। ୨୦୪୭ ସୁଦ୍ଧା ବିକଶିତ ଭାରତର ପ୍ରଧାନମନ୍ତ୍ରୀ ଯେଉଁ ପରିକଳ୍ପନା କରିଛନ୍ତି ତାକୁ ସାକାର କରିବା ପାଇଁ ଦେଶର ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି। ଏହି ଲକ୍ଷ୍ୟ ହାସଲ କରିବା ପାଇଁ କର ପ୍ରଶାସନରେ ବ୍ୟାପକ ସଂସ୍କାରର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।



ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱାସ୍ଥ୍ୟ ଓ ଜୀବନ ବୀମା ଜନିତ ସେବା ଉପରୁ କର ଆଦାୟ ନକରିବାର ନିଷ୍ପତ୍ତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ମଧ୍ୟବିତ୍ତ ଓ ନିମ୍ନ ଆୟକାରୀ ପରିବାରମାନଙ୍କୁ ବୀମାଭୁକ୍ତ ହେବା ନିମନ୍ତେ ଉତ୍ସାହିତ କରିବ । କେନ୍ଦୁପତ୍ର ଉପରୁ ଜିଏସଟି ହ୍ରାସ ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରିବା ଆମ ରାଜ୍ୟ ତଥା ଦେଶର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ଏକ ଆନନ୍ଦର ବିଷୟ

ଏହା ଦ୍ୱାରା କେନ୍ଦୁପତ୍ରର ବିକ୍ରି ବଢ଼ିବ ଓ କେନ୍ଦୁପତ୍ର ତୋଳାଳିଙ୍କ ଉପାର୍ଜନ ବଢ଼ିବା ସହ ସେମାନେ ଉଚିତ ମୂଲ୍ୟ ପାଇବେ । ଏହା ଦ୍ୱାରା ରାଜ୍ୟର ଅଣସଂଗଠିତ କ୍ଷେତ୍ରରେ କାମ କରୁଥିବା କେନ୍ଦୁପତ୍ର ତୋଳାଳିମାନେ, କେନ୍ଦୁପତ୍ର କିଣୁଥିବା ସରକାରୀ (୯ ପୃଷ୍ଠାରେ)

# ୟୁରୋପୀୟ ପରିଷଦ ଅଧ୍ୟକ୍ଷଙ୍କ ସହ ମୋଦୀଙ୍କ ବାର୍ତ୍ତାଳାପ

ନୂଆଦିଲ୍ଲୀ, ୪।୯ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ଏବଂ ୟୁରୋପୀୟ ଆୟୋଗର ଅଧ୍ୟକ୍ଷ ମାନ୍ୟବର ଉର୍ସୁଲା ଭନ୍ ଡେର୍ ଲେୟେନଙ୍କ ସହ ଏକ ମିଳିତ ଟେଲିଫୋନ୍ ବାର୍ତ୍ତାଳାପ କରିଛନ୍ତି।



## ୟୁକ୍ରେନ ଯୁଦ୍ଧ ଅବସାନ ଲାଗି ହେବ ମିଳିତ ପ୍ରୟାସ

ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ଶକ୍ତି ଭାବେ ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ବିଶ୍ୱାସ, ସହଭାଗୀ ମୂଲ୍ୟବୋଧ ଏବଂ ଭବିଷ୍ୟତ ପାଇଁ ଏକ ସାଧାରଣ ଦୃଷ୍ଟିକୋଣ ଆଧାରରେ ଏକ ସୁଦୃଢ଼ ଏବଂ ଘନିଷ୍ଠ ସମ୍ପର୍କ ରହିଛି। ବୈଶ୍ୱିକ ପ୍ରସଙ୍ଗଗୁଡ଼ିକର ମିଳିତ ସମାଧାନ, ସ୍ଥିରତା ବୃଦ୍ଧି ଏବଂ ପାରସ୍ପରିକ ସମୃଦ୍ଧି ପାଇଁ ନିୟମ ଆଧାରିତ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବାରେ ଭାରତ-ୟୁରୋପୀୟ ସଂଘ ରଣନୈତିକ ଭାଗିଦାରୀର ଭୂମିକା ଉପରେ ନେତାମାନେ ରେଖାଙ୍କିତ କରିଥିଲେ।

ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା, ନିବେଶ, ନବସୃଜନ, ସ୍ଥିରତା, ପ୍ରତିରକ୍ଷା, ସୁରକ୍ଷା ଏବଂ ଯୋଗାଣ ଶୃଙ୍ଖଳାର ନମନୀୟତା ଭଳି ପ୍ରମୁଖ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କରେ ଅଗ୍ରଗତିକୁ ମଧ୍ୟ ନେତାମାନେ ସ୍ୱାଗତ କରିଥିଲେ ଏବଂ ଭାରତ-ୟୁରୋପୀୟ ସଂଘ ଏଫଟିଏ ଆଲୋଚନାର ଶୀଘ୍ର ସମାପ୍ତି ତଥା ଆଇଏମଇଇସି କରିଡରର କାର୍ଯ୍ୟକାରିତା ପାଇଁ ସହଭାଗୀ ପ୍ରତିବଦ୍ଧତାକୁ ଦୋହରାଇଥିଲେ।

ଫେବୃଆରୀରେ (୯ ପୃଷ୍ଠାରେ)

# ଏନ୍‌ଆଇଆରଏଫ୍ ର‌୍ୟାଙ୍କିଂ ଆଇଆଇଟି ମାଡ୍ରାସ ଶ୍ରେଷ୍ଠ

ନୂଆଦିଲ୍ଲୀ, ୪।୯ : ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁସନାଲ ର‌୍ୟାଙ୍କିଂ ଫ୍ରେମୱାର୍କ (ଏନ୍‌ଆଇଆରଏଫ୍) ପକ୍ଷରୁ ଉଚ୍ଚଶିକ୍ଷାରେ ଦଶମ ସଂସ୍କରଣର ର‌୍ୟାଙ୍କିଂ ଜାରି କରାଯାଇଛି। ଚଳିତ ବର୍ଷ ଆଇଆଇଟି ମାଡ୍ରାସ ସପ୍ତମ ଥର ଲାଗି ୧ନଂ ତାଲିକାରେ ରହିଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାରତ ମଣ୍ଡପରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ରିପୋର୍ଟକୁ ସାର୍ବଜନୀନ କରିଛନ୍ତି।

୧୭ଟି ବର୍ଗରେ ଶିକ୍ଷାନୁଷ୍ଠାନ ପ୍ରଦର୍ଶନକୁ ବିଚାର କରାଯାଇ ର‌୍ୟାଙ୍କିଂ କରାଯାଇଛି। ଓଭରଅଲ୍ ବିଶ୍ୱବିଦ୍ୟାଳୟ, କଲେଜ, ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍, ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ, ଫାର୍ମାସି, ମେଡିକାଲ, ଡେଣ୍ଟାଲ, ଆଇନ୍, ଆର୍କିଟେକ୍ଚର, ପ୍ଲାନିଂ, ଇନୋଭେସନ, ମୁକ୍ତ ବିଶ୍ୱବିଦ୍ୟାଳୟ, ଦକ୍ଷତା ବିଶ୍ୱବିଦ୍ୟାଳୟ, (୯ ପୃଷ୍ଠାରେ)

# କୋମାରେ ସଂଗୀତ ନିର୍ଦ୍ଦେଶକ ଅଭିଜିତ୍

ଭୁବନେଶ୍ୱର, ୪।୯ (ସବ୍ୟୁ) : ନିମୋନିଆ ସମେତ ବହୁବିଧ ରୋଗରେ ପୀଡ଼ିତ ଓଲିଉଡ୍ ସଂଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମ୍‌ଦାର ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ କୋମାରେ ଥିବା ମେଡିକାଲ ବୁଲେଟିନ୍‌ରୁ ଜଣାପଡ଼ିଛି। ସେ ମଧ୍ୟାହ୍ନ ପରଠାରୁ ଆଇସିୟୁରେ ଭେଣ୍ଟିଲେଟରରେ ଅଛନ୍ତି ।

ଅଭିଜିତ୍ ମଜୁମଦାର ଓଡ଼ିଶାର ଲୋକପ୍ରିୟ ସଂଗୀତ ନିର୍ଦ୍ଦେଶକ । ସେ ଅସୁସ୍ଥ ହୋଇ କଟକର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ସ୍ୱାସ୍ଥ୍ୟାବସ୍ଥା



ଗୁରୁତର ହେବାରୁ ତାଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଥିଲା । ଏମ୍ସରେ ଆଡ୍‌ମିଶନ ହେବାପରେ ବହୁ ପରୀକ୍ଷା ନିରୀକ୍ଷା କରାଯିବା ପରେ ବହୁବିଧ ରୋଗରେ ପୀଡ଼ିତ ଥିବା ଜଣାପଡ଼ିଛି । ନିମୋନିଆ ସାଙ୍ଗକୁ ଥାଇରଡ଼, ବିପି, ଲିଭର ସମସ୍ୟାରେ ଗୁରୁତର ଭାବେ ପୀଡ଼ିତ ଅଛନ୍ତି । ଶରୀରର ବହୁ ଅଙ୍ଗପ୍ରତ୍ୟଙ୍ଗ କାମ କରୁ ନଥିବା ଏମ୍‌ସ ପକ୍ଷରୁ କୁହାଯାଇଛି । ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ଥିବାରୁ ଓଲିଉଡ୍ କଳାକାରଙ୍କ ମଧ୍ୟରେ ଚର୍ଚ୍ଚା ହେବା ସାଙ୍ଗକୁ (୯ ପୃଷ୍ଠାରେ)

# ସୁଭଦ୍ରା ଜାଲ୍ ହିତାଧିକାରୀ ଖୋଳତାଡ଼

- ୪ ଚକିଆ ଗାଡ଼ି ଥିବା ତଥ୍ୟ ଦେବାକୁ ଚିଠି
- ପଞ୍ଜୀକରଣ କରି ଧାନ ବିକିଥିବାର ଯାଞ୍ଚ ହେବ

ଭୁବନେଶ୍ୱର, ୪।୯ (ସବ୍ୟୁ): ରାଜ୍ୟ ସରକାରଙ୍କ ଆକାଂକ୍ଷୀ ଯୋଜନା 'ସୁଭଦ୍ରା'ରେ ଲକ୍ଷାଧିକ ଅଯୋଗ୍ୟ ଚତୁରତାର ସହିତ ସାମିଲ ହୋଇଛନ୍ତି। ଏହି ଯୋଜନାରେ ଲକ୍ଷାଧିକ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇନଥିବା ଅଭିଯୋଗ ମଧ୍ୟ ହେଉଛି । ସରକାର ଏବେ ସଚେତନ ହୋଇଛନ୍ତି । ଅଯୋଗ୍ୟଙ୍କୁ ବାଦ ଦେବାକୁ ତତ୍ପରତା ପ୍ରକାଶ କରିଛନ୍ତି । ଏନେଇ ସ୍ୱାସ୍ଥ୍ୟ ବିଭାଗ, ଯୋଗାଣ ବିଭାଗ ସହିତ ବାଣିଜ୍ୟ ଓ ପରିବହନ ବିଭାଗକୁ ମହିଳା ଓ ଶିଶୁ ମହିଳା ବିଭାଗ ଚିଠି ଲେଖିଛି ।

ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିବାକୁ ଯାଇ ରାଜ୍ୟ ସରକାର ଗତବର୍ଷ ସେପେଟମ୍ବର ୧୭ (୯ ପୃଷ୍ଠାରେ)

ଭାରତ ସରକାର
ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ

ଡ୍ରାଇଭିଂ ଲାଇସେନ୍ସଧାରୀ ଏବଂ ପଞ୍ଜୀକୃତ ଯାନବାହନ ମାଲିକମାନଙ୍କୁ ଅନୁରୋଧ କରାଯାଉଛି ଯେ ସେମାନଙ୍କର ମୋବାଇଲ୍ ନମ୍ବର ଗାଡ଼ି ଏବଂ ସାରଥି ପୋର୍ଟାଲରେ ଅପଡେଟ୍ ହୋଇଛି ବୋଲି ସେମାନେ ନିଶ୍ଚିତ କରନ୍ତୁ । ଏହା ସେମାନଙ୍କୁ ବିବରଣୀ ସମ୍ପୂର୍ଣ୍ଣ, ସଠିକ୍ ଏବଂ ଅପଡେଟ କରିବା ପାଇଁ ସାହାଯ୍ୟ କରିବ । ଆରଟିଓକୁ ନଯାଇ ପୋର୍ଟାଲରେ ମୋବାଇଲ୍ ନମ୍ବର ଅପଡେଟ୍ କରିବା ପାଇଁ ଅନଲାଇନ୍ ସୁବିଧା ଯୋଗାଇ ଦିଆଯାଇଛି ।




ସଂପୃକ୍ତ ପକ୍ଷ ମାନେ ପରିବହନ ୱେବସାଇଟ୍ – https://parivahan.gov.in ରେ ସମ୍ପୂର୍ଣ୍ଣ ବିବରଣୀ ଦେଖିପାରିବେ । ଅଧିକ ସ୍ପଷ୍ଟିକରଣ ପାଇଁ ଦୟାପୂର୍ବକ ଇମେଲ– id helpdesk-vahan [at]gov[dot]in ଏବଂ ହେଲ୍ପ ଡେସ୍କ–sarathi [at]gov[dot]in କରନ୍ତୁ ।

CBC 37101/13/0010/2526

# ବିନା ଅନୁମୋଦରେ ଡିଏମଏଫ ଟଙ୍କା ମଞ୍ଜୁରୀ!

ରାୟଗଡା,(ସବ୍ୟୁ): ଜିଲ୍ଲା ଖଣିଜ ପାଣ୍ଠି ମଞ୍ଜୁରୀରେ ନିଜ କ୍ଷମତା ଅପବ୍ୟବହାର କରିଛନ୍ତି ପୂର୍ବତନ ସିଡିଓ ତଥା ବର୍ତ୍ତମାନର ଏଡିଏମ ନିହାର ରଞ୍ଜନ କହଁର। କୌଣସି ନିର୍ବାଚନ ପ୍ରତିନିଧି ଜାଣିନାହାଁନ୍ତି କି ଗ୍ରାମସଭା ମଧ୍ୟ ହୋଇନାହିଁ। ଗ୍ରାମବାସୀ ବି କେବେ ଆବେଦନ କରିନାହାନ୍ତି। ତଥାପି ଜିଲ୍ଲା ଖଣିଜ ପାଣ୍ଠିରୁ ୯୨ ଲକ୍ଷ ଟଙ୍କା ଗୋଟିଏ ରିସର୍ଟ ପାଇଁ ରାସ୍ତା ନିର୍ମାଣକୁ କରାଯାଇଛି। ଏଭଳି ଏକ ଧର୍ଷଣ ତୃଟି କରିଛନ୍ତି ଶ୍ରୀ କହଁର । ବିଧାୟକ ସମସ୍ତ ନଥିପତ୍ର ସାଉଣ୍ଟିବା ପରେ କ୍ଷେତ୍ରକୁ ଯାଇ ଅନିଜା ଠାରୁ ଶିବ ମନ୍ଦିରକୁ ରାସ୍ତା ଖୋଜିବା ପରେ ନିରାଶ ହୋଇ ଫେରି ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ୯୨ଲକ୍ଷ ଟଙ୍କା ବିନିୟମରେ ଜିଲା ଖଣିଜ ପାଣ୍ଠି (ଡିଏମଏଫ)ରେ ନିର୍ମିତ ୨କିଲୋମିଟର ରାସ୍ତାରେ ଶିବ ମନ୍ଦିର ଖୋଜି ବୁଲୁଛନ୍ତି ରାୟଗଡା ବିଧାୟକ। ଦୁଇଘଣ୍ଟା ଧରି ଅନିଜା ଠାରୁ ଡିଏମଏଫ ପାଣ୍ଠିରେ ନିର୍ମିତ ରାସ୍ତାରେ ଚାଲିଚାଲି ଖୋଜି ବୁଲିବା ପରେ ଶିବ ମନ୍ଦିର ନପାଇ ନିରାଶ ହୋଇଛନ୍ତି। ଶେଷରେ ଏହି ରାସ୍ତା ଗୋଟିଏ ଅଣ ଓଡିଆ ମାଲିକ ଦ୍ୱାରା ନିର୍ମିତ ରିସୋର୍ଟରେ ଶେଷ ହୋଇଯାଇଛି। ଜିଲା ଖଣିଜ ପାଣ୍ଠି ଅର୍ଥରେ ବ୍ୟବସାୟିକ ପ୍ରତିଷ୍ଠାନ ପାଇଁ ଏହି ରାସ୍ତା ନିର୍ମାଣ ହୋଇଥିବା ସେ ଅନୁଭବ କରିପାରିଛନ୍ତି। ତେବେ ଜିଲା ଖଣିଜ ପାଣ୍ଠି କମିଟିର ବିନା ମଞ୍ଜୁରୀରେ ଏଭଳି ଜଣେ ଅଣ ଓଡିଆ ରିସୋର୍ଟ ମାଲିକଙ୍କୁ ତତ୍କାଳିନ ସିଡିଓ ତଥା ବର୍ତ୍ତମାନର ଏଡିଏମ ରାଜସ୍ୱକୁ ଏତେ ଅନୁକମ୍ପା କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ରାୟଗଡା ଏକ ଖଣିଜ ସମ୍ପଦ ଭରା ଜିଲା। ଲୋକେ ଧୂଳି ଧୂଆଁର ବଳୟ ଭିତରେ ଅଶାନ୍ତିଶ୍ୱାସୀ ହୋଇଯାଉଥିବା ବେଳେ ପ୍ରତିବଦଳରେ ଡିଏମଏଫ ପାଣ୍ଠିରେ କିଛି ଟଙ୍କା ଆସି ଜମା ହୋଇଥାଏ।

ଏହି ଅର୍ଥରେ ଲୋକଙ୍କୁ ମୌଳିକ ସୁବିଧା ଟିକକ ଯୋଗାଇ ଦେବା ପାଇଁ ଏହି ଯୋଜନାର ପରିକଳ୍ପନା। କିନ୍ତୁ ଏହି ପାଣ୍ଠିର ଅପବ୍ୟବହାର କଥା ଏବେ ପଦାକୁ ଆସିଛି। ନିଜେ ବିଧାୟକ ଅନିଜା ଠାରୁ ଶିବ ମନ୍ଦିର ପର୍ଯ୍ୟନ୍ତ ରାସ୍ତାରେ ଚାଲିଚାଲି ୯୨ଲକ୍ଷ ଟଙ୍କା ବିନିମୟରେ ନିର୍ମାଣ ରାସ୍ତାରେ ଶିବ ମନ୍ଦିର ଖୋଜି ବୁଲୁଛନ୍ତି । ସାଧାରଣ ତ ଗ୍ରାମ ସଭାରେ ପ୍ରସ୍ତାବ ଅଗତ ପରେ ଡିଏମଏଫ ପାଣ୍ଠିର ବିନିଯୋଗ ହୋଇଥାଏ । ପାଣ୍ଠିର ସୁ ପରିଚାଳନା ଏବଂ ଖର୍ଚ୍ଚ ପାଇଁ ଜିଲ୍ଲାପାଳ, ସାଂସଦ, ବିଧାୟକ, ଏବଂ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ)ଙ୍କ ଅନୁମୋଦନ ଜରୁରୀ। ଏହି ଟଙ୍କା ବିନିଯୋଗ ପାଇଁ ସିଡିଓଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ୨୦୨୩-୨୪ ଆର୍ଥକ ବର୍ଷରେ ତତ୍କାଳୀନ ସିଡିଓ ଯେ କି ପୁଣିଥରେ ଅତିରିକ୍ତ ଜିଲ୍ଲାପାଳ ହୋଇ ଏହି ଜିଲ୍ଲାକୁ ଆସିଛନ୍ତି ନିହାର ରଞ୍ଜନ କହଁର। ସେ ନିଜ କ୍ଷମତାର ଅପବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଜଣେ ଅଣ ଓଡିଆ ରିସୋର୍ଟ ମାଲିକ ଦେଶାଗୀ ମନ୍ତ୍ରୀଙ୍କୁ ଅହେତୁକ ଅନୁକମ୍ପା ଦେଖାଇଛନ୍ତି । ରାୟଗଡା ସାମାନ୍ତ ନାଗାବଳୀ କୂଳରେ ନିର୍ମାଣ ଗୋଟିଏ ରିସୋର୍ଟକୁ ରାସ୍ତା ନିର୍ମାଣ କରିଛନ୍ତି। ସମ୍ପୃକ୍ତ ଅଣଓଡିଆ ମାଲିକ ଓଡିଶା ଅର୍ଥାତ ରାୟଗଡା ସାମାନ୍ତରେ ୩ଏକର ଜମି କ୍ରୟ କରି ନାଗାବଳୀ ନଦୀ କୂଳରେ ଏକ ରିସୋର୍ଟ ନିର୍ମାଣ କରିଛନ୍ତି । ଆଉ ନଦୀ ସେପାଖରେ ୩୦ ଏକର ଜମିରେ ଗୋଟିଏ ଗଲ୍ଫ କୋର୍ଟ ନିର୍ମାଣ କରି ବ୍ୟବସାୟ କରିଆସୁଛନ୍ତି । ଆଉ ଏହି ରିସୋର୍ଟକୁ କୌଣସି ରାସ୍ତା ନଥିବା ବେଳେ ଅନିଜା ଗ୍ରାମ ଠାରୁ ଶିବ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ନାମରେ ପ୍ରାୟ ୨କିଲୋମିଟର ସ୍ଥାୟୀ ରାସ୍ତା ନିର୍ମାଣ କରାଯାଇଛି । ଦୁରନ୍ତ ପର୍ଯ୍ୟନ୍ତ କୌଣସି ଶିବ ମନ୍ଦିର ନଥିବା ବେଳେ ବ୍ୟବସାୟିକ ପ୍ରତିଷ୍ଠାନକୁ ରାସ୍ତା ପାଇଁ ତତ୍କାଳୀନ ସିଡିଓ ତଥା ବର୍ତ୍ତମାନର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କହଁରଙ୍କ ଏତେ ଦରଦ କାହିଁକି ବୋଲି ନିଜେ ବିଧାୟକ କାଡ୍ରାକା ଆପାଲାସ୍ୱାମୀ ଅଭିଯୋଗ କରିଛନ୍ତି । ଏ ନେଇ ସେ ବିଧାନସଭାରେ ପ୍ରଶ୍ନ କରିବେ ବୋଲି ମଧ୍ୟ କହିଛନ୍ତି । ଅପରପକ୍ଷରେ ସମାନ କଥା କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲାକା କହିଛନ୍ତି । ଗତ ୩ବର୍ଷ ଧରି ଡିଏମଏଫ ପାଣ୍ଠି ଖର୍ଚ୍ଚ ନେଇ କୌଣସି ବୈଠକ ବସିନଥିବା ବେଳେ ଏଭଳି କାମ କେମିତି ହୋଇପାରୁଛି। କମିଟିର ଅନୁମୋଦନ ଜରୁରୀ ଯଦ୍ୱାରା ଲୋକଙ୍କ ଆବଶ୍ୟକ ଅନୁଯାଇ କାର୍ଯ୍ୟ ହୋଇପାରିବ। ଜିଲ୍ଲାପାଳଙ୍କ ସମେତ ସିଡିଓଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେବେ ତତ୍କାଳୀନ ସିଡିଓ ତଥା ବର୍ତ୍ତମାନ ଏଡିଏମ ରୂପେ କାର୍ଯ୍ୟ କରୁଥିବା ଶ୍ରୀ କହଁରଙ୍କୁ ଏ ନେଇ ବିଭିନ୍ନ ସମୟରେ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରୀୟା ମିଳିପାରିନାହିଁ ।

## ଗଞ୍ଜେଇ ଜବତ, ସ୍କୋର୍ପିଓ ଗାଡ଼ି ସହ ୨ ଅଭିଯୁକ୍ତ ଗିରଫ

ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଆନା ପୁରୁଣାଗଡ ଛକ ନିକଟରୁ ଅବକାରୀ ବିଭାଗ ୭ କେଜି ଗଂଜେଇ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ବୌଦ୍ଧ ଜିଲ୍ଲାର ସୋମନାଥ ପ୍ରଧାନ ଓ ଶ୍ରୀକାନ୍ତ ଦାସ ।



ସୂଚନାଯୋଗ୍ୟ ଯେ, ରେଢ଼ାଖୋଲ – ବୌଦ୍ଧ ରାସ୍ତାର ପୁରୁଣାଗଡ ଛକ ନିକଟରେ ଅବକାରୀ ବିଭାଗ ପେଟ୍ରୋଲିଂ କରୁଥିବା ବେଳେ ବୌଦ୍ଧରୁ ରେଢ଼ାଖୋଲ ଅଭିମୁଖେ ଆସୁଥିବା ଏକ ସ୍କୋର୍ପିଓ ଗାଡ଼ିକୁ (ଓଡ଼ିଆ ୩୩ ଯେ ୧୫୪୭)ସନ୍ଦେହରେ ଯାଞ୍ଚ କରିଥିଲେ। ସ୍କୋର୍ପିଓରୁ ୭ କେଜି ଗଞ୍ଜେଇ ଜବତ କରିବା ସହ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ କରି ଅଭିଯୁକ୍ତ ଦୁଇଜଣକୁ କୋର୍ଟ ଚାଲାଣ କରାଯାଇଛି ବୋଲି ରେଢ଼ାଖୋଲ ଅବକାରୀ ଇନ୍ସପେକ୍ଟର ଦୁର୍ବାଦଳ ବିଶ୍ୱାଳ ଆମ ପ୍ରତିନିଧିଙ୍କ ଠାରେ ପ୍ରକାଶ କରିଛନ୍ତି ।

## ରେଳବାଇ ସିଗ୍ନାଲ ଉପକରଣ ଚୋରି, ୩ଗିରଫ

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଷ୍ଟେସନ ୟାର୍ଡରୁ ରେଳବାଇ ସିଗ୍ନାଲ ଉପକରଣ ଓ ପଏଣ୍ଟ ୟୁନିଟ୍ ଚୋରି ଅଭିଯୋଗରେ ରେଳ ସୁରକ୍ଷା ବଳ ୩ଜଣଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ଚୋରି ହୋଇଥିବା ସିଗ୍ନାଲ ଉପକରଣ ଜବତ ହୋଇଛି । ଗିରଫ ଅଭିଯୁକ୍ତ ମାନେ ସମ୍ବଲପୁର ସହର ଫାଟକ କଟରଧୁଆର ପିଣ୍ଟୁ ମୁଣ୍ଡା(୨୨), ସୁରେନ୍ଦ୍ର ମୁଣ୍ଡା(୨୧) ଓ ରାଜେନ୍ଦ୍ର ମହାନ୍ତି(୨୧) ବୋଲି ଜଣାପଡିଛି । ଅନ୍ୟ ୪ଜଣ ଅଭିଯୁକ୍ତ ଫେରାର ଥିବାବେଳେ ସେମାନଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢଉ ଜାରି ରହିଛି । ସୂଚନାଯୋଗ୍ୟ, ସମ୍ବଲପୁର ଷ୍ଟେସନ ୟାର୍ଡରୁ ରେଳବାଇ ସିଗନାଲ ଉପକରଣ ଆଦି ଗତ ୧ରୁ ୩ତାରିଖ ମଧ୍ୟରେ ଚୋରି ହୋଇଥିବା ଏକାଧିକ ଘଟଣା ସାମ୍ନାକୁ ଆସିଥିଲା । ଅଭିଯୋଗ ପରେ ଆରପିଏଫ୍ ଥାନାରେ ୫/୨୫ରେ ଏକ ମାମଲା ରୁଜୁ କରାଯାଇଥିଲା । ଆରପିଏଫ ଓ ସିଆଇବି ୟୁନିଟ୍ ଗୋପନୀୟ ଭାବେ ତଦନ୍ତ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରିଛି ।

## ଚନ୍ଦ୍ରଗ୍ରହଣ ପାଇଁ ମାଁ ସମଲେଶ୍ୱରୀଙ୍କ ଦେବନୀତିରେ ପରିବର୍ତ୍ତନ



ସମ୍ବଲପୁର,(ସବ୍ୟୁ): ଆସନ୍ତା ୭ତାରିଖ ଭାଦ୍ରବ ଶୁକ୍ଳ ପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ହେବ । ଏହି ଦିନ ରାତି ୯ଟା୫୮ମିନିଟ୍‌ରେ ଗ୍ରହଣ ସ୍ପର୍ଶ କରିବ । ଏହା ରାତି ୧ଟା୨୬ରେ ସର୍ବମୋକ୍ଷ ହେବ । ଗ୍ରହଣ ସ୍ପର୍ଶ ହେଉଥିବାରୁ ବିଭିନ୍ନ ଦେବାଳୟରେ ଦେବନୀତିରେ ପରିବର୍ତ୍ତନ କରାଯାଇଛି । ଏଭଳି ସ୍ଥଳେ ପଶ୍ଚିମଓଡିଶାର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ନୀତିକାନ୍ତିରେ ମଧ୍ୟ ପରିବର୍ତ୍ତନ କରାଯାଇଛି । ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଏନେଇ ସୂଚନା ଜାରି ହୋଇଛି । ରବିବାର ଭୋର ସାଢେ ୪ଟା ଦ୍ୱାରଫିଟା ନୀତି, ୫ଟା ମଙ୍ଗଳ ଆଳତୀ ଓ ଅନ୍ୟ ନୀତିକାନ୍ତି ପରେ ଭକ୍ତ ମାନେ ମାଁଙ୍କୁ ଦର୍ଶନ କରିବେ । ପୂର୍ବାହ୍ନ ୧୧ଟା୪୫ରୁ ଦର୍ଶନ ବନ୍ଦ ରହିବ । ମଧ୍ୟାହ୍ନ ୧୨ଟାରେ ଅନ୍ନଭୋଗ ଲାଗିବା ପରେ ଆସନ୍ତା ୮ତାରିଖ ସୋମବାର ସକାଳ ୬ଟା ଯାଏଁ ଦର୍ଶନ ବନ୍ଦ ରହିବ । ଏହିଦିନ ଭୋର ସାଢେ ୪ଟାରୁ ମନ୍ଦିର ଶୋଧନ ପରେ ୫ଟାରେ ମଙ୍ଗଳ ଆଳତି ଓ ନିତ୍ୟ ନୀତିକାନ୍ତି ପରେ ମାଁ ଭକ୍ତଙ୍କୁ ଦର୍ଶନ ଦେବେ ବୋଲି ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ କହିଛନ୍ତି ।

## ଶୀର୍ଷ ୩୫ମ୍ୟାନେଜମେଣ୍ଟ ଅନୁଷ୍ଠାନରେ ଆଇଆଇଏମ୍ ସମ୍ବଲପୁର

ସମ୍ବଲପୁର,(ସବ୍ୟୁ): ଆଇଆଇଏମ୍ ସମ୍ବଲପୁରକୁ ବଡ ସଫଳତା ମିଳିଛି । ଏନ୍‌ଆଇଆରଏଫ ୨୦୨୫ ର୍ୟାକିଙ୍ଗ ସଦ୍ୟତମ ରେଟିଂରେ ଏହି ଅନୁଷ୍ଠାନ ୩୪ତମ ସ୍ଥାନ ହାସଲ କରିଛି । ଉଚ୍ଚ ଶିକ୍ଷା କ୍ଷେତ୍ରରେ ନବୀନତା, ସମଗ୍ରତା, ସାମାଜିକ ଅନ୍ତର୍ଭୁକ୍ତୀକରଣ ଏବଂ ସମାନ ସୁଯୋଗ ପ୍ରତିଷ୍ଠା କରିବାରେ ଆଇଆଇଏମ୍ ସମ୍ବଲପୁରର ଚମତ୍କାର ନେତୃତ୍ୱକୁ ଯୋଗୁଁ ଏହି ଉପଲବ୍ଧି ମିଳିଛି । ଏହି ଅନୁଷ୍ଠାନର ଅସାଧାରଣ କାର୍ଯ୍ୟଦକ୍ଷତା ଏହାରୀ ଦ୍ରୁତ ଉନ୍ନତି ଓ ଶିକ୍ଷାଗତ ବିଶିଷ୍ଟତା, ନବୀନତା ଏବଂ ସାମାଜିକ ପ୍ରଭାବ ପ୍ରତି ଏହାର ଅବଦାନକୁ ଉପସ୍ଥାପିତ କରୁଛି । ଶିକ୍ଷାନୁଷ୍ଠାନ ଗୁଡିକୁ ଅନୁଶୀଳନ ଓ ମୂଲ୍ୟାଙ୍କନ କରିବା ପାଇଁ ମାନକୀକୃତ ଏବଂ ସ୍ୱଚ୍ଛ ପଦ୍ଧତି ପ୍ରଦାନ କରି ଏନ୍‌ଆଇଆରଏଫ୍ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହି ସଫଳତା ମିଳିବା ପରେ ଆଇଆଇଏମ୍ ସମ୍ବଲପୁର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ସଂସ୍ଥାନର ସମସ୍ତ ଟିମ୍‌କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ କହିଥିଲେ ଯେ, ମୁଁ ସଫଳତା ଗଢିବା ଏବଂ ଅଧିକ ଉଚ୍ଚତା ଆଡକୁ ଆମର ଯାତ୍ରା ଜାରି ରଖିବାକୁ ଉତ୍ସାହିତ । ଜାତୀୟ ଆନୁଷ୍ଠାନିକ ମୂଲ୍ୟାଙ୍କନ ଫ୍ରେମଓ୍ୱର୍କ (ଏନ୍‌ଆଇଆରଏଫ) ୨୦୨୫ ମୂଲ୍ୟାଙ୍କନରେ ୧୬ଟି ସ୍ଥାନ ଉନ୍ନତି ସହ ଆଇଆଇଏମ୍ ସମ୍ବଲପୁର ନିଜର ଉତ୍କର୍ଷତାକୁ ପୁନର୍ବାର ପ୍ରତିପାଦନ କରିଛି । ଅନୁଷ୍ଠାନ ଟ୍ରିପଲ କ୍ରାଉନ ସ୍ଥିତି ପାଇଁ ଲକ୍ଷ୍ୟ ରଖିଛି । ଯାହା ବିଶ୍ୱର ୧%ରୁ କମ୍ ବି-ସ୍କୁଲ ଗୁଡିକ ଦ୍ୱାରା ହାସଲ କରାଯାଇଥିବା ଏକ ବିରଳ ସମ୍ମାନ ଅଟେ ।

## ଟ୍ରେନ ଧକ୍କାରେ ହାତୀ ଗୁରୁତର

ରାଜଗାଙ୍ଗପୁର,(ସବ୍ୟୁ): ଗୁରୁବାର ସକାଳେ ଟ୍ରେନ ଧକ୍କାରେ ସୋନାଖାନ ଏବଂ ସାଗରା ରେଳ ଷ୍ଟେସନ ମଧରେ ଟ୍ରେନ ଧକ୍କାରେ ହାତୀଟି ଗୁରୁତର ଆହତ ହୋଇ ରେଳ ଟ୍ରାକ ମଧରେ ପଡିଯାଇଥିବା ଦେଖିବାକୁ ମିଳିଥିଲା । ଘଟଣାରୁ ପ୍ରକାଶ ଯେ ଭୋର ୫ ଟା ରେ ଗରୀବ ରଥ ଟ୍ରେନ ଯିବା ସମୟରେ ସୁନାଖାନ ଷ୍ଟେସନ ଅତିକ୍ରମ କରିବା ପରେ ସାଗର ରେଳ ଷ୍ଟେସନ ମଧ ଭାଗରେ ହାତୀ ଟି ରେଳ ଲାଇନ ପାର କରୁଥିବା ବେଳେ ଟ୍ରେନଟି ହାତୀକୁ ଧକ୍କା ଦେବା ପରେ ପାଖ ଟ୍ରେନ ଲାଇନ ଉପରେ ଆହତ ହୋଇ ପଡି ଯାଇଥିଲା । ଫଳରେ ଟ୍ରେନ ଯାତାୟାତରେ ବାଧା ପ୍ରାପ୍ତ ହୋଇଥିଲା। ହାତୀ ଗୁରୁତର ଆହତ ହୋଇ ପଡିବା ଖବର ପାଇବା ପରେ



ରାଜଗାଙ୍ଗପୁର ଜିଆରପି, ଆରପିଏଫ ଘଟଣା ସ୍ଥଳରେ ପହଞ୍ଚି ଥିଲେ । ଘଟଣାର ସମସ୍ତ ତଥ୍ୟ ବନ ବିଭାଗ ଏବଂ ରେଳ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପରେ ରେଳ ଉଚ୍ଚ କର୍ତ୍ତୃପକ୍ଷ ପହଞ୍ଚି ହାତୀକୁ ଚିକିତ୍ସାର ବ୍ୟବସ୍ଥା କରିବା ପାଇଁ ପଶୁ ଡାକ୍ତର ଦଳ ଆସି ହାତୀର ଆଂଶୁ ଚିକିତ୍ସାର ବ୍ୟବସ୍ଥା କରିଥିଲେ । ରାଜଗାଙ୍ଗପୁର ରେଞ୍ଜର ଗୁରୁଚରଣ ମଣ୍ଡଳ ଏବଂ ବନ ବିଭାଗର କର୍ମଚାରୀ ମାନେ ପହଞ୍ଚି ଆହତ ହାତୀକୁ ଟ୍ରେନ ବଗିରେ ଲିଫ୍ଟ କରି ଅଧିକ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ନେବାର ଜଣା ଯାଇଛି ।

## ମଦନପୁର ରାମପୁରକୁ ଏନଏସି ଓ ରାଜସ୍ୱ ଉପଖଣ୍ଡ ଦାବିରେ ୧୨ ଘଣ୍ଟିଆ ବନ୍ଦ

ମ.ରାମପୁର,(ସବ୍ୟୁ): ମଦନପୁର ରାମପୁର ଜନସାଧାରଣଙ୍କ ପକ୍ଷରୁ ଗୁରୁବାର ସକାଳ ୬ ରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ମ.ରାମପୁରକୁ ଏନଏସି ଓ ରାଜସ୍ୱ ଉପଖଣ୍ଡ ଦାବିରେ ୧୨ ଘଣ୍ଟିଆ ବନ୍ଦ ସଫଳ ହୋଇଛି। ବନ୍ଦର ଆହ୍ୱାନ କ୍ରମେ ସକାଳୁ ସମସ୍ତ ଦୋକାନ ବଜାର, ସ୍କୁଲ କଲେଜ, ବ୍ୟାଙ୍କ, ଯାନ ବାହାନ ଏବଂ ସରକାରୀ ଓ ବେସରକାରୀ ଅଫିସ୍ ବନ୍ଦ ସ୍ୱତଃପ୍ରୁତଃ ଭାବେ ବନ୍ଦ ରହିଥିଲା । ଏହି ଦାବି ସପକ୍ଷରେ ବିଶାଳ ଶୋଭାଯାତ୍ରା ବହାରିଥିଲା । ବ୍ୟାନର ଓ ପ୍ଲାକାର୍ଡ ଧରି ସବୁ ବର୍ଗର ଲୋକେ ନାରା ବାଜି ଦେଇ ସହର ପରିକ୍ରମା କରିଥିଲେ। ମଧାହ୍ନ ୧.୩୦ ମିନିଟ ସମୟରେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ରାମପୁର ଚାରି ଛକରେ ପହଞ୍ଚି ଥିଲେ । କଳାହାଣ୍ଡି ଜିଲ୍ଲାର ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓଙ୍କ ନେତୃତ୍ୱରେ ରାମପୁରର ଜନ ସାଧାରଣ ଓ ବୁଦ୍ଧିଜୀବୀ ମାନେ ମିଳିତ ଭାବେ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇବା ସହିତ ଏନଏସି ଓ ରାଜସ୍ୱ ଉପଖଣ୍ଡ ଦାବି ପତ୍ର ପ୍ରଦାନ କରିଥିଲେ । ମନ୍ତ୍ରୀ ମଧ ଏନଏସି ନେଇ ପ୍ରତିଶ୍ରୁତି ଦେଇଥିଲେ ।



କିନ୍ତୁ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଲାନାହିଁ । ଆଜିର ବନ୍ଦ ପାଳନ ଶାନ୍ତି ଶୃଙ୍ଖଳାର ସହିତ ସମାପନ ହୋଇଥିଲା । ମ. ରାମପୁର ଏନଏସି ମାନ୍ୟତା ପାଇଁ ସମସ୍ତ ସରକାରୀ ମାପଦଣ୍ଡକୁ ପୂରଣ କରୁଥିବାରୁ ଏଦିଗରେ ସରକାର ବିଚାର କରିବାକୁ ଦାବି କରାଯାଇଥିଲା । ସବୁ ରାଜନୈତିକ ଦଳର କର୍ମୀ, ବ୍ୟବସାୟୀ ସଂଘ, ବେସରକାରୀ ଅନୁଷ୍ଠାନ, ବରିଷ୍ଠ ନାଗରିକ କମିଟି, ଦୁର୍ନୀତି ନିବାରଣ ମଞ୍ଚ, ଯୁବ ସଂଗଠନ,ରାମପୁର ସରପଞ୍ଚ ଓ ସାମ୍ବାଦିକ ମାନେ ବନ୍ଦ ପାଳନ ରେ ସାମିଲ ହୋଇଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଜିବେଶ କୁମାର ପଣ୍ଡା, କିଶୋର ପ୍ରହରାଜ, ବିକାଶ ରଞ୍ଜନ ସିଂଦେଓ,ସତ୍ୟଜିତ ଚାଟାର୍ଜୀ, ଚମରା ବଗର୍ତ୍ତି, ସମାଜ ସେବୀ ପ୍ରକାଶ ଚନ୍ଦ୍ର ସାହୁ, ସତ୍ୟ ନାରାୟଣ ସାହୁ, ଚିରାଗ ସିଂହ ଦେଓ, ରାମେଶ୍ୱର ତ୍ରିପାଠୀ, ପ୍ରଶାନ୍ତ କୁମାର ସାମନ୍ତରା, ହୀରେନ୍ଦ୍ର ପ୍ରତାପ ସିଂଦେଓ, ସପନ କୁମାର ପଟ୍ଟନାୟକ, ଯଜ୍ଞ ପଣ୍ଡା,ଲଳିତ ମହାଲିକ , ସଞ୍ଜୁ ପୁରୋହିତ, ଦେବେନ୍ଦ୍ର ପୋଡ଼, ଭଗବାନ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## ବୃଦ୍ଧି ପାଉଛି ହୀରାକୁଦ ଡ୍ୟାମର ଜଳସ୍ତର ୧୬ଟି ଗେଟ୍ ଖୋଲିଲା

ସମ୍ବଲପୁର, (ସବ୍ୟୁ): ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁଁ ସାରା ରାଜ୍ୟରେ ବର୍ଷା ଜାରି ରହିଛି । ଉପରମୁଣ୍ଡରେ ବର୍ଷା ଯୋଗୁଁ ହୀରାକୁଦ ଡ୍ୟାମର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଥିବା ବେଳେ ପର୍ଯ୍ୟାୟକ୍ରମେ ଡ୍ୟାମର ୧୬ଟି ଗେଟ୍ ଖୋଲା ଯାଇଛି । ବାମପଟୁ ୧୧ଟି ଓ ଡାହାଣପଟୁ ୫ଟି ଲେଖାଁଏ ଗେଟ୍ ଖୋଲା ଯାଇଛି । ଗୁରୁବାର ସଂନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୨୬.୩୩ଫୁଟ ରହିଛି । ଜଳଭଣ୍ଡାରକୁ ୨ଲକ୍ଷ ୯୪ହଜାର୯୬୦ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ସମପରିମାଣ ଜଳ ନିଷ୍କାସିତ ହେଉଛି । ସେଥିରୁ ୨ଲକ୍ଷ ୫୮ହଜାର୬୦୮ଘନଫୁଟ ସ୍ପିଲୱେ, ୩୨ହଜାର୧୦୪ଘନଫୁଟ ପାଓ୍ୱାର ଚେନାଲ, ୪ହଜାର୩୪ଘନଫୁଟ କେନାଲ ଓ ୨୧୪ଘନଫୁଟ କଳକାରଖାନାକୁ ଛଡା ଯାଉଛି । ଉପମୁଣ୍ଡରେ ୪୦.୧୨ମିମି ଓ ତଳ ମୁଣ୍ଡରେ ୨୦.୧ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଡ୍ୟାମରୁ ଜଳ ନିଷ୍କାସିତ ହେଉଥିବା ବେଳେ ମହାନଦୀର ବେଲଗାଁରେ ୧୪ହଜାର୪୦୦, ପର୍ଥଲାରେ ୩୯ହଜାର୧୬୧, ଖଇରମାଲରେ ୨ଲକ୍ଷ୨୩ହଜାର୫୦୦, ବାରମୂଳରେ ୧ଲକ୍ଷ୬୪ହଜାର ଓ ମୁଣ୍ଡଳିରେ ୭୩ହଜାର୯୦୦କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ତେବେ ଆଗାମୀ ଦିନରେ ଉପରମୁଣ୍ଡରୁ ଜଳ ପ୍ରବାହକୁ ଦୃଷ୍ଟିରେ ରଖି ଅଧିକ ଗେଟ୍ ଖୋଲା ଯିବ ବୋଲି ବନ୍ଧ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ମହାନଦୀରେ ଲକ୍ଷାଧିକ କ୍ୟୁସେକ ଜଳ ପ୍ରବାହିତ ହେଉଥିବା ବେଳେ ତଳମୁଣ୍ଡରେ ଥିବା ନଦୀଶର୍ଯ୍ୟା ଅଞ୍ଚଳରେ ବନ୍ୟା ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ସର୍ତ୍ତକତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ହୀରାକୁଦ ଜଳଭଣ୍ଡାର ପକ୍ଷରୁ ସୂଚିତ କରାଯାଇଛି ।

## ୟୁରିଆ ସାର କଳାବଜାରୀକୁ ରୋକିବା ପାଇଁ ଜିଲ୍ଲାପାଳଙ୍କୁ ଦାବି

କନ୍ଧମାଳ,(ସବ୍ୟୁ): ବର୍ତ୍ତମାନ ଚାଷୀଙ୍କ ପାଇଁ ୟୁରିଆ ସାରର ଆବଶ୍ୟକତା ରହିଥିବା ବେଳେ ପ୍ୟାକ୍ସରେ ଓ ଡିଲରଙ୍କ ପାଖରେ ସାର ମହଜୁଦ ରଖି ପାରୁ ନ ଥିବାରୁ ସାରର କଳାବଜାରୀ ଚାଲିଥିବା ନେଇ ଗୁରୁବାର ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ୍ କଂଗ୍ରେସ ପକ୍ଷରୁ ତହସିଲଦାରଙ୍କ ଜରିଆରେ ବୌଦ୍ଧ ଜିଲ୍ଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ କୁମାର ମଲିକଙ୍କ ନେତୃତରେ ନିତ୍ୟାନନ୍ଦ କର୍ମୀ, ସୁନାଧର ପୁଟେଲ, ପରକ୍ଷିତ ବସ୍ତିଆ, ବିଶ୍ୱାମିତ୍ର ପାଢ଼ୀ ଙ୍କ ସମେତ ଅନେକ କଂଗ୍ରେସକର୍ମୀ ସାମିଲ ହୋଇ ତହସିଲଦାର ଶ୍ୱେତପଦ୍ମା ଯୋଶୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହାର ଶିଘ୍ର ସମାଧାନ ନହେଲେ ଆଗାମୀ ଦିନରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବା ନେଇ ଉଲ୍ଲେଖ କରାଯାଇଛି ।

## ଗୋଲାମୁଣ୍ଡାରେ ଦୁର୍ଗାପୂଜା ପାଇଁ ବୈଠକ ଓ କମିଟି ଗଠନ

ଗୋଲାମୁଣ୍ଡା(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ସଦରମହକୁମା ଦୁର୍ଗା ପୂଜା ମଣ୍ଡପ ଠାରେ ବୃଷବ ନାଏକଙ୍କ ସଭାପତିତ୍ୱରେ ଦୁର୍ଗା ପୂଜା ପାଇଁ ବୁଧବାର ଅପରାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସର୍ବସମ୍ମତି କ୍ରମେ କମିଟି ଚୟନ କରାଯାଇଥିଲା। ସଭାପତି ଭାବରେ ମୀନକେତନ ସେଠୀ, ଉପସଭାପତି କୃଷ୍ଣ ଚନ୍ଦ୍ର ମୁଣ୍ଡ, ସଂପାଦକ ସୁବାସ ଚନ୍ଦ୍ର ନାୟକ, ସହ ସଂପାଦକ ଭାବେ ମୁକ୍ତେଶ୍ୱର ରାଉତ, କୋଷାଧକ୍ଷ ଦୁର୍ଗେଶ୍ୱର୍ ରଣାଙ୍କ ଚୟନ କରାଯାଇଥିଲା। ପୂଜା କିପରି ଭଲରେ ଚାଲିବ ଓ ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ମତାମତ ଦେଇଥିଲେ । ବୈଠକରେ ସାଉଳ ମଙ୍ଗରାଜ, ନକୁଳ ବିଶି, ଗଙ୍ଗା ମୁଣ୍ଡ, ଦୁଷ୍ମନ୍ତ ସେନାପତି, ଉପେନ୍ଦ୍ର ସିପକ, ଗୌର ଚନ୍ଦ୍ର ରାଉତ, ନିରଞ୍ଜନ ସେଠୀ, ରଙ୍ଗା ମୁଣ୍ଡ,ଟୁଲୁ ବିଶି, ରାଜାରାମ ଶବର, ବିନୋଦ ବିହାରୀ ଓ ଗ୍ରାମର ଶତାଧିକ ଲୋକ ଉପସ୍ଥିତ ଥିଲେ।

## ରାସ୍ତା ଅବସ୍ଥା ବେହାଲ, କାଦୁଅ ପଚ୍‌ପଚ୍ ରାସ୍ତାରେ ଯିବା ଆସିବା କରୁଛନ୍ତି ୩ ପଡ଼ାବାସୀ

ଜମନକିରା, (ସବ୍ୟୁ): କେନ୍ଦ୍ର ତଥା ରାଜ୍ୟ ସରକାର ଗ୍ରାମାଞ୍ଚଳ ବିକାଶ ସହ ରାସ୍ତାଘାଟ ନିର୍ମାଣ ନେଇ ବିଭିନ୍ନ ଯୋଜନା ହେଉଥିବା ବେଳେ କିଛି ସ୍ଥାନରେ ଏହା ସମ୍ପୂର୍ଣ୍ଣ ପ୍ରହସନ ପାଲଟିଛି । ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଧୁଡ଼ିପାଲି ପଞ୍ଚାୟତ ଲାଡମପାଲି ଗାଁର ଝୁନାପଡ଼ା ଠାରୁ ଗୁପ୍ତେଶ୍ୱର ମନ୍ଦିର ଦେଇ ଯାଇଥିବା ନୂଆପଡ଼ା ପର୍ଯ୍ୟନ୍ତ ରାସ୍ତାରେ କାଦୁଆ ପଚ୍ ପଚ୍ ରାସ୍ତାରେ ଦୈନନ୍ଦିନ ପିଲାମାନେ ପାଠ ପଢିବା ପାଇଁ ଯାଉଥିବା ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ପଡ଼ାରେ ରହୁଥିବା ଲୋକେ ମଧ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ନେଇ ପଡାର ଲୋକେ ଅଭିଯୋଗ କରିଛନ୍ତି। ସେମାନଙ୍କ କହିବା ଅନୁସାରେ ଏ ସମସ୍ୟା ସମ୍ପର୍କରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ସୁଦ୍ଧା ସରପଞ୍ଚ, ବିଡ଼ିଓ ଶୁଣୁନାହାଁନ୍ତି । ଏହି ରାସ୍ତା ଉପରେ ପ୍ରାୟ ୧୫୦ରୁ ଉର୍ଦ୍ଧ ଘର ପରିବାର ନିର୍ଭର କରିଥାନ୍ତି। ରାସ୍ତାରେ ଦୂରତା ୨ କିଲୋମିଟରରୁ ଅଧିକ ହୋଇଥିବା ବେଳେ ଏହି



ରାସ୍ତା ଉପରେ ଶହ ଶହ ଲୋକ ନିର୍ଭର କରିଥାନ୍ତି। ଝୁନାପଡ଼ା, କିଷାନପଡ଼ା ଓ ନୂଆପଡ଼ାରେ ଅଧିକାଂଶ ଲୋକ ଅନୁସୂଚିତ ଜନଜାତି, ଜନଜାତି ହୋଇଥିବା ବେଳେ ସମସ୍ତେ ପ୍ରାୟ କୃଷି ଉପରେ ନିର୍ଭର କରିଥାନ୍ତି। ଏହି ତିନି ପଡ଼ାରୁ ପ୍ରତ୍ୟେକ ଦିନ ୧୦ ରୁ ୧୫ ଜଣ ଅଙ୍ଗନବାଡ଼ିଠୁ ଆରମ୍ଭ କରି ଉଚ୍ଚ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ମାନେ ପାଠ ପଢିବା ପାଇଁ ନିତିଦିନ ଯା ଆସ କରିଥାନ୍ତି। ସାଧାରଣ ଲୋକ ମଧ ବିଭିନ୍ନ କାମରେ ଯିବା ଆସିବା କରିଥାନ୍ତି। ତେବେ ଏଭଳି ଶୋଚନୀୟ ରାସ୍ତା ଯୋଗୁଁ ପିଲାମାନେ ତଥା ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ସରପଞ୍ଚ ଅରୁଣ କୁମାର ନାଏକଙ୍କୁ ଯୋଗାଯୋଗ କରି ପଚାରିବାରୁ ସେ ଆମ ଦ୍ୱାରା ମାଟି ମୁରୁମ୍ କାମ ହେଇ ପାରିବ । ମନରେଗା ଯୋଜନାରେ ପୂର୍ବରୁ ରାସ୍ତା କରିବା ପାଇଁ ଆକ୍ସନ ପ୍ଲାନ୍‌ରେ ପକାଯାଇଥିଲା କିନ୍ତୁ ଲୋକେ ଉକ୍ତ କାମକୁ ବିରୋଧ କରିଥିଲେ। ତେଣୁ କାମ ହୋଇ ପାରିନଥିଲା। ପରେ ବିଡ଼ିଓ ରବୀନ୍ଦ୍ର କୁମାର ସେଠୀଙ୍କୁ ଯୋଗାଯୋଗ କରି ପଚାରିବାରୁ ସେ ଏଦିଗରେ ଶୀଘ୍ର ପଦକ୍ଷେପ ନେବେ ବୋଲି କହିଥିଲେ।

## ସ୍ୱାମୀଙ୍କୁ ଛୁରୀ ଭୂଷି ବିଭତ୍ସ ହତ୍ୟା ଘଟଣା

## ମୁଖ୍ୟ ଅଭିଯୁକ୍ତକୁ ଗିରଫ ଦାବୀରେ ଗ୍ରାମବାସୀଙ୍କ ଥାନା ଘେରାଉ

ମୁରିବାହାଲ,(ସବ୍ୟୁ):ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ମାଳିଶିରା ପଞ୍ଚାୟତ ଡେଙ୍ଗପଦର ଗ୍ରାମ ପରାଭୋଇ ପଡ଼ାରେ ସୋମବାର ରାତିରେ ଏକ ବିଭତ୍ସ ହତ୍ୟାକାଣ୍ଡ ଘଟିଯାଇଥିଲା। ସ୍ତ୍ରୀ ଭବାନୀ ପରାଭୋଇ(୩୫)ର ପରକୀୟା ପ୍ରୀତିକୁ ବିରୋଧ କରିବାରୁ ନିରୀହ ସ୍ୱାମୀଙ୍କୁ ସ୍ତ୍ରୀ ଓ ତାଙ୍କ ଶଳାମାନେ ମିଶି ଛୁରୀ ଭୁଷି ବିଭତ୍ସ ହତ୍ୟା କରି ଘର ସମ୍ମୁଖରେ ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଥିଲା। ମୃତକ ଜଣକ ଗ୍ରାମର ସନ୍ତୋଷ ପରାଭୋଇ(୪୦)। ୨୪ଘଣ୍ଟା ମଧ୍ୟରେ ଏହି ହତ୍ୟା ଘଟଣାରେ ସଂପୃକ୍ତ ମୃତ ସନ୍ତୋଷଙ୍କ ଶଳା ତଥା ଟିଟିଲାଗଡ ଥାନା ମହୁଲପଡ଼ା ଗ୍ରାମର ମୁକେଶ ଭୋଇ(୨୩),ତାଙ୍କ ୨ ସାଙ୍ଗ ନାନାଝର ଗ୍ରାମର କରନ୍ ପ୍ରଧାନୀ(୨୨) ଓ ପଞ୍ଚା ଯାନୀ(୨୧)ଙ୍କୁ ପୁଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିଲା। ସ୍ୱାମୀ- ସ୍ତ୍ରୀଙ୍କ ପାରିବାରିକ ଗଣ୍ଡଗୋଳରେ ଅତିଷ୍ଠ ହୋଇ ସ୍ତ୍ରୀ ଭବାନୀ ତାଙ୍କ ଭାଇଙ୍କୁ ଏହାର ସବୁଦିନିଆ ସମାଧାନ କରିବାକୁ ଡାକିଥିଲେ। ଶଳା ମୁକେଶ ନିଜ ସାଙ୍ଗଙ୍କୁ ଧରି ଗାଁକୁ ଆସିଥିଲା। ରାତିରେ ଗଣ୍ଡଗୋଳ ଚରମ ସୀମାରେ ପହଞ୍ଚିଥିବା ବେଳେ ଅଭିଯୁକ୍ତ କରନ୍ ଧରିଥିବା ଏକ ଛୁରୀରେ ସନ୍ତୋଷଙ୍କୁ ଭୁଷି ଦେଇଥିଲା। ଫଳରେ ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ସନ୍ତୋଷଙ୍କ ମୃତ୍ୟୁ ଘଟିଥିବା ବେଳେ ସମସ୍ତେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଅଭିଯୁକ୍ତମାନେ ସ୍ୱୀକାର କରିଥିଲେ। ଫଳରେ ପୁଲିସ୍ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।



ପରେ ଉତ୍ତ୍ୟକ୍ତ ପରିବାର ଓ ଗ୍ରାମବାସୀ ପୁଲିସ୍ ଜାଣିଶୁଣି ମୁଖ୍ୟ ଅଭିଯୁକ୍ତ ସ୍ତ୍ରୀ ଭବାନୀ ପରାଭୋଇଙ୍କୁ ଗିରଫ କରୁନାହିଁ ତାଙ୍କୁ ଶୀଘ୍ର ଗିରଫ କରାଯିବା ଦାବୀରେ ଗୁରୁବାର ଥାନା ଘେରାଉ କରିଥିଲେ। ସେମାନେ ମୁଖ୍ୟ ଅଭିଯୁକ୍ତ ସ୍ତ୍ରୀ ସହ ହତ୍ୟା ଘଟଣାରେ ସାମିଲ ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ ଶୀଘ୍ର ଗିରଫ କରିବାକୁ ଦାବି କରି ତୀବ୍ର ପ୍ରତିବାଦ ସହ ଥାନାରେ ହୋହାଲ୍ଲା କରିଥିଲେ। ଏହି ଘେରାଉରେ ପରିବାରର ବଡ଼ଭାଇ ଡମ ପରାଭୋଇଙ୍କ ସହ ଶତାଧିକ ଗ୍ରାମବାସୀ ସାମିଲ ଥିଲେ। ଆଇଆଇସି ସନାତନ ସାହୁ ନିଜେ ଉତ୍ତ୍ୟକ୍ତଙ୍କୁ ଡ଼ାକି ପ୍ରଥମେ ୩ଜଣଙ୍କୁ ତୁରନ୍ତ ଗିରଫ କରାଯାଇଛି,ଏବେବି ତଦନ୍ତ ଜାରି ରହିଛି,ମୁଖ୍ୟ ଅଭିଯୁକ୍ତ ସ୍ତ୍ରୀ ସହ ସାମିଲ ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ ନିଶ୍ଚିତ ଗିରଫ କରାଯିବ ବୋଲି ନିର୍ଭର ପ୍ରତିଶୃତି ଦେବା ପରେ ଘେରାଉ ପ୍ରତ୍ୟାହୃତ ହୋଇଥିଲା।

## ଗ୍ରାମବାସୀଙ୍କ ସଂଘବଦ୍ଧ ଆକ୍ରମଣରେ ଜଣେ ମୃତ, ୬ ଅଟକ

ଦେବଗଡ,(ସବ୍ୟୁ) : ଜଙ୍ଗଲ ମଧ୍ୟରେ ଗୋରୁ କାଟୁ ଥିବା ବେଳେ ଗ୍ରାମବାସୀଙ୍କ ସଂଘବଦ୍ଧ ଆକ୍ରମଣରେ ଜଣେ ମୃତ, ଜଣେ ଆହତ। ଘଟଣା ଘଟିଛି ଦେବଗଡ ଜିଲ୍ଲା, ରିଆମାଳ ଥାନା ଅନ୍ତର୍ଗତ କେନ୍ଦେଇଜୁରୀ ଗ୍ରାମରେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଛନ୍ତି। ଆହତ ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ପଠାଇବା ସହ ଅଧିକ ତଦନ୍ତ ଆରମ୍ଭ କରିଛନ୍ତି। ଦେବଗଡ ଜିଲ୍ଲା ରିଆମାଳ ଥାନାଞ୍ଚଳ କେନ୍ଦେଇଜୁରୀ ଗ୍ରାମରେ ଘଟିଛି ଏଭଳି ଅଘଟଣ। ଗ୍ରାମବାସୀଙ୍କ ସଂଘବଦ୍ଧ ଆକ୍ରମଣରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। କେନ୍ଦେଇଜୁରୀ ଗ୍ରାମ ନିକଟସ୍ଥ ଜଙ୍ଗଲରେ ତିନିଜଣ ବ୍ୟକ୍ତି ମିଶି ଏକ ଗୋରୁକୁ କାଟି ମାଂସ ବନାଉଥିବା ବେଳେ ଜଙ୍ଗଲକୁ ଯାଇଥିବା ମହିଳା ମାନେ ଘଟଣାକୁ ଦେଖି ଗ୍ରାମ ରେ ଖବର ଦେଇଥିଲେ। ଖବର ପାଇ ଗ୍ରାମର ପୁରୁଷ ଓ ମହିଳା ଘଟଣାସ୍ଥଳରେ ପହଞ୍ଚି ଗୋରୁ କାଟୁଥିବା ଦୁଇ ଜଣଙ୍କୁ ଧରିଥିବାବେଳେ ଅନ୍ୟ ଜଣେ ଖସି ପଳାଇ ଯାଇଥିଲା। ଗୋରୁ ମାଂସ ସହ ଗ୍ରାମବାସୀ ନିକଟସ୍ଥ ତେରେଣ୍ଡାକଟା ଗ୍ରାମର କିଶୋର ଚମାର ଓ କେନ୍ଦେଇଜୁରୀ ଗ୍ରାମର ଗୌତମ ନାଏକକୁ ଗ୍ରାମ ମଧ୍ୟସ୍ଥ ସ୍ଥାନକୁ ଆଣିଥିଲେ। ସେମାନଙ୍କୁ ଆଣିବା ସମୟରେ ଗ୍ରାମବାସୀ ସେମାନଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଗ୍ରାମ ମଝିରେ ପହଞ୍ଚିବା ପରେ କିଶୋର ଚମାରଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଗୌତମ ଗୁରୁତର ଆହତ ହୋଇଥିଲେ। ମୃତ ଓ ଆହତ ବ୍ୟକ୍ତି ମୃତ ଗୋରୁକୁ କାଟି ମାଂସ ନେବା ସହ ଚମଡା ଛଡାଇ ନେଉଥିଲେ ବୋଲି ସ୍ୱୀକାର କରିଛନ୍ତି। ଏହା ସେମାନଙ୍କ କୌଳିକ ବୃତ୍ତି ବୋଲି ଆକ୍ରମଣର ଶୀକାର ହୋଇଥିବା ଗୌତମ ନାଏକ ଓ ମୃତ କିଶୋର ଚମାରଙ୍କ ସ୍ତ୍ରୀ ମାନସୀ ଚମାର ପ୍ରକାଶ କରିଛନ୍ତି। ଖବର ପାଇ ରିଆମାଳ ଥାନା ଓ କଂସର ଫାଣ୍ଡିରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଦେହରେ ୬ ଜଣ ଲୋକଙ୍କୁ ନେଇ ପଚରାଉଚରା କରୁଛନ୍ତି।

ଘଟଣାସ୍ଥଳରେ ଫରେନସିକ ଟିମ ପହଞ୍ଚି ବିଭିନ୍ନ ସାମଗ୍ରୀ ଜବତ କରିଛନ୍ତି। ପ୍ରାଣୀ ଚିକିତ୍ସକ ଜବତ ମାଂସ ର ପରୀକ୍ଷା କରିବା ସହ ଲାବୋରଟୋରୀକୁ ପଠାଇଛନ୍ତି। ଉତ୍ୟକ୍ତ ଗ୍ରାମବାସୀ ମୃତ କିଶୋର ଚମାରଙ୍କ ବାଇକ୍କୁ ମଧ୍ୟ ପୋଡି ଦେଇଛନ୍ତି। ଏପଟେ ଗ୍ରାମର ଯୁବକ ମାନଙ୍କୁ ପୋଲିସ ରିଆମାଳ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ବେଳେ ମହିଳା ମାନେ ଏହାକୁ ବିରୋଧ କରିଛନ୍ତି। ମହିଳା ମାନଙ୍କ କହିବା କଥା ମୃତକ ଓ ଆହତ ମିଶି ନିୟମିତ ଜୀବନ୍ତ ଗୋରୁ ମାରି ମାଂସ ବିକ୍ରି କରୁଥିଲେ। ସେମାନେ ନିଜ ମଧ୍ୟରେ ଝଗଡା କରି ମାଡପିଟ ହେଉଥିଲେ। ଗ୍ରାମବାସୀ ସେମାନଙ୍କୁ କଟା ଗୋରୁ ମାଂସ ସହ ଗ୍ରାମ ମଧ୍ୟକୁ ଆଣିବା ପରେ ହଠାତ କିଶୋର ମରିଯାଇଥିଲେଛ ପୋଲିସ ଦ୍ୱାରା ଅଟକ ଯୁବକ ମାନେ ନିର୍ଦ୍ଦୋଷ ବୋଲି ମହିଳା ମାନେ କହିଛନ୍ତି। ଏହି ଘଟଣା ପରେ ଗ୍ରାମ ରେ ଉତ୍ତେଜନା ଲାଗିରହିଛି। ଗୋରୁ ହତ୍ୟା କରିବା ସହ ମାଂସ ବିକ୍ରି କୁ ଜନସାଧାରଣ ସହଜରେ ଗ୍ରହଣ କରିପାରୁନାହାନ୍ତି।

# ଡିଡାୟୀ ଯୁବତୀ ଚମ୍ପାଙ୍କ ଗ୍ରାମକୁ ଯାଇ ଶୁଭେଚ୍ଛା ଜଣାଇଲେ ଜିଲ୍ଲାପାଳ

ମାଲକାନଗିରି,(ସବ୍ୟୁ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ନାକାମାମୁଡି ପଞ୍ଚାୟତର ଆମ୍ବିଳା ବେଡା ଗ୍ରାମର ଆଦିମ ଡିଡ଼ାୟୀ ଜନଜାତିର ପ୍ରଥମ ଡାକ୍ତର ହେବାକୁ ଯାଉଥିବା ଚମ୍ପା ରାସପେଦାଙ୍କ ଗାଁରେ ପହଞ୍ଚିଛନ୍ତି ନିଜେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ। ଚମ୍ପା ଆଦିମ ଡିଡ଼ାୟୀ ଜନଜାତି ସମାଜର ପ୍ରଥମ ଡାକ୍ତର ହେବାକୁ ଯାଉଥିବା ବେଳେ ଯାହା ଆମ ଜିଲ୍ଲା ମାଲକାନଗିରି ଓ ସମସ୍ତଙ୍କ ପାଇଁ ଗୌରବର ବିଷୟ ବୋଲି ଜିଲ୍ଲାପାଳ କହିଛନ୍ତି। ଡ଼ାକ୍ତର ହୋଇ ନିଜ ଜିଲ୍ଲାରେ ସେବା କରିବା ପାଇଁ ଜିଲ୍ଲାପାଳ ଚମ୍ପାଙ୍କୁ ପ୍ରୋତ୍ସାହିତ କରିଛନ୍ତି। ତତ୍ ସହିତ ଆଗାମୀ ଦିନରେ ବିଶେଷଜ୍ଞ ଡାକ୍ତର ହେବାକୁ ଲକ୍ଷ୍ୟ ରଖି ନିଜ ଅଞ୍ଚଳ ଓ ସମାଜର ସେବା କରିବା ପାଇଁ ଚମ୍ପାଙ୍କୁ ମାର୍ଗଦର୍ଶନ କରିଛନ୍ତି ଜିଲ୍ଲାପାଳ। ଏହି ଅବସରରେ ଜିଲ୍ଲାପାଳ ଚମ୍ପାଙ୍କ ସ୍କୁଲ ଓ କଲେଜ ଶିକ୍ଷା ଓ ନିଟ୍ ପ୍ରସ୍ତୁତି କିପରି ରହିଥିଲା ସେ ବିଷୟରେ ପଚାରି ବୁଝିଥିଲେ। ତାଙ୍କ ସଫଳତା ଅନେକ ଜନଜାତି




ଛାତ୍ରଛାତ୍ରୀ ଓ ସମସ୍ତ ଛାତ୍ରଛାତ୍ରୀ ବର୍ଗଙ୍କୁ ଅନୁପ୍ରାଣୀତ କରିବ ବୋଲି ଜିଲ୍ଲାପାଳ କହିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ଉକ୍ତ ଗ୍ରାମରେ ଅନେକ ଉଚ୍ଚ ଶିକ୍ଷିତ ଯୁବକଯୁବତୀ ଥିବା କଥା ଜାଣିବାକୁ ପାଇଥିଲେ।

ଅମ୍ବଳିବେଡା ଗ୍ରାମ ଜଣେ ଡାକ୍ତରଙ୍କୁ ସୃଷ୍ଟି କରିଛି। ତେଣୁ ଅଗ୍ରାଧିକାର ଭିତ୍ତିରେ ସେହି ଗ୍ରାମର ମୌଳିକ ଆବଶ୍ୟକତା ଯେପରିକି ପାନୀୟ ଜଳ ଯୋଗାଣ, ରାସ୍ତାଘାଟ, ବିଜୁଳି, ଆବାସ ଗୃହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ଜିଲ୍ଲାପାଳଙ୍କୁ ପାଖରେ ପାଇ ଗ୍ରାମବାସୀଙ୍କ ମନରେ ଖୁସିର ଲହରୀ ଖେଳିଯାଇଥିଲା। ସେହିପରି ଡ଼ାକ୍ତର ହୋଇ ନିଜ ଲୋକ ନିଜ ଅଞ୍ଚଳର ସେବା କରିବାର ଲକ୍ଷ୍ୟ ରହିଛି ବୋଲି ଚମ୍ପା କହିଛନ୍ତି।

ଏହି ଅବସରରେ ଜିଲ୍ଲାପାଳ ଚମ୍ପାଙ୍କୁ ସମ୍ବର୍ଦ୍ଧନା ଜଣାଇ ପୁଷ୍ପଗୁଚ୍ଛ, ଉତ୍ତରୀୟ, ଏକ ଆଣ୍ଡ୍ରଏଡ ମୋବାଇଲ୍, ପୋଷାକ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ପାଠପଢ଼ା ପାଇଁ ୩୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ । ଜିଲ୍ଲାପାଳ ଯେତେବେଳେ ଜାଣିବାକୁ ପାଇଲେ ଯେ ମୋବାଇଲ ଅସୁବିଧା ଯୋଗୁଁ ଚମ୍ପାଙ୍କୁ ପଢାରେ ଅସୁବିଧାର ସମ୍ମୁଖିନ ହେବାକୁ ପଡ଼ିଥିଲା। ତେଣୁ ଉଜ୍ଜଳ ଭବିଷ୍ୟତ ପାଇଁ ଜିଲ୍ଲାପାଳ ନିଜେ ଏକ ମୋବାଇଲ ସେଟ୍ ପ୍ରଦାନ କରିଛନ୍ତି । ଏହି ଅବସରରେ ଚମ୍ପାଙ୍କ ଅଭିଭାବକ ଓ ଗ୍ରାମବାସିନ୍ଦା ଉପସ୍ଥିତ ଥିଲେ। ଜିଲ୍ଲାପାଳ ଏହି ଗସ୍ତରେ ଅମ୍ବଳିବେଡା ଓ ବାୟାପଡ଼ା ଗ୍ରାମବାସୀଙ୍କ ଅଭିଯୋଗ ଶୁଣିଛନ୍ତି। ଅମ୍ବଳିବେଡା ଗ୍ରାମରେ କାଜୁ ଚାଷ କରିବାର ସମସ୍ତ ସୁବିଧା ରହିଥିବାର ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ଏଥି ନିମନ୍ତେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ମାଧ୍ୟମରେ ଏକ କାଜୁ ପ୍ରସେସିଂ ୟୁନିଟ୍ ଆରମ୍ଭ କରିବା ପାଇଁ କହିଛନ୍ତି । ଯାହାଦ୍ୱାରା ସେହି ଗ୍ରାମର ଶିକ୍ଷିତ ଯୁବକ ଯୁବତୀ କର୍ମ ନିଯୁକ୍ତି ପାଇ ସ୍ୱାବଲମ୍ବୀ ହୋଇ ପାରିବେ ବୋଲି ଜିଲ୍ଲାପାଳ କହିଛନ୍ତି। ପାନୀୟ ଜଳ ଯୋଗାଣ ସମସ୍ୟା ଦୂର କରିବା ପାଇଁ ଡଗ୍ ୱେଲ୍ ବ୍ୟବସ୍ଥା କରିବା ପାଇଁ କୁହାଯାଇଛି। ଅଧିକରୁ ଅଧିକ ଜନଜାତି ଲୋକଙ୍କୁ ଆବାସ ଯୋଗାଇ ଦେବାକୁ ସୁନିଶ୍ଚିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ଗ୍ରାମବାସୀଙ୍କୁ ମଧ୍ୟ ନିଜ ଆଖପାଖ ଅଞ୍ଚଳ ସଫା ସୁତୁରା ରଖିବା ପାଇଁ ଜିଲ୍ଲାପାଳ ସଚେତନ କରିଛନ୍ତି। ଜିଲ୍ଲା ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ହଳଧର ଶବର ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, କୋରକୁଣ୍ଡା ବିଡ଼ିଓ ଅମୂଲ୍ୟ ସାହୁ, ଡିଡ଼ାୟୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପରିଚାଳକ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ମସ୍କୋ ଆନ୍ତର୍ଜାତିକ ମେଳାରେ ବୀର ସୁରେନ୍ଦ୍ର ସାଏ ପୁସ୍ତକ ଉନ୍ମୋଚିତ

ସମ୍ବଲପୁର,(ସବ୍ୟୁ): ମସ୍କୋ ଆନ୍ତର୍ଜାତିକ ପୁସ୍ତକ ମେଳାର ଉଦ୍ଘାଟନୀ ଦିବସରେ ଭାରତୀୟ ପ୍ୟାଭିଲିଅନ୍‌ରେ ଦୀପକ କୁମାର ପଣ୍ଡାଙ୍କ ଦ୍ୱାରା ହିନ୍ଦୀ ଭାଷାରେ ରଚିତ ବୀର ସୁରେନ୍ଦ୍ର ସାଏ ପୁସ୍ତକ ଉନ୍ମୋଚିତ ହୋଇଯାଇଛି । ପତଞ୍ଜଳି ଆୟୁର୍ବେଦର ପରିଚାଳନା ନିର୍ଦ୍ଦେଶକ ଆଚାର୍ଯ୍ୟ ବାଳକୃଷ୍ଣ, ବୈଜ୍ଞାନିକ ପଦ୍ମଶ୍ରୀ ଅଜୟ କୁମାର ସୋନକର, ପ୍ରଖ୍ୟାତ ଲେଖକ ଅକ୍ଷତ ଗୁପ୍ତା, କାଶ୍ମୀର ବିଦ୍ୱାନ ଡ. ଏସ୍‌ଏନ୍ ପଣ୍ଡିତ, ଚଳଚିତ୍ର ନିର୍ମାତା ଅନୀଲ



ଜଙ୍କାର, ଚିତ୍ରଶିଳ୍ପୀ ମୋହିତ ସୁନେଜା, ସାହିତ୍ୟ ଏକାଡେମୀର ଉପାଧ୍ୟକ୍ଷ ପ୍ରଫେସର କୁମୁଦ ଶର୍ମା, ଓଡିଶୀ ନୃତ୍ୟଶିଳ୍ପୀ ଜୟା ମେହେଟ୍ଟା ପ୍ରମୁଖ ଉପସ୍ଥିତ ରହି ପୁସ୍ତକ ଉନ୍ମୋଚନ କରିଥିଲେ । ଏହି ଅବସରରେ ଲେଖକ ଶ୍ରୀପଣ୍ଡା କହିଥିଲେ ଯେ, ଅନେକ ବିଶେଷତ୍ୱ ନେଇ ସମ୍ବଲପୁର ସଶସ୍ତ୍ର ସଂଗ୍ରାମ ମହିୟାନ ଅଟେ । ବ୍ରିଟିଶ ବିରୁଦ୍ଧରେ ଏହା ସର୍ବାଧିକ ସମୟ ଧରି ଚାଲିଥିବା ସଶସ୍ତ୍ର ସଂଗ୍ରାମ । ସଂଗ୍ରାମକୁ ରୋକିବାରେ ବିଫଳ ହୋଇ ବ୍ରିଟିଶ ଶାସନ ଶାନ୍ତିପୂର୍ଣ୍ଣ ବୁଝାମଣାର ମାର୍ଗ ଆପଣେଇ ଥିଲେ । ମାତ୍ର ବିଶ୍ୱାସ ଘାତକତା ଓ ଷଡଯନ୍ତ୍ର କରି ବିନା ଦଣ୍ଡାଦେଶରେ ସଂଗ୍ରାମୀଙ୍କୁ ଅଟକବନ୍ଦୀ କରିଥିଲେ । ଏହି ସଂଗ୍ରାମର ନେତା ବୀର ସୁରେନ୍ଦ୍ର ସାଏ ନିଜ ଜୀବନର ଦୀର୍ଘ ୩୭ବର୍ଷ କାଳ ତଥା ତାଙ୍କ ଭ୍ରାତା ଉଦନ୍ତ ସାଏ ୪୭ବର୍ଷ କାରାବରଣ କରି କାରାଗାରରେ ମୃତ୍ୟୁବରଣ କରିଥିଲେ । ଏହି ସଂଗ୍ରାମରେ ଅନେକ ପରିବାରର ଦୁଇ ଓ ତିନି ପୀଢିର ବହୁ ସଦସ୍ୟ ବା ସମସ୍ତ ପୁରୁଷ ନିଜ ପ୍ରାଣର ଆହୂତି ଦେଇଥିଲେ । ସୂଚନାଯୋଗ୍ୟ, ଭାରତୀୟ ଲେଖକଙ୍କ ପ୍ରତିନିଧି ଦଳରେ ଜଣେ ସଦସ୍ୟ ଭାବେ ଦୀପକ କୁମାର ପଣ୍ଡା ମସ୍କୋ ଯାଇଛନ୍ତି । ଏହି ପୁସ୍ତକ ମେଳାର ଭାରତୀୟ ପ୍ୟାଭିଲିଅନ୍‌ରେ ନବ ଉନ୍ମୋଚିତ ବୀର ସୁରେନ୍ଦ୍ର ସାଏଙ୍କ ସମେତ ଇଂରାଜୀ ପୁସ୍ତକ ସମ୍ବଲପୁରୀ ଲାଙ୍ଗୁଏଜ , କଲଚର ଆଣ୍ଡ ଟ୍ରାଡିସନ୍ ପ୍ରଦର୍ଶିତ ହୋଇଛି ।

## ମହମ୍ମଦ ଜୟନ୍ତୀ ପାଳନ ନେଇ ପ୍ରସ୍ତୁତି ବୈଠକ

ବଲାଙ୍ଗିର,(ସବ୍ୟୁ): ମୁସଲମାନ ମାନଙ୍କର ଧର୍ମଗୁରୁ ମହମ୍ମଦଙ୍କ ଜୟନ୍ତୀ ଶୁକ୍ରବାର ପାଳନ ହେବ। ଫଳରେ ପୋଲିସ୍ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବଲାଙ୍ଗିର ଆଦର୍ଶ ଟାଉନ ଥାନାରେ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗିର ସଦର ଏସ ଡି ପି ଓ ସରୋଜ ଉପାଧ୍ୟାୟ, ଟାଉନ ଥାନା ଅଧିକାରୀ ଅବନୀ ସାହୁଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗିର ସୁନ୍ନି ସଦର ମସଜିଦ କମିଟି ସଭାପତି ନାସିର ଖାନ ଓ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ବଜରଙ୍ଗ ଦଳର ସଭାପତି କାହ୍ନା ଶତପଥୀ ପ୍ରମୁଖ ମଧ ଉପସ୍ଥିତ ଥିଲେ। ତେବେ ଶୁକ୍ରବାର ମହମ୍ମଦଙ୍କ ଜୟନ୍ତୀ ପାଇଁ ଏକ ଶାନ୍ତି ସଦଭାବନା ଶୋଭାଯାତ୍ରା ସହର ପରିକ୍ରମା କରିବ। ସେହିପରି ବିଭିନ୍ନ ସ୍ଥାନରେ ମୁସଲିମ ସଂଗଠନ ପକ୍ଷରୁ ପ୍ରବଚନ କାର୍ଯ୍ୟକ୍ରମ ହେବ। ତେଣୁ ଏସବୁର ଶାନ୍ତି ଶୃଙ୍ଖଳାରେ ଆୟୋଜନ ପାଇଁ ଏହି ବୈଠକ ପୋଲିସ୍ ପକ୍ଷରୁ କରାଯାଇଥିଲା।

## ଏକ ପେଡ୍ ମା କି ନାମ୍ କାର୍ଯ୍ୟ କ୍ରମର ଶୁଭାରମ୍ଭ

ସୋନପୁର,(ସବ୍ୟୁ): ସୁବର୍ଣ୍ଣପୁର ଠାରେ ଏକ୍ ପେଡ୍ ମା କେ ନାମ ଗଛ ବିତରଣ କାର୍ଯ୍ୟକ୍ରମକୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଡଃ ନୃପରାଜ ସାହୁ ସବୁଜ ପତାକା ଦେଖାଇ ଉଦଘାଟନ କରିଥଲେ । ଚାରା ବଣ୍ଟନ କାର୍ଯ୍ୟକ୍ରମ କୁ ସଫଳ କରାଇ ପରିବେଶ ସୁରକ୍ଷା ପାଇଁ ସମସ୍ତେ ସଂକଳ୍ପ ନେବାକୁ ପରାମର୍ଶ ଦେଇଥିଲେ । ସବୁ ପଞ୍ଚାୟତକୁ ଗଛ ପଠାଇଲେ ସୁବର୍ଣ୍ଣପୁର ଜିଲ୍ଲାପାଳ । ଜିଲ୍ଲାପାଳଙ୍କ ସରକାରୀ ବାସଭବନ ସମ୍ମୁଖରେ ଆୟୋଜନ ହୋଇ ଥିବା



ଏହି କାର୍ଯ୍ୟକମକୁ ସୁବର୍ଣ୍ଣପୁର ଜିଲ୍ଲା ବନଖଣ୍ଡ ଅଧିକାରୀ ମଦନ ଲାଲ୍ ଶର୍ମା ସଂଯୋଜନା କରିଥିଲେ । ଫରେଷ୍ଟର ଭକ୍ତ ବନ୍ଧୁ ମିଶ୍ରଙ୍କ ସମେତ ବନ ବିଭାଗର ସମସ୍ତ ଅଧିକାରୀ ଏଥିରେ ସହଯୋଗ କରିଥିଲେ । ଆଜି ଦୁଇଟା ଗାଡ଼ିରେ ଜିଲ୍ଲାର ବିଭିନ୍ନ ପଞ୍ଚାୟତକୁ ଗଛ ଗଛ ବିତରଣ ପାଇଁ ଯାଇଥିବା ବେଳେ ଆସନ୍ତା ସେପ୍ଟେମ୍ବର ମାସ ୧୭ ତାରିଖରେ ସାରା ଜିଲ୍ଲାରେ ଦିନକିଆ ବନୀକରଣ କାର୍ଯ୍ୟକ୍ରମ ହେବ । ଜିଲ୍ଲାର ୧୦୯ ଗୋଟି ସବୁ ପଞ୍ଚାୟତ ରେ ୫୦୦ ଟା ଲେଖାଏ ୫୪ ହଜାର ୫୦୦ ଗୋଟି ଗଛ ବିତରଣ ସହ ବନ ବିଭାଗ ରୁ ୪୦ ହଜାର ଗଛ ସର୍ବ ମୋଟ ୯୪, ହଜାର ୫୦୦ ଗୋଟି ଗଛ ସାରା ଜିଲ୍ଲାରେ ଏହି ଯୋଜନାରେ ବୃକ୍ଷରୋପଣ ହେବ ବୋଲି ଡି ଏଫ୍ ଓ ଶ୍ରୀ ଶର୍ମାଙ୍କ ଠାରୁ ସୂଚନା ମିଳିଛି । ପ୍ରତି ପଞ୍ଚାୟତକୁ ଶ୍ରୀ ଶର୍ମା ପରିଦର୍ଶନ କରି ଏହାର ତଦାରଖ କରିବେ ଓ ଜିଲ୍ଲାପାଳ ଡଃ ସାହୁ ମଧ ବିଭିନ୍ନ ଅଞ୍ଚଳକୁ ଅଚାନକ ପରିଦର୍ଶନ କରି ଏହି ଯୋଜନାର ତଦାରଖ କରିବେ ବୋଲି ସୁଚନା ମିଳିଛି ।

## ଛାତ୍ରୀଙ୍କୁ ଅସଦାଚରଣ ମାମଲାରେ ନୂଆ ମୋଡ଼

### ପାଲଟା ଅଭିଯୋଗ ଆଣିଲେ ପ୍ରଧାନଶିକ୍ଷକଙ୍କ ସ୍ତ୍ରୀ

ଜୁନାଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ବଳଦିଆମାଲ ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀ ମାନଙ୍କ ଅଭିଯୋଗକୁ ନେଇ ପ୍ରଧାନ ଶିକ୍ଷକ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ବେଳେ ପ୍ରଧାନ ଶିକ୍ଷକଙ୍କ ଧର୍ମ ପତ୍ନୀ ସୁମିତ୍ରା ମେହେରଙ୍କ ଅଭିଯୋଗ ଅନୁସାରେ ସେହି ସ୍କୁଲର ତିନି ଜଣ ଶିକ୍ଷକ ତଥା ଯିଶୁରାମ ଗୋପାଳ ,ଓମ୍ ପ୍ରସାଦ ମେହେର ,ସାମନ୍ତ ମେହେର ଏବଂ ଦୁଇ ଜଣ ଗ୍ରାମ ବାସୀଙ୍କ ନାମରେ ସଂଗୀନ ଅଭିଯୋଗ ଆଣିଥିବାର ଦେଖିବାକୁ ମିଳିଛି । ଅଭିଯୋଗର ସୂଚନାନୁଯାଇ ବହୁ ବର୍ଷ ଧରି ସ୍କୁଲରେ ଥିବା ଜଣେ ଶିକ୍ଷକ ସ୍କୁଲର ଜଣେ ଶିକ୍ଷୟତ୍ରୀଙ୍କ ସହ ଅନୈତିକ ସମ୍ପର୍କ ରଖି ଥିବାରୁ ପ୍ରଧାନ ଶିକ୍ଷକ ଜାଣି ପାରିଥିଲେ ଏବଂ ଏ ସମ୍ପର୍କକୁ ବହୁବାର ବିରୋଧ କରି ଆସୁଥିବାରୁ ଆକ୍ରୋଶର ଶିକାର ହୋଇଥିବାର ଅଭିଯୋଗରେ ଦର୍ଶା ଯାଇଛି । ସୂଚନା ଯୋଗ୍ୟ ଯେ ଗ୍ରାମର କିଛି ଯୁବକକୁ ନେଇ ମରଣାତ୍ମକ ଆକ୍ରମଣ କରି ଛାତ୍ରୀଙ୍କୁ ପ୍ରବର୍ତ୍ତାଇ ନିଜେ ବିଇଓକୁ ଦରଖାସ୍ତ କରି ଷଡ଼ଯନ୍ତ୍ର କରି ଫସାଇ କୋର୍ଟକୁ ପଠାଇବାରେ ସକ୍ଷମ ହୋଇଥିବାର ଲିଖିତ ଅଭିଯୋଗ ଜୁନାଗଡ଼ ଥାନା, କଳାହାଣ୍ଡି ଏସ୍ ପି ଏବଂ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଦେଇଥିବାର ଦେଖିବାକୁ ମିଳିଛି । ଅଭିଯୋଗକୁ ଆଧାର କରି ଜୁନାଗଡ଼ ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଚାଲୁ ଥିବାର ଜୁନାଗଡ଼ ପୋଲିସ ପକ୍ଷରୁ ସୂଚନା ମିଳିଛି । ଜୁନାଗଡ଼ ବିଇଓଙ୍କୁ ପ୍ରତିକ୍ରିୟା ମାଗିବାରୁ ମୋର ପାଖରେ ଅଭିଯୋଗ କପି ଆସିଲା ପରେ ମୁଁ ଏ ସବୁକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି ପ୍ରକାଶ କରିଥିଲେ ।

## ପୌର ପରିଷଦ ମାନ୍ୟତା ଦାବିରେ ୧୨ ଘଣ୍ଟିଆ କଣ୍ଟାବାଞ୍ଜି ବନ୍ଦ

କଣ୍ଟାବାଞ୍ଜି,(ସବ୍ୟୁ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦକୁ ପୌର ପରିଷଦ ମାନ୍ୟତା ଦାବିରେ ବିଜେଡ଼ି ପକ୍ଷରୁ ନେତ୍ରୀ ନିରୁପମା ମାଝୀଙ୍କ ନେତୃତ୍ୱରେ ଗୁରୁବାର ୧୨ ଘଣ୍ଟିଆ କଣ୍ଟାବାଞ୍ଜି ବନ୍ଦ ଡ଼ାକରା ଦିଆଯାଇଥିଲା । ସକାଳୁ ୬ଟାରୁ କଣ୍ଟାବାଞ୍ଜି ଇନ୍ଦିରା ଛକ ଠାରେ ବିଜେଡ଼ି ନେତା ନେତ୍ରୀ ଏକତ୍ରିତ ହୋଇ କଣ୍ଟାବାଞ୍ଜି ସହର ବୁଲି ପିକେଟିଂ କରି ଦୋକାନ ବଜାର ବନ୍ଦ କରିବା ପାଇଁ ନିବେଦନ କରିଥିଲେ । ଇନ୍ଦିରା ଛକ ଠାରେ ଏକ ପ୍ରତିବାଦ ସଭା ହୋଇଥିଲା । ପରେ ଏକ ବିରାଟ ବାଇକ ଶୋଭାଯାତ୍ରା ସହରର ମୁଖ୍ୟ ମାର୍ଗ ଦେଇ କଣ୍ଟାବାଞ୍ଜି ତହସିଲ କାର୍ଯ୍ୟାଳୟ ପହଞ୍ଚି ତହସିଲଦାର ବିଶ୍ୱନାଥ ଖାଲଖୋଙ୍କ ଜରିଆରେ ଏକ ଦାବି ପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା । ବନ୍ଦ ପାଳନ ସମୟରେ ସରକାରୀ କାର୍ଯ୍ୟାଳୟ ବେସରକାରୀ କାର୍ଯ୍ୟାଳୟ ଦୋକାନବଜାର, ସହ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଯଦି କଣ୍ଟାବାଞ୍ଜିକୁ ମ୍ୟୁନିସିପାଲିଟି ତୁରନ୍ତ ଘୋଷଣା ନ କରାଯାଏ ତେବେ ଆନ୍ଦୋଳନ ଆହୁରି ଜୋରଦାର କରିବା ନେଇ ବିଜେଡ଼ି ନେତ୍ରୀ ନିରୁପମା ମାଝୀ ଚେତାବନୀ ଦେଇଥିଲେ ।

କାର୍ଯ୍ୟକ୍ରମରେ ଗିରିରାଜ ସିଂ ମାଝୀ ବିଜେଡି ରାଜ୍ୟ ସାଧାରଣ ସଂପାଦକ ରାଜୁ ଘିବେଲା, ମୁରିବାହାଲ ବ୍ଲକ ପୂର୍ବତନ ଅଧକ୍ଷ ହଂସରାଜ ଜୈନ, ପିଙ୍କି ଖର୍ସେଲ,ଦେବରାଜ ଯାଦବ, ଦେବାର ବାରିକ, କିଶୋର ମଜଖଣ୍ଡ, ବିଷ୍ଣୁ ପ୍ରସାଦ ଯୁଏଡ, ଦୀପକ ଘିବେଲା, ଆଶିଷ ବେହେରା, ଅନୁପ ଖୁରା ପ୍ରମୁଖ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ଯାତ୍ରୀବାହୀ ବସ ଇଞ୍ଜିନରୁ ବାହାରିଲା ଧୁଆଁ, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

କୋକସରା,(ସବ୍ୟୁ): ଜୟପୁରରୁ ଅନୁଗୁଳ ଯାଉଥିବା ଓଡିଶା ରାଜ୍ୟ ପରିବହନର ଓଡ଼ି ୧୯ କେ ୯୨୦୨ ନମ୍ବରର ଏକ ଯାତ୍ରୀବାହୀ ବସ୍ ଗୁରୁବାର ଜାତୀୟ ରାଜପଥ ୨୬ କାଉଡୋଲା ବସଷ୍ଟାଣ୍ଡ ନିକଟରେ ରହିବା ପରେ ହଠାତ ଇଞ୍ଜିନ ମଧ୍ୟରୁ ଧୂଆଁ ବାହାରୁଥିବା ଦେଖିଥିଲେ । ଡ୍ରାଇଭର ବସରେ ଥିବା ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବସରୁ ବାହାରକୁ ଯିବାକୁ କହିଥିଲେ। ବସରେ ଥିବା ସମସ୍ତ ଯାତ୍ରୀ ଭୟଭୀତ ହୋଇ ପଡ଼ିଥିଲେ। ଏନେଇ କାଉଡୋଲା ଗ୍ରାମର ଜଣେ ସଚେତନ ଯୁବକ ତ୍ରିଲୋକ୍ୟ ବେଶ୍ରା ଦମକଳ ବାହିନୀକୁ ଫୋନ୍ କରିବାରୁ ଘଟଣା ସ୍ଥଳରେ ଦମକଳ ବାହିନୀ ପହଞ୍ଚି ଧୂଆଁ ବାହାରୁଥିବା ଇଞ୍ଜିନରେ ପାଣି ସିଞ୍ଚନ କରିବା ପରେ ଧୂଆଁ କମି ଯାଇଥିଲା ଓ ଯାତ୍ରୀବାହୀ ବସଟି ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛି। ପରେ ଯାତ୍ରୀଙ୍କୁ ଅନ୍ୟ ଯାତ୍ରୀବାହୀ ବସରେ ତାଙ୍କ ଗନ୍ତବ୍ୟ ସ୍ଥାନକୁ ପଠା ଯାଇଛି। ତେବେ ଏକ ଅଘଟଣରୁ ସମସ୍ତ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

## ତରଭାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ତରଭା,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ଏବଂ ପଞ୍ଚାୟତ ସମିତି ତରଭା ପକ୍ଷରୁ ଆୟୋଜିତ ଶିବିରକୁ ପଞ୍ଚାୟତ ସମିତି ତରଭା, ଅଧକ୍ଷ ସରୋଜ କମ୍ପ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉଦ୍ଘାଟନ କରିଥିଲେ।

ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମର୍ଥ୍ୟ ଶିବିରର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ଭିନ୍ନକ୍ଷମ ମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରି ଯୋଜନା ଗୁଡିକ ଆଲୋକପାତ କରିଥିଲେ । ସାଂସଦ, ବଲାଙ୍ଗୀରଙ୍କର ପ୍ରତିନିଧି ବିମଳ କୁମାର ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ନୋଡାଲ ଅଧିକାରୀ ଭାବରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଶିଶୁ ସୁରକ୍ଷା ଅଧିକାରୀ ବିଜୟ ବିଶ୍ବାଳ , ତରଭା ବିଡ଼ିଓ ଗଙ୍ଗାରାମ ବୁଡେକ, ଉପାଧ୍ୟକ୍ଷା ତରଭା ବ୍ଲକ ଦ୍ୱାଦଶୀ କୁଅଁର, ଅତିରିକ୍ତ ବିଡ଼ିଓ ନିରଞ୍ଜନ ନାଏକ, ମାନସିକ ରୋଗ ବିଶେଷଜ୍ଞ ଡ଼ା ଚେତୁରାମ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ବିଡ଼ିଓ ଗଙ୍ଗାରାମ ବୁଡେକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ସୁଚାରୁ ରୂପେ ସମ୍ପାଦନ ହୋଇଥିଲା । ଗୋଷ୍ଠି ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ ସଭା ପରିଚାଳନା କରିଥିଲେ । ଶିବିରରେ ୫୦୨ ଜଣ ପଞ୍ଜୀକୃତ ହୋଇଥିଲେ। ୪୮ ଜଣଙ୍କୁ ବସ ପାସ, ୩୮ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା, ପ୍ରଦାନ କରିବା ପାଇଁ ଚିହ୍ନଟ କରାଯାଇଥିଲା। ୧୪ ଜଣଙ୍କୁ ଶ୍ରବଣ ଯନ୍ତ୍ର, ୩ ଜଣଙ୍କୁ ହୁଇଲ୍ ଚେୟାର, ୨୦ ଜଣକୁ ଆସାବାଡ଼ି ପ୍ରଦାନ କରାଯାଇଥିଲା। ଏ. ଇ. ଏସ. କଲେଜ ତରଭାର ଏନ. ଏସ. ଏସ. ସ୍ୱେଚ୍ଛାସେବୀ ମାନେ ଭିନ୍ନକ୍ଷମ ମାନଙ୍କୁ ସମସ୍ତ ପ୍ରକାର ସହଯୋଗ କରିଥିଲେ। ଶିବିରରେ ଦୃଷ୍ଟିହୀନ ଓ ମୁକ ବଧିର ବିଦ୍ୟାଳୟ ତରଭା, ରେଆର ସୋନପୁର, ଏନ. ଆର. ଡି. ସି. ତରଭାର କର୍ମକର୍ତ୍ତା ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା ବରିଷ୍ଠ ରାଜସ୍ୱ ସହାୟକ ଲକ୍ଷ୍ୟବ୍ରତ ନାଏକ,ବରିଷ୍ଠ ରାଜସ୍ୱ ସହାୟକ ବିକାଶ ମେହେର, ବରିଷ୍ଠ ରାଜସ୍ୱ ସହାୟକ ଦିଲ୍ଲୀପ ପାଣିଗ୍ରାହୀ, କନିଷ୍ଠ ରାଜସ୍ୱ ସହାୟକ ଜିତେନ୍ଦ୍ର ସାହୁ, କନିଷ୍ଠ ସହାୟକ କିଶୋର ଧରୁଆ ସମସ୍ତ ପି. ଇ. ଓ/ ଏ. ଡି. ଇ. ଓ/ ଯୋଗାଣ ସହାୟକ, ବି. ଏଲ. ସି. ମନୋଜ ପତ୍ର, ବି.ପି.ସି ଉମାଶଙ୍କର ସାହୁ, ପ୍ରକଳ୍ପ ସହାୟକ ବିକ୍ରମ ବିଶି, ବି.ପି.ଏ ସହନବାଜ୍ ଖାନ, ଡି .ଇ.ଓ ହେମନ୍ତ ବେହେରା, ବିଜୟା ମଲ୍ଲିକ, ସୁରୁବୁଇ କୁଅଁର ଏବଂ ପଞ୍ଚାୟତ ସମିତି କାର୍ଯ୍ୟଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଲୁପ୍ତପ୍ରାୟ ସଙ୍ଗୀତ ଉପରେ ଆଲୋଚନାଚକ୍ର

ପଦ୍ମପୁର,(ସବ୍ୟୁ): ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ସର୍ଗିବାହାଲ ଶିଶୁ ମନ୍ଦିରରେ ସଚେତନ ହେମା ଢୋଲବନ୍ଧ ତରଫରୁ ଏକଦିନିଆ ସେମିନାର ଓ ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ନାଟ୍ୟକାର ରାଜକୁମାର ସାହୁ ଲୁପ୍ତପ୍ରାୟ ଲୋକକଳା ଉପରେ ଗଭୀର ଆଲୋଚନା କରି ପୁରୁଣା ଭାରତୀୟ ନାଟକ, ସଙ୍ଗୀତ, ଗୀତ ଆଦିକୁ ବଞ୍ଚାଇବାକୁ ପିଲାମାନଙ୍କୁ ପ୍ରବାର୍ତ୍ତାଇଥିଲେ । ପରେ ଅନୁଷ୍ଠାନ ତରଫରୁ ଗୁରୁ ଆନନ୍ଦ ବାଗ ବ୍ରହ୍ମବୀଣା ପରିବେଷଣ କରିବା ସହିତ ତାର ପ୍ରସ୍ତୁତି ପ୍ରଣାଳୀ ବୁଝାଇ ଥିଲେ । ଛାତ୍ରଛାତ୍ରୀ ନିଜେ ବ୍ରାହ୍ମବୀଣା ଧରିବା ସହିତ ଲୋକବାଦ୍ୟ ବିଷୟରେ ଅନେକ ପ୍ରଶ୍ନର ଉତ୍ତର ପାଇପାରିଥିଲେ । ରାଜକୁମାର ସାହୁଙ୍କ ନିଆରା ପ୍ରୟାସକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରିଥିବା ବେଳେ ଅନୁଷ୍ଠାନର ମହେନ୍ଦ୍ର ସାହୁ, ଘନଶ୍ୟାମ ସାହୁ, ଘନଶ୍ୟାମ ଭୋଇ ଓ କାର୍ତ୍ତିକ ମହାନନ୍ଦ ପରିବେଷଣରେ ସହଯୋଗ କରିଥିବା ବେଳେ ଶିଶୁ ମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ବୃନ୍ଦ ସହଯୋଗ କରିଥିଲେ । ଗୁରୁଜୀ ହରେରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସବ ଜୁନିୟର ଓ ଜୁନିୟର ବାଳକ ଦଳର ହକି ଖେଳାଳି ଚୟନ

ଝାରସୁଗୁଡା,(ସବ୍ୟୁ):ସ୍ଥାନିୟ ଏଚ କଟାପାଲି ଖେଳ ପଡିଆରେ ଗୁରୁବାର ଅପରାହ୍ନ ୨ଟାରେ ଆନ୍ତଃ ଜିଲ୍ଲା ହକି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ସବ-ଜୁନିୟର ଓ ଜୁନିୟର ବାଳକ ଦଳର ଖେଳାଳି ମନୋୟନ କରାଯାଇଛି ।ଏହି ଚୟନ ପ୍ରକିୟା ରେ ଭାଗ ନେବା ପାଇଁ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଦକ୍ଷ ୯୦ ଜଣ ବାଳକ ୧୪ଟି ସ୍କୁଲର ଉପସ୍ଥିତ ଥିଲେ। ଚୟନ ପ୍ରକିୟା ସମୟରେ ଜିଲ୍ଲା କ୍ରିଡା ଅଧିକାରୀ ତୁଷାର କାନ୍ତି ମିଶ୍ର, ହକି ଓଡିଶାର ଉପ-ସଭାପତି ଜୀବନ ମହାନ୍ତି, ପ୍ରଜ୍ଜ୍ୱଳ ପଟେଲ, ଜିତେନ୍ଦ୍ର ମହନ୍ତ, ସୁଶାନ୍ତ ବେହେରା ,ରୀନା ରଶ୍ମି ତିର୍କି, ଏମ୍ମା ଏକ୍କା, ଉପସ୍ଥିତ ଥିବା ବେଳେ ଚୟନ କମିଟିର ଶକୁନ ନାୟକ , ପ୍ରଫୁଲ କୁଲୁ , ଡିଫର ଟେଟେ ରହି ଥିଲେ ।

## ଭୀମ ଭୋଇ ମହାବିଦ୍ୟାଳୟରେ ୫୬ତମ ସ୍ୱନକ୍ଷତ୍ର ଉତ୍ସବ

ରେଢାଖୋଲ,(ସବ୍ୟୁ): ସ୍ଥାନୀୟ ଭୀମ ଭୋଇ ମହାବିଦ୍ୟାଳୟ, ରେଢାଖୋଲର ୫୬ତମ ପ୍ରତିଷ୍ଠା ଉତ୍ସବ ଏବଂ ୩୨ତମ ଭୀମ ଭୋଇ ସ୍ମାରକୀ ବକ୍ତୃତା ମାଳା ମହାସମାରୋହରେ ପାଳିତ ହୋଇଯାଇଛି । ସମାରୋହକୁ ଉପ ଜିଲ୍ଲାପାଳ,ରେଢାଖୋଲ ରଶ୍ମି ରଞ୍ଜନ ମହାନ୍ତ, ଅଧ୍ୟକ୍ଷତା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଅମଲ୍ୟ କୃଷ୍ଣ ପାଢୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ଆତ୍ମନିର୍ଭର ଭାରତ ନିର୍ମାଣ ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ମୁଖ୍ୟ ବକ୍ତା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅବସର ପ୍ରାପ୍ତ ନିର୍ଦ୍ଦେଶକ ଡ. ଉଦ୍ଧବ ଚରଣ ନାୟକ ଯୋଗଦେଇଥିଲେ । ସେ କହିଥିଲେ ଯେ ଭୀମ ଭୋଇ କେବେ ଅନ୍ଧ କିମ୍ବା କନ୍ଧ ନଥିଲେ। ସେ ଥିଲେ



ଊନବିଂଶ ଶତାବ୍ଦୀରେ ଓଡିଶାର ଏକମାତ୍ର ସନ୍ଥ । ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଡ. ମନୋରଞ୍ଜନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ କିଶୋର ଠାକୁର, ଅଧ୍ୟାପକ ବାମଦେବ ପୃଷ୍ଟି ଏବଂ ନିହାର ରଞ୍ଜନ ରାଉଳଙ୍କ ତତ୍ତ୍ୱାବଧାନରେ ଭୀମ ଭୋଇ ସ୍ମୃତି କୂପ କନ୍ଦର ଠାରେ ଯଥାରୀତି ପୂଜାର୍ଚ୍ଚନା ସାରିବା ପରେ ସେଠାରୁ ଛାତ୍ରମାନଙ୍କ ଦ୍ୱାରା ପଦଯାତ୍ରାରେ ପବିତ୍ର ମଶାଲ ଅଣା ଯାଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରଯାଇଥିଲା । ଏହି ଅବସରରେ ପ୍ରାଧ୍ୟାପକ ଅରୁଣ କୁମାର ଶାସନୀ, ସୁପ୍ରିୟା କୁମାରୀ ମଲ୍ଲିକ, ମମତା ମହାପାତ୍ର, ଡ. ଦିବ୍ୟଲୋଚନ ରାଉତ, ସମିତା ମଲ୍ଲିକଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ, ଛାତ୍ରଛାତ୍ରୀ, ପ୍ରାକ୍ତନ ଛାତ୍ର ଛାତ୍ରୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

## ଆଦି କର୍ମଯୋଗୀ ପ୍ରଶିକ୍ଷଣ ଶିବିର ଉଦଯାପିତ

ଦେବଗଡ଼,(ସବ୍ୟୁ): ସ୍ଥାନୀୟ ଜିଲ୍ଲା ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଆଦି କର୍ମଯୋଗୀ ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମର ତିନି ଦିନିଆ ଜିଲ୍ଲାସ୍ତରୀୟ କର୍ମଶାଳା ଉଦଯାପିତ ହୋଇଯାଇଛି । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ତିଳେଇବଣି ସନ୍ଧ୍ୟା ମାଝୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଧରତୀ ଅବା ଜନ ଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଅନ୍ତର୍ଗତ ଦେବଗଡ଼ ଜିଲ୍ଲାର ୫୨ଗୋଟି ଗ୍ରାମରେ ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ କାର୍ଯ୍ୟକାରୀ ହେବା ସମ୍ପର୍କରେ ମୁଖ୍ୟ ଅତିଥି ଶ୍ରୀ ସାହୁ ଅବଗତ କରିଥିଲେ । ଏହି ଅଭିଯାନର ଅଂଶ ରୂପେ ଧରତୀ ଅବା ଜନଜାତୀୟ ଗ୍ରାମ୍ୟ ଉତ୍କର୍ଷ ଅଭିଯାନ କାର୍ଯ୍ୟକ୍ରମ ଅଧୀନରେ ୩୨ ଗୋଟି ଗ୍ରାମ ପଂଚାୟତ ଅନ୍ତର୍ଗତ ୫୨ ଗୋଟି ଗ୍ରାମରେ ବିଶେଷ ସଚେତନତା ଶିବିର ଆୟୋଜିତ କରାଯିବା ପାଇଁ ପ୍ରସ୍ତାବିତ କରାଯାଇଛି। ପ୍ରଶିକ୍ଷଣ ଶିବିରରେ ମାଷ୍ଟର ଟ୍ରେନର ଭାବେ ତିଳେଇବଣୀ ବ୍ଲକ ବିଡ଼ିଓ ପ୍ରିୟଦର୍ଶନୀ ମିର୍ଦ୍ଧା, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ ,ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼କ୍ଟର ପ୍ରଭାତ କୁମାର ଓଝା ଓ ଏସିଏଫ୍ ଅରୁଣ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ବିଭିନ୍ନ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ କଲ୍ୟାଣ ପ୍ରସାର ଅଧିକାରୀ ଏବଂ ଜିଲ୍ଲା ସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀ କର୍ମଶାଳାରେ ଅଂଶ ଗ୍ରହଣ କରିଥିଲେ ।

## ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ ଘଟଣା, ଜେଲ୍ ଗଲା ଅଭିଯୁକ୍ତ

ମୁରିବାହାଲ ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଗୁଡିଘାଟ ପଞ୍ଚାୟତ ବିଜାମାଳ ଗ୍ରାମର ଜଣେ ଷଷ୍ଠ ଶ୍ରେଣୀ ନାବାଳିକା ଛାତ୍ରୀ(୧୧)ଙ୍କୁ ଦୁଷ୍କର୍ମ ଉଦ୍ୟମ ହୋଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏହି ଘଟଣାର ଅଭିଯୁକ୍ତ ଟଙ୍କ ମାଝୀ(୪୫)ଙ୍କୁ ପୁଲିସ ଗିରଫ କରି ଅଧିକ ତଦନ୍ତ ପରେ ବଲାଙ୍ଗିର ପୋକସୋ କୋର୍ଟ ଚାଲାଣ କରିଛି। ପୁଲିସରେ ହୋଇଥିବା ଲିଖିତ ଅଭିଯୋଗ ମୁତାବକ ରବିବାର ଅପରାହ୍ନରେ ସଂପୃକ୍ତ ନାବାଳିକା ଛାତ୍ରୀଜଣଙ୍କ ତାଙ୍କ ଘରେ ଏକା ଥିଲେ। ଏହି ସମୟରେ ଗ୍ରାମର ଟଙ୍କ ମାଝୀ ନାବାଳିକାଙ୍କ ଘରକୁ ଯାଇ ନାବାଳିକା ଘରେ ଏକୁଟିଆ ଥିବାର ସୁଯୋଗ ନେଇ ତାଙ୍କର ପିନ୍ଧିଥିବା ପୋଷାକ ଖୋଲି ଦୁଷ୍କର୍ମ ଉଦ୍ୟମ କରୁଥିଲା। ନାବାଳିକା ଜଣଙ୍କ ଚିତ୍କାର କରିବାରୁ ପରିବାର ଲୋକେ ଚାଲି ଆସି ତାଙ୍କୁ ଟଙ୍କ କବଳରୁ ଉଦ୍ଧାର କରିଥିଲେ। ଏ ବିଷୟରେ ନାବାଳିକାଙ୍କ ବାପା(୩୮) ଟଙ୍କକୁ ଗାଳିଗୁଲଜ କରିବା ସହ ତାଙ୍କ ପରିବାର ଲୋକଙ୍କୁ ମଧ୍ୟ ଜଣାଇଥିଲେ। ଘଟଣା ପରେ ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପରିବାର ଓ ଗ୍ରାମବାସୀଙ୍କ ସହ ପୀଡ଼ିତା ନାବାଳିକାଙ୍କୁ ଧରି ତାଙ୍କ ବାପା ମୁରିବାହାଲ ଥାନାରେ ଏକ ଲିଖିତ ଏତଲା ଦେଇଥିଲେ। ସେହିପରି ଅଭିଯୁକ୍ତ ଟଙ୍କ ମାଝୀ ମଧ ଥାନାରେ ତାଙ୍କୁ ମୁଣ୍ଡ ପଛ ପଟେ ମାଡ ହୋଇଥିବା ନେଇ ଏକ ଲିଖିତ ଏତଲା ଦେବା ସହ ଡାକ୍ତର ତାଙ୍କୁ ଅଧିକ ଚିକିତ୍ସା ପାଇଁ ବଲାଙ୍ଗିର ପଠାଇଥିବା ଜଣାପଡିଥିଲା। ଉଭୟ ଏତଲା ଆଧାରରେ ପୁଲିସ ତନାଘନା ତଦନ୍ତ ଆରମ୍ଭ କରିଥିଲା। କଣ୍ଟାବାଞ୍ଜି ଏସଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି,ଥାନା ଆଇଆଇସି ସନାତନ ସାହୁ, ଏସଆଇ ଦନାର୍ଦ୍ଦନ ଓରାମ,ପ୍ରମୋଦ କୁମାର ପଧାନ ଓ ପଙ୍କଜିନୀ ବାଗଙ୍କ ସହ ପୁଲିସ ଟିମ୍ ରାତିରେ ବିଜାମାଲ ଗାଁକୁ ପହଞ୍ଚି ତଦନ୍ତ କରିଥିଲେ। ଅଭିଯୁକ୍ତ ଟଙ୍କ ବିବାହିତ ହୋଇଥିବା ବେଳେ ଘରେ ତାଙ୍କର ସ୍ତ୍ରୀ ଓ ଦୁଇ ପୁଅ ମଧ୍ୟ ଅଛନ୍ତି। ଏ ସମ୍ପର୍କରେ କେଶ ନ ୧୮୬/୨୫ରେ ଏକ ମାମଲା ରୁଜୁ ହୋଇ ଏସଆଇ ପଙ୍କଜିନୀ ବାଗ ଅଧିକ ତଦନ୍ତ କରିବା ସହ ନାବାଳିକାଙ୍କ ୧୬୪ବୟାନ ରେକର୍ଡ କରିଥିଲେ। ତଦନ୍ତ ପରେ ଅଭିଯୁକ୍ତ ଟଙ୍କ ମାଝୀକୁ ମେଡିକାଲରୁ ଫେରିବା ପରେ ଗିରଫ କରି ପୋକସୋ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନା ଆଇଆଇସି ସନାତନ ସାହୁ ପ୍ରକାଶ କରିଛନ୍ତି।

## ଖପ୍ରାଖୋଲରେ ପ୍ରାକୃତିକ କୃଷି ସମ୍ପର୍କିତ ତାଲିମ ଶିବିର

ଖପ୍ରାଖୋଲ,(ସବ୍ୟୁ): ସ୍ଥାନୀୟ ବ୍ଲକ୍ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ତାଲିମ କକ୍ଷରେ ପ୍ରାକୃତିକ କୃଷି ସମ୍ପର୍କିତ ତାଲିମ ଶିବିର ଆତ୍ମା ତରଫରୁ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ କୃଷି ଅଧିକାରୀ ସନ୍ତୋଷ କୁମାର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ତାଲିମ ଶିବିରରେ ତାଲିମ ଦାତା ରୁପେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜିନିତା ବରୁଆ, ଏଫ୍ ଇ ଏସ ମାଷ୍ଟର ଟ୍ରେନର ଡଃ ଅଭୟ ତ୍ରିପାଠୀ ,ସହକାରୀ କୃଷି ଅଧିକାରୀ ସୁମନ୍ତ ଖମାରୀ ଯୋଗଦେଇ ସାଂପ୍ରତିକ ସମୟରେ ପ୍ରାକୃତିକ କୃଷିର ଆବଶ୍ୟକତା ଉପରେ ଆଲୋଚନା କରିବା ସହିତ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେବାକୁ କହିଥିଲେ। ସେହିପରି ଗୋମୂତ୍ର, ଗୋବର, ବିଭିନ୍ନ ଗଛର ପତ୍ରକୁ



ବ୍ୟବହାର କରି ମାଟିର ଉର୍ବରକ ଓ ରୋଗ ପୋକ ନିୟନ୍ତ୍ରକ ପ୍ରସ୍ତୁତି କରି ବ୍ୟବହାର କଲେ ମାଟି, ପାଣି, ପବନ ଓ ପରିବେଶ ସୁସ୍ଥ ରହିବା ସହିତ ଜୀବଜଗତ ସୁସ୍ଥ ରହିପାରିବେ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ରୋଗ ପୋକ ନିୟନ୍ତ୍ରକ ପ୍ରସ୍ତୁତି ଉପରେ ତାଲିମ୍ ପ୍ରଦାନ କରିଥିଲେ। ତାଲିମ କାର୍ଯ୍ୟକ୍ରମକୁ ଏ ଟି ଏମ ମାନସ କୁମାର ଖମାରୀ ଓ ପରେଶ୍ କୁମାର ମେହେର ପରିଚାଳନା କରିଥିବା ବେଳେ ଜାତୀୟ ପ୍ରାକୃତିକ କୃଷି ମିଶନ ପ୍ରକଳ୍ପର କୃଷି ସଖୀ, ଓଡ଼ିଶା ଜୀବିକା ମିଶନର କୃଷି ମିତ୍ର, ସିଆରପି ଯୋଗଦେଇଥିଲେ।

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୩୨)
–ମୋକ୍ଷଯୋଗଃ–
(ଶ୍ରୀଭଗବାନୁବାଚ )

ଅଧର୍ମଂ ଧର୍ମମିତି ଯା ମନ୍ୟତେ ତମସାବୃତା ।
ସର୍ବାର୍ଥାନ୍ ବିପରୀତାଂଶ୍ଚ ବୁଦ୍ଧିଃ ସା ପାର୍ଥ ! ତାମସୀ ।। ୩୨ ।।
(ତାମସାଂ ବୁଦ୍ଧି ଆହ)– ହେ ପାର୍ଥ ! ଯା (ବୁଦ୍ଧିଃ) ଅଧର୍ମଂ ଧର୍ମଂ ଇତି ମନ୍ୟତେ, ସର୍ବାର୍ଥାନ୍ ବିପାରୀତାନ୍ ମନ୍ୟତେ, ତମସା ଆବୃତା (ମେଘାଛନ୍ନା) ସା ବୁଦ୍ଧିଃ ତାମସୀ ।। ୩୨ ।।

# ଜିଏସ୍‌ଟି ସଂସ୍କାର ଅଭିନନ୍ଦନୀୟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗଠିତ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ବହୁ ଜନହିତକର କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି । ଏପରିକି ବିଗତ ଉପା ସରକାର ଯେଉଁ ସବୁ ନୂତନ ଆଇନ ସଂସ୍କାର ଦେଶ ପାଇଁ କରିବାକୁ ଚାହିଁଥିଲେ କିନ୍ତୁ କରି ପାରି ନଥିଲେ, ତାହାକୁ ମୋଦି ସରକାର କାର୍ଯ୍ୟରେ କରି ଦେଖାଇ ପାରିଥିଲେ । ତାହା ହିଁ ନରେନ୍ଦ୍ର ମୋଦିଙ୍କ ବୈଶିଷ୍ଟ୍ୟ ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ସଂସଦରେ ଉପସ୍ଥାପନ କରାଯିବା ପରେ ଅଧିକାଂଶ ଶିକ୍ଷିତ ଓ ସଚେତନ ଭାରତୀୟ ତାହାକୁ ସମର୍ଥନ ଜଣାଇଥିଲେ । ଉଭୟ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ମଧ୍ୟରେ ଥିବା ଟିକସର ଜଟିଳତା ଦୂର କରିବା ଲାଗି ଦୀର୍ଘ ଦିନ ହେଲା ପରିଶ୍ରମ ଚାଲିଥିଲା । ସରଳ ଭାବରେ ଗୋଟିଏ ପ୍ରକାର ଟିକସର ଆବଶ୍ୟକତା ସ୍ୱାଧୀନ ଭାରତରେ ସବୁଠାରୁ ବଡ଼ ଆବଶ୍ୟକତା ଥିଲା । ଏହି ଜିଏସ୍‌ଟି ବିଲ୍ ଉପରେ ସଂସଦରେ ବହୁ ବାଦାନୁବାଦ ହୋଇଛି । ବିରୋଧୀ କଂଗ୍ରେସ ଓ ତାଙ୍କର ସହଯୋଗୀ ଉପା ସରକାର ଏପରି ଗୋଟିଏ ପ୍ରକାର ଟିକସ ବ୍ୟବସ୍ଥାକୁ କରାଇ ନ ଦେବାକୁ ମଧ୍ୟ ଉଦ୍ୟମ କରିଥିଲେ । ମାତ୍ର ତାହା ସଫଳ ହୋଇ ନଥିଲା ।

ଜିଏସ୍‌ଟି ଗତ ୨୦୧୭ ଜୁଲାଇ ମଧ୍ୟରାତ୍ରରୁ ହିଁ ଆରମ୍ଭ ହୋଇଥିଲା ତତ୍କାଳୀନ ସଂସଦର ସେଣ୍ଟ୍ରାଲ ହଲ୍‌ରେ । ଏହା ଥିଲା ଏକ ଐତିହାସିକ ଦିବସ । କେନ୍ଦ୍ର ସରକାର ଯେଉଁ ଜିଏସ୍‌ଟି କାଉନସିଲ୍ ଗଠନ କରିଥିଲେ, ସେଥିରେ ବିଶେଷଜ୍ଞମାନଙ୍କ ସହ ରାଜ୍ୟ ସରକାରମାନଙ୍କ ପ୍ରତିନିଧିତ୍ୱ ମଧ୍ୟ ରହିଥିଲା । ଅନେକ ବିଚାରବିମର୍ଷ ପରେ ବିଭିନ୍ନ ତୃଟିବିଚ୍ୟୁତିକୁ ସଜାଡ଼ି ନିଆଯାଇ ଗୋଟିଏ ପ୍ରକାର ସରଳ ଟିକସ ନୀତି ସମସ୍ତଙ୍କ ପାଇଁ କରାଯାଇଥିଲା । କେନ୍ଦ୍ର ସରକାର ରାଜ୍ୟମାନଙ୍କ ସ୍ୱାର୍ଥପ୍ରତି ମଧ୍ୟ ଦୃଷ୍ଟି ଦେଇଥିଲେ । ତେଣୁ ବିରୋଧୀ ଦଳ କିଛି କହିବାର ସୁଯୋଗ ମଧ୍ୟ ପାଇ ନଥିଲେ ।

ଏବେ ମୋଦି ସରକାର ଦୀପାବଳି ପୂର୍ବରୁ ଜିଏସ୍‌ଟିରେ ଯେଉଁ ସଂସ୍କାର ବ୍ୟବସ୍ଥା କରିଛନ୍ତି, ତଦ୍ଦ୍ୱାରା ପରବର୍ତ୍ତୀ ପିଢ଼ି ମଧ୍ୟ ଲାଭାନ୍ୱିତ ହୋଇପାରିବେ । ସାଧାରଣ ବର୍ଗର ଓ ମଧ୍ୟବିତ୍ତ ଲୋକେ ମଧ୍ୟ ଉପକୃତ ହୋଇପାରିବେ ବୋଲି ରାଜ୍ୟ ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଜିଏସ୍‌ଟିର ସଂସ୍କାରକୁ କେନ୍ଦ୍ର ସରକାର ବିଭିନ୍ନ ଓଡ଼ିଆ ଓ ଅନ୍ୟାନ୍ୟ ଭାଷାର ସମ୍ବାଦପତ୍ରମାନଙ୍କରେ ପ୍ରଥମ ପୃଷ୍ଠାରେ ବିଜ୍ଞାପନ ଆକାରରେ ସରଳ ଓ ବୋଧଗମ୍ୟ ଭାଷାରେ ଦେଇଥିବାରୁ ରାଜ୍ୟବାସୀଙ୍କ ତରଫରୁ ଆମ ସମ୍ବାଦପତ୍ର ଜରିଆରେ ଆମେ କେନ୍ଦ୍ର ସରକାରଙ୍କୁ ଅଭିନନ୍ଦନ ଜଣାଉଛୁଁ ।

ଗତ ଅଗଷ୍ଟ ୨୧ (୨୦୨୫) ତାରିଖରେ ବିହାରର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଜିଏସ୍‌ଟିର ମନ୍ତ୍ରିଗୋଷ୍ଠୀ ବୈଠକରେ ନିଷ୍ପତ୍ତି ହୋଇଥିଲା ଯେ ଜିଏସ୍‌ଟିର ସରଳୀକରଣ କରାଯାଇ ଦୁଇଗୋଟି ସ୍ଲାବରେ ରହିବ । କେନ୍ଦ୍ର ସରକାର ତାଙ୍କର ଆଧିପତ୍ୟ ବିସ୍ତାର ନ କରି ରାଜ୍ୟମାନଙ୍କ ସୁବିଧା ପାଇଁ ସେମାନଙ୍କ ଜରିଆରେ ଏହି ସଂସ୍କାର ବ୍ୟବସ୍ଥା କରିଥିବାରୁ କେନ୍ଦ୍ର ସରକାରଙ୍କର ଏହି ପ୍ରଶଂସନୀୟ ଉଦ୍ୟମକୁ ସାରା ଭାରତରେ ସ୍ୱାଗତ କରାଯାଇଛି ।

ସ୍ୱାଧୀନତାର ୭୮ ବର୍ଷ ପରେ ଭାରତ ଏବେ ନିଜ ଗୋଡ଼ ଉପରେ ନିଜେ ଛିଡା ହୋଇ ଆତ୍ମନିର୍ଭରଶୀଳ ହେବାକୁ ଯାଉଛି । ଏହି ଆତ୍ମନିର୍ଭରଶୀଳତା ବା ସ୍ୱାବଲମ୍ବନଶୀଳତା ପାଇଁ ଜାତିର ଜନକ ମହାତ୍ମା ଗାନ୍ଧି ଲକ୍ଷ୍ୟ ରଖିଥିଲେ । 'କୁଟି ଖାଅ, କାଟି ପିନ୍ଧ' ଯେଉଁ ଧ୍ୱନି ସେ ଦେଇଥିଲେ, ତାହା ଥିଲା ସ୍ୱାବଲମ୍ବନଶୀଳ ବା ଆତ୍ମନିର୍ଭରଶୀଳ ଭାରତର ପ୍ରତୀକ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଦେଶର ଅର୍ଥନୀତିକୁ ଦୃଢ଼ କରିବା ପାଇଁ ଏବଂ ଦେଶରୁ ଦାରିଦ୍ର୍ୟ ଲୋପ ପାଇଁ ତାଙ୍କର ଉଦ୍ୟମ ଜାରି ରଖିଛନ୍ତି । ଆଉ ପଚିଶ ବର୍ଷ ପରେ ସେ ଭାରତକୁ ବିକାଶଶୀଳ ରାଷ୍ଟ୍ରରୁ ନେଇ ବିକଶିତ ଭାରତରେ ଉପନୀତ କରିବା ପାଇଁ ଯେଉଁ ସଂକଳ୍ପ କରିଛନ୍ତି, ଭାରତୀୟମାନେ ପ୍ରଧାନମନ୍ତ୍ରୀଙ୍କର ସେହି ସଂକଳ୍ପକୁ ସାର୍ଥକ କରିବା ଦିଗରେ ଉଦ୍ୟମ ଜାରି ରଖିବା ଉଚିତ ।

ଦେଶ ଭିତରେ ଓ ବାହାରେ ଆତଙ୍କବାଦକୁ ଲୋପ କରିବା ପାଇଁ ଯେଉଁ ଉଦ୍ୟମ ପ୍ରଧାନମନ୍ତ୍ରୀ ଆରମ୍ଭ କରିଛନ୍ତି, ବିଶ୍ୱର ପ୍ରାୟ ଅଧିକାଂଶ ରାଷ୍ଟ୍ର ତାଙ୍କୁ ସମର୍ଥନ ଜଣାଇଛନ୍ତି । ଏପରିକି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଯୁକ୍ତରାଷ୍ଟ୍ର ଆମେରିକା ବିଶ୍ୱରେ ଏକ ଧନୀ ରାଷ୍ଟ୍ର ହେଲେ ମଧ୍ୟ ତା'ର ଧମକରେ ମୋଦିଜୀ ଡରି ନ ଯାଇ ଭାରତର ଭାବମୂର୍ତ୍ତିକୁ ବିଶ୍ୱରେ ଉଜ୍ଜ୍ୱଳ କରିବା ପାଇଁ ନିରନ୍ତର ଉଦ୍ୟମ କରି ଆସିଛନ୍ତି ।

ଏବେ ଜିଏସ୍‌ଟି ସଂସ୍କାର ଜରିଆରେ ସେ ପରପର୍ତ୍ତୀ ପିଢ଼ିର କୃଷକ, ବ୍ୟବସାୟୀ ଓ ସାଧାରଣ ଲୋକଙ୍କ ଜୀବନ ଧାରଣ ପ୍ରଣାଳୀକୁ ଉନ୍ନତ କରିବା ପାଇଁ ଯେପରି ପରିଶ୍ରମ କରିଛନ୍ତି, ତାହାକୁ ଅସ୍ୱୀକାର କରା ଯାଇ ନପାରେ । ଏହା ଅଭିନନ୍ଦନୀୟ ।

## ସ୍ୱଚ୍ଛ ହୃଦୟ

**ତୁମ ହୃଦୟରେ ଯଦି ସବୁଜ ସୁନ୍ଦର ବୃକ୍ଷ ରୋପଣ କରିବ, ତେବେ ଈଶ୍ୱର ପକ୍ଷୀ ହୋଇ ଉଡ଼ ଆସିବେ ସେଥିରେ ବସା ବାନ୍ଧିବା ପାଇଁ**

*ଲେଖକ–ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଶିକ୍ଷକ: ସମୃଦ୍ଧ ଓଡ଼ିଶାର ଆଧାର



ମୋହନ ଚରଣ ମାଝୀ

ଆଜି ପବିତ୍ର ଗୁରୁ ଦିବସ । ଆଜିର ଏହି ପବିତ୍ର ଗୁରୁ ଦିବସରେ ସାରା ରାଜ୍ୟର ଗୁରୁ, ଆଧୁନିକ ଯୁଗର ଶିକ୍ଷକ ସମାଜକୁ ହୃଦୟରୁ ଅଭିନନ୍ଦନ ଜଣାଉଛି । ନୂଆ ଓଡ଼ିଶାର ଭିତ୍ତିଭୂମି ଆମର ପ୍ରାଥମିକ ଶିକ୍ଷାରୁ ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ସବୁ ଶିକ୍ଷାନୁଷ୍ଠାନଗୁଡିକର କର୍ଣ୍ଣଧାର ଆମର ଶିକ୍ଷକ ସମାଜ । ଶିକ୍ଷକଙ୍କ ସମେତ ସେମାନଙ୍କର ପରିବାର ବର୍ଗ ଏବଂ ସନ୍ତାନ ରୂପୀ ଛାତ୍ର ସମାଜକୁ ମଧ୍ୟ ଏହି ଶୁଭ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଗୁରୁ ଶିଷ୍ୟର ପରମ୍ପରା ଆମ ଭାରତୀୟ ସଭ୍ୟତା ଓ ସଂସ୍କୃତିକୁ ହଜାର ହଜାର ବର୍ଷ ଧରି ଋଦ୍ଧିମନ୍ତ କରିଆସିଛି । ଆଜି ଆମ ଦେଶର ପ୍ରଥମ ଉପରାଷ୍ଟ୍ରପତି ତଥା ଦ୍ୱିତୀୟ ରାଷ୍ଟ୍ରପତି ଶିକ୍ଷକ,ଦାର୍ଶନିକ ତଥା ଭାରତୀୟ ସଂସ୍କୃତିର ଆଗଧାଡିର ବ୍ୟକ୍ତିତ୍ୱ ଭାରତରନ୍ ଡ଼ଃ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କର ପବିତ୍ର ଜୟନ୍ତୀ । ଆଜିର ପବିତ୍ର ଦିବସରେ ଏହିପରି ଜଣେ ଅନନ୍ୟ ଗୁରୁଜୀଙ୍କୁ କୋଟି କୋଟି ପ୍ରଣାମ । ନିଜ ଜନ୍ମଦିନକୁ ବ୍ୟକ୍ତିଗତ ଭାବରେ ପାଳନ ନକରି ଦେଶର ପୁରା ଶିକ୍ଷକ ସମାଜ ପାଇଁ ସମର୍ପିତ କରିଥିଲେ ସେ । ଦେଶର ଭବିଷ୍ୟତର ବ୍ଲୁ ପ୍ରିଣ୍ଟ ଶ୍ରେଣୀଗୃହରୁ ପ୍ରସ୍ତୁତ ହୁଏ । ସାମଗ୍ରିକ ଭାବେ ଶିକ୍ଷକମାନେ ହିଁ ଦେଶ ଭବିଷ୍ୟତ ଅର୍ଥାତ ନୂଆ ପୀଢ଼ିକୁ ଗଢ଼ିବାର କର୍ଣ୍ଣଧାର । ଏକଥା ଆମ ଦ୍ୱିତୀୟ ରାଷ୍ଟ୍ରପତି ତାଙ୍କ ଜନ୍ମଦିନକୁ ଶିକ୍ଷକମାନଙ୍କୁ ସମର୍ପିତ କରି ଏହାର ସ୍ପଷ୍ଟ ସନ୍ଦେଶ ଦେଶକୁ ଦେଇଛନ୍ତି । ହୁଏତ ୧୯୬୨ରୁ ଆଧୁନିକ ସ୍ୱାଧୀନୋତ୍ତର ଭାରତରେ ଦେଶ ଗୁରୁଦିବସ ପାଳନ କରୁଛି । ମାତ୍ର ଅନାଦି ଅନନ୍ତ କାଳରୁ ସନାତନ ସଭ୍ୟତାରେ ଗୁରୁଙ୍କୁ ଅନନ୍ୟ ମାନ୍ୟତା ସହ ମହର୍ଷି ବ୍ୟାସଙ୍କ ସମ୍ମାନାର୍ଥେ ବ୍ୟାସ ପୂର୍ଣ୍ଣିମାକୁ ଗୁରୁ ପୂର୍ଣ୍ଣିମା ଭାବରେ ମଧ୍ୟ ଦେଶ ପାଳନ କରିଆସୁଛି ।

ପୌରାଣିକ ବିଶ୍ୱାସ ଆଧାରରେ ପବିତ୍ର ବେଦର ସଂକଳକ ହେଉଛନ୍ତି ମହର୍ଷି ବ୍ୟାସ । ବିଶ୍ୱରେ ଅନେକ ମତ–ପନ୍ଥର ସୃଷ୍ଟି ହୋଇଛି । ସବୁ ବିଶ୍ୱାସ ନମସ୍ୟ ଓ ପ୍ରଣିପାତ ଯୋଗ୍ୟ । କିନ୍ତୁ ଆମର ବେଦ ସମୂହଙ୍କୁ ଧର୍ମ ଗ୍ରନ୍ଥରେ ସୀମିତ କରିବା ସମୀଚିନ ନୁହେଁ । ଆମ ବେଦରେ ଗଣିତ, ଚିକିତ୍ସା ଶାସ୍ତ୍ର, ଜ୍ୟୋର୍ତିବିଜ୍ଞାନ ଓ ପଦାର୍ଥ ବିଜ୍ଞାନ ସମେତ ଜ୍ଞାନର ଭଣ୍ଡାର ଲୁଚିରହିଛି । ଯୁଗଯୁଗ ଧରି ସାରା ଦୁନିଆଁ ର ବୈଜ୍ଞାନିକ ଓ ଚିନ୍ତାନାୟକଙ୍କ ମୁହଁରେ ଭାରତର ଜ୍ଞାନ ପରମ୍ପରାର ଜୟଜୟକାର ହେବାର ହିଁ ଶୁଣାଯାଇଛି । ଆଜି ପବିତ୍ର ଗୁରୁଦିବସରେ ଭାରତର ଅନନ୍ୟ ଜ୍ଞାନ ଓ ଗୁରୁ ପରମ୍ପରାକୁ ମୁଣ୍ଡ ନୁଆଇଁ ପ୍ରଣାମ କରୁଛି । ଭାରତୀୟ ଜ୍ଞାନ ପରମ୍ପରାର ପ୍ରବାହମାନ ଗଙ୍ଗା ସମଗ୍ର ଭାରତ ସମେତ ଆମ ରାଜ୍ୟ ଓଡ଼ିଶାକୁ ଆହୁରି ସମୃଦ୍ଧ କରୁ, ସବୁ ଗୁରୁଙ୍କ ଗୁରୁ ଓଡ଼ିଶାର ପରମ ଇଷ୍ଟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆଜି ଦିନରେ ଏତିକି ପ୍ରାର୍ଥନା ।

ପାଠପଢ଼ା ପରେ ମୋର ପ୍ରାରମ୍ଭିକ ଜୀବନରେ ଶିକ୍ଷକତା କରିବାର ଅନୁଭବ ମୋ ପାଖରେ ଅଛି । ଛୋଟ ଛୋଟ ପିଲାମାନଙ୍କୁ ଶ୍ରେଣୀ ଗୃହରେ ପାଇବା, ଖେଳ ପଢ଼ିଆର ଚପଳତା ତଥା ସେମାନଙ୍କ ଅଭିଭାବକମାନଙ୍କ ସହ ପିଲାମାନଙ୍କ ବିଷୟରେ ଆଲୋଚନାର ସ୍ମୃତି ଆଜିବି କାଲି ପରି ଲାଗୁଛି। ଗୁରୁ ଦିବସରେ ପିଲାମାନଙ୍କର ଗୁରୁପୂଜନ ଓ ଗୁରୁ ଭାବରେ ସେ ସୌଭାଗ୍ୟର ଅଧିକାରୀ ହେବାର ସ୍ମୃତି ବୋଧେ ମୋ ଜୀବନର ସୁବର୍ଣ୍ଣ ପୃଷ୍ଠା ଭାବରେ ମୋର ମନେ ରହିବ ।

ମୋର ପ୍ରିୟ ଓଡ଼ିଶାର ଭାଇଭଉଣୀମାନେ, ଆପଣମାନେ ଆଶା, ଭରସା ଓ ବିଶ୍ୱାସର ସହ ରାଜ୍ୟକୁ ଚଳାଇବାର ଭାର ବିଜେପି ହାତରେ ଦେଇଛନ୍ତି । ଆମେ ଆମ ସ୍ୱାଧୀନତାର ଅମୃତ କାଳରେ ଅଛେ । ୨୦୩୬ ମସିହାରେ ଆମ ରାଜ୍ୟ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ ଏବଂ ୨୦୪୭ରେ ଆମ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବ। ଆମର ବଡ଼ ଲକ୍ଷ ୨୦୪୭ ମସିହାରେ ବିକଶିତ ଭାରତର ମୂଳଦୁଆ ହେବ ଓଡ଼ିଶା। ସେଥିପାଇଁ ମୋ ସରକାର ୨୦୩୬ ପାଇଁ ମାନେ ଆଗାମୀ ୧୦–୧୧ ବର୍ଷର ଏକ ଯୋଜନାବଦ୍ଧ କାର୍ଯ୍ୟଯୋଜନା ଆଧାରରେ ସମୟବଦ୍ଧ ଲକ୍ଷ୍ୟ ଆଧାରିତ ସଫଳତା ପାଇଁ ବଦ୍ଧପରିକର। ସମୃଦ୍ଧ ଓଡ଼ିଶା ଗଠନର ମୂଳଦୁଆ ଆମର ଶିକ୍ଷାନୁଷ୍ଠାନ ମାନଙ୍କରୁ ପଡ଼ିବ । ପ୍ରାଥମିକ ଶିକ୍ଷାଠାରୁ ଉଚ୍ଚଶିକ୍ଷା, ଟେକ୍ନିକାଲ ଶିକ୍ଷା ହେଉ କି ଡାକ୍ତରୀ ପାଠ ପୁଣି ଦକ୍ଷତା ବିକାଶର ପାଠ୍ୟ ବ୍ୟବସ୍ଥା ସବୁକୁ ଲକ୍ଷ୍ୟ ଆଧାରିତ କରି ଆମେ ସମୃଦ୍ଧ ଓଡ଼ିଶା ଗଢିବାକୁ ବଦ୍ଧପରିକର । ଏସବୁ ଭିତରେ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାର ଗୁରୁତ୍ୱ ସବୁଠାରୁ ବେଶୀ ।

ସ୍ୱାଧୀନୋତ୍ତର ଭାରତର ସାଢ଼େ ସାତ ଦଶକରୁ ଗଣତନ୍ତ୍ର ଓ ବିକାଶର ଯାତ୍ରାରେ ହୁଏତ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ବିକାଶ ମାପ ଦଣ୍ଡରେ ଓଡ଼ିଶା ପଛରେ ଥାଇପାରେ । ମାତ୍ର ସାଧାରଣ ଓଡ଼ିଆ ଘରର ପିଲାମାନଙ୍କର ମେଧା ଶକ୍ତି ସାରା ଭାରତ ଏବଂ ବିଶ୍ୱକୁ ପ୍ରଭାବିତ କରିବାରେ ସଫଳ ହୋଇଛି ଏହା ମୁଁ ଦୃଢ଼ତାର ସହିତ କହିପାରେ । ଗତ କିଛିଦିନ ତଳେ ନୂଆଦିଲ୍ଲୀର ସେମିକଣ୍ଡକ୍ଟର ନେଇ ଏକ ବଡ଼ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଆୟୋଜକ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସହ ଦେଶର ଏକମାତ୍ର ମୁଖ୍ୟମନ୍ତ୍ରୀ ଭାବେ ସାମିଲ ହେବାର ସୁଯୋଗ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ସାରା ବିଶ୍ୱ ଭାରତକୁ ବିଶ୍ୱାସ କରୁଛି । ସାରା ବିଶ୍ୱର ରାଷ୍ଟ୍ର ସମୂହ ନିଜର ସେମିକଣ୍ଡକ୍ଟରର ଭବିଷ୍ୟତ ଭାରତ ସହ ଗଢିବାକୁ ଚାହୁଁଛନ୍ତି । ସେ ଆହୁରି ମଧ୍ୟ କହିଥିଲେ ଭାରତର ଛୋଟିଆ ଚିପ୍ ବିଶ୍ୱରେ ସବୁଠାରୁ ବଡ଼ ପରିବର୍ତ୍ତନର ବାର୍ତ୍ତାବହ ହେବ । ଏହି କାର୍ଯ୍ୟକ୍ରମରେ ଜଣେମାତ୍ର ମୁଖ୍ୟମନ୍ତ୍ରୀ ଭାବରେ ଯୋଗଦେବା ମୋ ପାଇଁ ଗୌରବର ସମୟ ଥିଲା । ଓଡ଼ିଶାର ଶିକ୍ଷାନୁଷ୍ଠାନମାନଙ୍କର ସେମିକଣ୍ଡକ୍ଟର ବିକାଶରେ ବଡ଼ ଭୂମିକା ସେଦିନ ସାରା ଭାରତକୁ ପ୍ରଭାବିତ କରିଥିଲା । ବ୍ରହ୍ମପୁର ପାରଳା ମହାରାଜା ଇଞ୍ଜିନିୟରିଂ କଲେଜର ପିଲାମାନେ ପ୍ରସ୍ତୁତ କରିଥିବା ହାଇପରଫରମାନ୍ସ ମଲ୍ଟିପ୍ଲାୟାର ଆଇସି ସି୨ଏସ୍୦୦୬୧ ଚିପ୍ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ ହୋଇଥିଲା । ସାରା ବିଶ୍ୱର ଓଡ଼ିଆମାନେ ଗର୍ବିତ ହୋଇଥିବେ ନିଶ୍ଚୟ । ଏହା ତ ଓଡ଼ିଆ ଜାତିର ବୌଦ୍ଧିକ ଶକ୍ତିର ନବ ଜାଗରଣର ପ୍ରମାଣ । ଓଡ଼ିଆ ଜାତିର ଆଗାମୀ ଦଶନ୍ଧିର ବଡ଼ ବିକାଶର କେନ୍ଦ୍ର ଆମ ଶିକ୍ଷାନୁଷ୍ଠାନ ହେବ । ଯଦି ସାଧାରଣ ଓଡ଼ିଆ ଘରର ପିଲାମାନଙ୍କ ମେଧାଶକ୍ତିକୁ ଆମର ଶ୍ରେଣୀଗୃହ ଓ ଶିକ୍ଷକ ସମାଜ ଉତପ୍ରେରକର ଭୂମିକା ନେବ ତାହେଲେ ୨୦୩୬ ମସିହାରେ ଆମର ସମୃଦ୍ଧ ଓଡ଼ିଶାର ସ୍ୱପ୍ନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ନିଶ୍ଚୟ ପୂର୍ଣ୍ଣ ହେବ। ପ୍ରଧାନମନ୍ତ୍ରୀ ଭାରତକୁ ବିଶ୍ୱର ନବସୃଜନର କେନ୍ଦ୍ରରେ ରଖିଛନ୍ତି । ଆମେ ଓଡ଼ିଆମାନେ ଭାରତର ନବ ସୃଜନର କେନ୍ଦ୍ର ହୋଇପାରିବା। ପାରଳା ମହାରାଜା ଇଞ୍ଜିନିୟର କଲେଜ ଅତ୍ୟାଧୁନିକ ଚିପ୍ କୁ ଦେଶର ସ୍ୱୀକୃତି ଏହାର ଅୟମାରମ୍ଭ ମାତ୍ର ।

ଅଳ୍ପ କିଛି ଦିନ ତଳେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ସ୍କିମାଟିକ୍ ପ୍ରାଥମିକ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ମୋ ସରକାର ଦୃଢ଼ ନିଷ୍ପତ୍ତି ନେଇଛନ୍ତି । ନୂତନ ଶିକ୍ଷାନୀତି ୨୦୨୦ ଆଧାରରେ ରାଜ୍ୟର ଶିକ୍ଷାକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଶିକ୍ଷକ ସମାଜ ଆମର ମୂଳ ଆଧାର । ରାଜ୍ୟରେ ବର୍ତ୍ତମାନ ୪୫, ୨୯୨ଟି ପ୍ରାଥମିକ ବିଦ୍ୟାଳୟରେ ୧, ୬୦, ୩୧୯ ଟି ପଦବୀ ରହିଛି । ମୋ ସରକାର ଏହା ସହ ଆଉ ୩୯,୩୬୬ଟି ନୂତନ ଶିକ୍ଷକ ପଦବୀ ସୃଷ୍ଟି ପାଇଁ ନୀତିଗତ ନିଷ୍ପତ୍ତି ନେଇ ସାରିଛନ୍ତି । ଆଗାମୀ ୩ ବର୍ଷ ମଧ୍ୟରେ ୪୪, ୪୩୩ଟି ଶିକ୍ଷାକ ପଦବୀ ପୂରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ସହ ପର୍ଯ୍ୟାୟକ୍ରମେ ଏହାକୁ ପୂରଣର ବ୍ୟବସ୍ଥା ତିଆରି କରାଯାଇଛି ।

ସ୍କୁଲ ଶିକ୍ଷାକୁ ସୁଦୃଢ଼ ଓ ଉନ୍ନତ କରିବା ପାଇଁ ରାଜ୍ୟରେ ଗୋଟିଏ ବୋର୍ଡର ଆବଶ୍ୟକତା ଅଛି ବୋଲି ମତ ପ୍ରକାଶ ପାଇ ଆସିଅଛି। ରାଜ୍ୟର ମାଧ୍ୟମିକ ଶିକ୍ଷା ପରିଷଦ (ବିଏସଇ) ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ)କୁ ମିଶାଇ ଗୋଟିଏ ବୋର୍ଡ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣାରେ ପାଠ୍ୟ ପୁସ୍ତକ ଯୋଗାଇ ଦିଆଯାଉଥିବାବେଳେ ନବମ ଓ ଦଶମ ଶ୍ରେଣୀର କେବଳ ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କୁ ମାଗଣାରେ ପାଠ୍ୟ ପୁସ୍ତକ ଯୋଗାଇ ଦିଆଯିବ । ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ଆବାସିକ ବ୍ୟବସ୍ଥାରେ ଛାତ୍ରାବାସରେ ରହୁଥିବା ପ୍ରତି ୩୦୦ ଛାତ୍ରଛାତ୍ରୀମାନଙ୍କ ପାଇଁ ଜଣେ ଏଏନ୍‌ଏମ୍ ବା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଆଦିବାସୀ ପିଲାମାନଙ୍କୁ ମାତୃଭାଷାରେ ଶିକ୍ଷା ବ୍ୟବସ୍ଥା ପ୍ରସ୍ତୁତ କରାଯାଉଛି ।

ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ମୋ ସରକାର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ପରିକଳ୍ପନା କରିଛନ୍ତି। ରାଜ୍ୟର ସବୁ ପଞ୍ଚାୟତରେ ଏହିପରି ବିଦ୍ୟାଳୟ ସ୍ଥାପନର ଲକ୍ଷ୍ୟ ରଖାଯାଇଥିବା କେବଳ ପ୍ରଥମ ପର୍ଯ୍ୟାୟରେ ୮୩୫ଟି ଏହି ବିଦ୍ୟାଳୟଗୁଡ଼ିକ ରାଜ୍ୟର ଉଚ୍ଚ ବିଦ୍ୟାଳୟ ପାଇଁ ଏକ ଫିଡର୍ ସ୍କୁଲ ଭାବରେ ପରିକଳ୍ପନା କରାଯାଇଛ। ପ୍ରତ୍ୟେକ ବିଦ୍ୟାଳୟ ପାଇଁ ୭ କୋଟି ଟଙ୍କା ପର୍ଯ୍ୟନ୍ତ ବ୍ୟୟ ଅଟକଳ କରାଯାଇଛି । ପଞ୍ଚାୟତ ସ୍ତରରେ ଏହି ସ୍କୁଲଗୁଡ଼ିକରେ ସାମାଜିକ–ଅର୍ଥନୈତିକ ପୃଷ୍ଠଭୂମିରେ ଜାତୀୟ ସ୍ତରୀୟ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବ । ବିଭିନ୍ନ ଗ୍ରାମରୁ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲକୁ ନେବା ଆଣିବା କରିବାର ବ୍ୟବସ୍ଥା କରାଯିବ । ଏହି ସ୍କୁଲଗୁଡ଼ିକର ମୂଳଦୂଆ ହେବେ ଶିକ୍ଷକମାନେ । ଶିକ୍ଷକ ଚୟନ ପ୍ରକ୍ରିୟାରେ ଉନ୍ନତ ପଦକ୍ଷେପ ତଥା ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ବିକାଶ ପାଇଁ ବିଶେଷ ଧ୍ୟାନ ଦେବାର ବ୍ୟବସ୍ଥା କରାଯିବ । ଏହି ବିଦ୍ୟାଳୟଗୁଡ଼ିକରେ ଏସଟିଇଏମ ଅର୍ଥାତ୍ (ସାଇନ୍ସ, ଟେକ୍ନୋଲୋଜି, ଇଞ୍ଜିନିୟରିଂ ଏବଂ ମାଥମେଟିକ୍ସ) ସହ ବୃତ୍ତିଗତ ଦକ୍ଷତା ଓ ଅଭିଜ୍ଞତାମୂଳକ ଶିକ୍ଷା ସମେତ ବହୁବିଧ ଶିକ୍ଷାକୁ ପ୍ରାଧାନ୍ୟ ଦିଆଯିବ ।

ମୋର ପ୍ରିୟ ଶିକ୍ଷକ ସମାଜ... ଶିକ୍ଷା ଭିତ୍ତିଭୂମି ବିକାଶର ବ୍ୟବସ୍ଥା କରିବାରେ ମୋ ସରକାର ତିଳେମାତ୍ର ଅବହେଳା କରିବେ ନାହିଁ । ସ୍କୁଲ କାନ୍ଥରେ ରଙ୍ଗମାରି ରୂପାନ୍ତରୀକରଣର ପ୍ରଚାର ମୋ ସରକାରର ଆଭିମୁଖ୍ୟ ନୁହେଁ । ଉପଯୁକ୍ତ ଶିକ୍ଷକ ଏବଂ ସେମାନଙ୍କର ବିକାଶ ସହ ଛାତ୍ରଛାତ୍ରୀଙ୍କର ଯତ୍ନ ଆମ ରୂପାନ୍ତରୀକରଣର କେନ୍ଦ୍ରବିନ୍ଦୁ। ଆପଣ ଖାଲି ପରିବାର ଚଳାଇବା ପାଇଁ, ଦରମା ପାଇଁ କାମ କରୁ ନାହାଁନ୍ତି । ଆପଣ ଓଡ଼ିଶାର ଭବିଷ୍ୟତ ଗଢ଼ିବାର ଏକୁଡ଼ିଶାଳରେ ବସିଛନ୍ତି । ଆପଣଙ୍କ ନିଷ୍ଠାପର ଉଦ୍ୟମ ପିଲାଙ୍କ ଭବିଷ୍ୟତ ତ ଗିବ ମାତ୍ର ଏହା ମଧ୍ୟ ଓଡ଼ିଶାର ଭାଗ୍ୟ ପରିବର୍ତ୍ତନ କରିବ। ଆପଣଙ୍କ ନିଷ୍ଠା ପ୍ରକୃତ ପକ୍ଷେ ଓଡ଼ିଶାକୁ ସମୃଦ୍ଧ ଓଡ଼ିଶା କରିବ । ଏହି ଆଶା ଓ ଭରସା ସାରା ଓଡ଼ିଶାବାସୀ ଆପଣଙ୍କ ଉପରେ ରଖିଛନ୍ତି । ପବିତ୍ର ଗୁରୁ ଦିବସରେ ପୁଣି ଆଉ ଥରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

**ଜୟ ଜଗନ୍ନାଥ**
**ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର**

# 'ଆପଣ'ରୁ 'ତୁ' ପର୍ଯ୍ୟନ୍ତ...



ରାକେଶ ପଣ୍ଡା

ସମ୍ପର୍କ ହେଉଛି ମାନବ ଭାବନାର ପ୍ରତୀକ । ଗୋଟିଏ ପଟେ, ଯେଉଁଠାରେ ଆମ ଜୀବନର କିଛି ସମ୍ପର୍କ ରକ୍ତଗତ ଥାଏ, ସେହିପରି କିଛି ସମ୍ପର୍କ ଭାବନାରେ ମଧ୍ୟ ତିଆରି ହୋଇଥାଏ, ଯାହା ବେଳେବେଳେ ରକ୍ତ ସମ୍ପର୍କ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୁଏ । ସମ୍ପର୍କ ବିନା, ଜଣେ ମଣିଷର ଜୀବନ ଅସମ୍ପୂର୍ଣ୍ଣ ଅଟେ । ବାସ୍ତବରେ ସମ୍ପର୍କ ପାଇଁ କୌଣସି ସୁଯୋଗ ନ'ଥାଏ । ଗୋଟିଏ ସମ୍ପର୍କ ପ୍ରେମ ଏବଂ ବିଶ୍ୱାସ ଉପରେ ଆଧାରିତ, ଯାହାକୁ ଆମେ ଆମର ବ୍ୟବହାର ଓ କାର୍ଯ୍ୟକଳାପ ମାଧ୍ୟମରେ ପ୍ରତିପାଦିତ କରିଥାଉଁ ।

'ସମ୍ପର୍କ' ଶବ୍ଦଟି ଦୁଇ ଜଣଙ୍କ ମଧ୍ୟରେ ଏକ ଘନିଷ୍ଠ ବନ୍ଧନକୁ ବୁଝାଏ । ମଣିଷ ଏକାକୀ ବଞ୍ଚିପାରିବ ନାହିଁ । ସେ ନିଜର ଭାବନାକୁ ବାଣ୍ଟିବା, ପ୍ରତ୍ୟେକ ମୁହୂର୍ତ୍ତଗୁଡିକୁ ଉପଭୋଗ କରିବା କିମ୍ବା ଖୁସିରେ ବଞ୍ଚିବା ପାଇଁ ଜଣେ ଚିହ୍ନା ବ୍ୟକ୍ତିଙ୍କୁ ଆବଶ୍ୟକ କରିଥାଏ, ଯାହାକି' ଅପରିଚିତ ବ୍ୟକ୍ତିଙ୍କ ସହିତ ଭାଗ କରିହୁଏ ନାହିଁ । ତାକୁ ଏପରି ଜଣେ ମଣିଷ ଦରକାର, ଯାହାକୁ ସେ ବିଶ୍ୱାସ କରିପାରିବ ଏବଂ ତାଙ୍କର ବିଶ୍ୱାସକୁ ମଧ୍ୟ ଜିତିପାରୁଥିବ । ଏହି କାରଣରୁ, ମଣିଷ ଜୀବନରେ ସୁସ୍ଥ ସମ୍ପର୍କ ଆବଶ୍ୟକ ଏବଂ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମଣିଷ ଅନେକ ସମ୍ପର୍କ ସହିତ ବାନ୍ଧି ହୋଇ ରହିଥାଏ । କିନ୍ତୁ, ଆଜିର ସମାଜରେ ପ୍ରତିଟି ସମ୍ପର୍କ ଭାଙ୍ଗି ଭାଙ୍ଗି ଚାଲିଛି । ଏପରିକି ଅନେକ ରକ୍ତଗତ, ନିବିଡ ଓ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କଗୁଡିକ ଆମ ନିକଟରୁ ନିଜର ଅସ୍ତିତ୍ୱ ହରାଇ ବସୁଛି । ସମ୍ପର୍କର ସତ୍ତା ଅନେକ ସମୟରେ ଆଇନର କାଠଗଡାରେ ଛିଡା ହେଉଛି, ନକରାତ୍ମକ ଖବର ଭାବରେ ଗଣମାଧ୍ୟମର ବିଭିନ୍ନ ପୃଷ୍ଠାମଣ୍ଡନ କରୁଛି ।

ବର୍ତ୍ତମାନ ସମୟରେ, ସ୍ୱାର୍ଥରେ ସାମାନ୍ୟ ଆଞ୍ଚ ଆସିଲେ, ଜଣେ ସମ୍ପର୍କୀୟ ଏମିତିକି ପରିବାରର ସଦସ୍ୟ ଅନ୍ୟ ଜଣେ ସଦସ୍ୟଙ୍କୁ ହତ୍ୟା କରିବାକୁ ମଧ୍ୟ ପଛଘୁଞ୍ଚା ଦେଉନାହିଁ । ଅନେକ ସମୟରେ ଦରକାର ନ'ଥିଲେ କେହି କାହାକୁ ମନେ ପକାଇବାକୁ ପସନ୍ଦ କରୁନାହାଁନ୍ତି ! ଏହା ଅଧିକ ରୋଜଗାର କରିବାର ପ୍ରୟାସରେ ସୃଷ୍ଟି ହୋଇଥିବା ବ୍ୟସ୍ତ ବହୁଳ ଜୀବନ ଶୈଳୀ, ନିଜକୁ ଏକାକୀ ଓ କମ୍ ଲୋକଙ୍କ ଗହଣରେ ସୀମିତ ରଖିବାର ପ୍ରୟାସ, ନା' ମନ ମଧ୍ୟରେ ସମ୍ପର୍କ ପ୍ରତି ରହିଥିବା ଗୁରତ୍ୱ ଓ ଭଲପାଇବାର ଅଭାବ ଓ ଲୋପ ହେବା କାରଣ ଅଟେ । ଅବା, ଏହା ପଛରେ ଜଣେ ବ୍ୟକ୍ତିର ଅହଂ, ସ୍ୱାର୍ଥଭରା ଚିନ୍ତା ଏବଂ ଆଚରଣ ହିଁ ଦାୟୀ । ଯଦି ଆମେ ଜଣେ ଅପରିଚିତ ବ୍ୟକ୍ତିଙ୍କ ସହିତ ଭଲ ବ୍ୟବହାର କରୁ, ତେବେ ଆମେ ତାଙ୍କୁ ନିଜର ବନ୍ଧୁ କରିପାରିବା ଏବଂ ତାଙ୍କ ସହ ଆମର ସମ୍ପର୍କକୁ ମଜବୁତ ମଧ୍ୟ କରିପାରିବା । ଅପରପକ୍ଷେ, ଯଦି ଆମେ ଆମର ପାରିବାରିକ ତଥା ସମ୍ପର୍କୀୟମାନଙ୍କୁ ତିକ୍ତତା ସହିତ ବ୍ୟବହାର କରୁଁ, ତେବେ ସେମାନଙ୍କ ସହ ଆମର ସମ୍ପର୍କ ମଧ୍ୟ ଖରାପ ହୋଇଯିବ ।

ଜନ୍ମରୁ ମଣିଷ ବାନ୍ଧିଥିବା ସବୁଠାରୁ ଶକ୍ତିଶାଳୀ ସମ୍ପର୍କ ହେଉଛି ପରିବାର । ଏହାଛଡା, ବନ୍ଧୁତା ହେଉଛି ଅନ୍ୟ ଏକ ସୁନ୍ଦର ସମ୍ପର୍କ ଯାହା ଆମ ଜୀବନକୁ ଆନନ୍ଦରେ ପରିପୂର୍ଣ୍ଣ କରିଥାଏ । ଜୀବନର ଚଲାପଥରେ ଅନେକ ଅପରିଚିତ ବ୍ୟକ୍ତିମାନଙ୍କୁ ଆମେ ଭେଟିଥାଉ, ଯେଉଁମାନେ ଆମର ସମ୍ପର୍କୀୟ ନୁହଁନ୍ତି । କିନ୍ତୁ ପରବର୍ତ୍ତୀ ସମୟରେ ଧୀରେ ଧୀରେ ସେମାନେ ଏକ ଜଣା ଓ ଅଜଣା ସମ୍ପର୍କରେ ବାନ୍ଧି ହୋଇଥାନ୍ତି ଏବଂ ତାହା ବନ୍ଧୁତାରେ ପରିଣତ ହୋଇଥାଏ । ଜୀବନର ପ୍ରତ୍ୟେକ କ୍ଷେତ୍ରରେ, ସମ୍ପର୍କଗୁଡିକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏକ ସମ୍ପର୍କ ମଧ୍ୟରେ ବାନ୍ଧିହେବା ଏବଂ ସ୍ଥିର ରହିବା ହେଉଛି ଜୀବନର ସବୁଠାରୁ ସୁନ୍ଦର ଅନୁଭବ । ପ୍ରତ୍ୟେକ ସମ୍ପର୍କରେ ସମ୍ମାନ ଏବଂ ବିଶ୍ୱାସ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏକ ସୁସ୍ଥ ସମ୍ପର୍କ ଏକ ସକରାତ୍ମକ ପରିବେଶ ସୃଷ୍ଟି କରେ । ସମ୍ପର୍କରେ ଥିବା ଅନୁଭବ ପାଇଁ, ଲୋକମାନେ ପରସ୍ପର ପାଇଁ ଜୀବନ ଦେବାକୁ ମଧ୍ୟ ପ୍ରସ୍ତୁତ ହୁଅନ୍ତି । ଜଣେ ବ୍ୟକ୍ତି ସମ୍ପର୍କ ଓ ସମ୍ପର୍କୀୟଙ୍କ ବିନା ଶାରୀରିକ, ଭାବପ୍ରବଣ, ମାନସିକ ଏବଂ ଆର୍ଥିକ ସହାୟତା ପାଇପାରିବ ନାହିଁ । ଜଣେ ବ୍ୟକ୍ତି ପ୍ରାୟତଃ ନିଜର ଚିନ୍ତାଧାରାକୁ ନିକଟ ସମ୍ପର୍କୀୟମାନଙ୍କ ସହିତ ବାଣ୍ଟିଥାଏ, ଯାହା ସେ ଅନ୍ୟ ତଥା ଅଚିହ୍ନା ବ୍ୟକ୍ତିବିଶେଷଙ୍କ ସହିତ କରିପାରିବ ନାହିଁ । ଖରାପ ସମୟରେ ସମ୍ପର୍କୀୟ ଏବଂ ପରିବାର ସଦସ୍ୟ ଜଣେ ବ୍ୟକ୍ତି ପାଖରେ ଛିଡା ହୋଇଥାନ୍ତି । ଏପରି ପରିସ୍ଥିତିରେ, ତା'ର ଯନ୍ତ୍ରଣା ସମଗ୍ର ପରିବାର ଏବଂ ସମ୍ପର୍କୀୟଙ୍କ ଯନ୍ତ୍ରଣା ହୋଇଯାଏ । ସେମାନେ ଏକତ୍ର ଭାବରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି ଏବଂ ଅସୁବିଧାକୁ ଦୂର କରି ସଫଳତା ପାଆନ୍ତି । ମାନବ ଜୀବନ ସମ୍ପର୍କ ସହିତ ଜଡିତ । ସମ୍ପର୍କ ହେତୁ ହିଁ ମଣିଷ ଜୀବନରେ ଆଗକୁ ବଢିବାକୁ, ସଫଳତା ପାଇବାକୁ, ଶିକ୍ଷିତ ହେବାକୁ, କାମ କରିବାକୁ ଇଚ୍ଛା କରିଥାଏ । ଯଦି ସମ୍ପର୍କ ମିଠା, ତେବେ ଜୀବନ ସୁଖୀ ଏବଂ ସମୃଦ୍ଧ ହୋଇଯାଏ । କିନ୍ତୁ ସମ୍ପର୍କ ଖରାପ ହେବା ମାତ୍ରେ ଜଣେ ବ୍ୟକ୍ତି ପ୍ରତିଟି କ୍ଷେତ୍ରରେ ଭାଙ୍ଗି ପଡିଥାଏ । ଏହା ଆମର ମାନସିକ ସ୍ଥିତିକୁ ମଧ୍ୟ ପ୍ରଭାବିତ କରିଥାଏ, ଯାହା ପରବର୍ତ୍ତୀ ସମୟରେ ଆମ ଜୀବନକୁ ନଷ୍ଟ କରିଦିଏ । ତେଣୁ, ସଚ୍ଚୋଟପଣିଆ ସହିତ ପ୍ରତିଟି ସମ୍ପର୍କରେ ନିଜର ଭୂମିକା ଗ୍ରହଣ କରିବା ଆବଶ୍ୟକ । ପୂର୍ବ ସମୟରେ, ଲୋକଙ୍କ ପାଇଁ ସମ୍ପର୍କ ଅତ୍ୟନ୍ତ ମୂଲ୍ୟବାନ ଥିଲା । କିନ୍ତୁ ଆଜି ଲୋକମାନେ ସ୍ୱାର୍ଥପର ଏବଂ ମୋହଗ୍ରସ୍ତ ହୋଇଯାଇଛନ୍ତି । ସେମାନେ ମୁଖ୍ୟତଃ ଲାଭ ପାଇଁ ସମ୍ପର୍କ ସ୍ଥାପନ କରନ୍ତି । ଯେଉଁଥିପାଇଁ, ବର୍ତ୍ତମାନର ସମ୍ପର୍କକୁ ବଜାୟ ରଖିବା ଅତ୍ୟନ୍ତ କଷ୍ଟକର ମନେହୁଏ ।

**ପୂର୍ବ ସମୟରେ, ଲୋକଙ୍କ ପାଇଁ ସମ୍ପର୍କ ଅତ୍ୟନ୍ତ ମୂଲ୍ୟବାନ ଥିଲା । କିନ୍ତୁ ଆଜି ଲୋକମାନେ ସ୍ୱାର୍ଥପର ଏବଂ ମୋହଗ୍ରସ୍ତ ହୋଇଯାଇଛନ୍ତି । ସେମାନେ ମୁଖ୍ୟତଃ ଲାଭ ପାଇଁ ସମ୍ପର୍କ ସ୍ଥାପନ କରନ୍ତି । ଯେଉଁଥିପାଇଁ, ବର୍ତ୍ତମାନର ସମ୍ପର୍କକୁ ବଜାୟ ରଖିବା ଅତ୍ୟନ୍ତ କଷ୍ଟକର ମନେହୁଏ ।**

ତେବେ, ଗୋଟିଏ ସୁସ୍ଥ ଏବଂ ସଫଳ ସମ୍ପର୍କ ଚାରିଗୋଟି ସ୍ତମ୍ଭ ଉପରେ ଆଧାରିତ । ସେଗୁଡ଼ିକ ହେଉଛି ଯୋଗାଯୋଗ, ବିଶ୍ୱାସ, ସମ୍ମାନ ଏବଂ ପ୍ରେମ ରକ୍ଷଣାବେକ୍ଷଣ ଏବଂ ବୃଦ୍ଧି ପାଇଁ ସମସ୍ତ ପ୍ରକାରର ସମ୍ପର୍କ ପାଇଁ ଏଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ । ଉକ୍ତ ସ୍ତମ୍ଭଗୁଡ଼ିକ ପ୍ରତିଟି ମଣିଷର ଚିନ୍ତାଧାରା ଏବଂ ଭାବନା ବାଣ୍ଟିବାରେ ମଧ୍ୟ ସାହାଯ୍ୟ କରେ । ଏହାଦ୍ୱାରା ସମ୍ପର୍କ ମଜବୁତ ହୋଇଥାଏ । ସମ୍ପର୍କ ଗଢିବା ପାଇଁ ସମୟ ନେଇଥାଏ ଏବଂ ଯେତେବେଳେ ଏହା ଅନ୍ତର ମଧ୍ୟରେ ଶକ୍ତିଶାଳୀ ହୁଏ ତେବେ ତାହା ସବୁଦିନ ପାଇଁ ବଞ୍ଚି ରହିଥାଏ । ଯେଉଁ ଦୁଇ ସମ୍ପର୍କ ମଧ୍ୟରେ ଅଧିକ ଶୂନ୍ୟ ସ୍ଥାନ ରହିଥାଏ, ସେଥିରେ ଆମେ ସାଧାରଣତଃ 'ଆପଣ' ଶବ୍ଦ ବ୍ୟବହାର କରିଥାଉ । ସମ୍ପର୍କ ଆଉ ଟିକିଏ ଘନିଷ୍ଠ ହେଲେ 'ତୁମେ' ଶବ୍ଦ ବ୍ୟବହୃତ ହୋଇଥାଏ । କିନ୍ତୁ, କୌଣସି ଏକ ସମ୍ପର୍କ ମଧ୍ୟରେ ଅଧିକ ନିବିଡତା, ଗଭୀରତା, ପ୍ରେମ, ତ୍ୟାଗ, ସମର୍ପଣ ଯଦି ଭରି ରହିଥାଏ, ସେଠାରେ 'ତୁ' ଶବ୍ଦଟି ପ୍ରୟୋଗ କରାଯାଏ । ଜଣେ ବ୍ୟକ୍ତି ଅନ୍ୟ ଜଣଙ୍କୁ 'ତୁ' ବୋଲି ସମ୍ବୋଧନ କରିବାର ପ୍ରକ୍ରିୟାକୁ ନିବିଡତାର ଶେଷ ପାହାଚରେ ପ୍ରତିପାଦିତ କରିଥାଏ । ସମ୍ପର୍କର ସୁଦୀର୍ଘ ରାସ୍ତା 'ଆପଣ'ରୁ 'ତୁ' ପର୍ଯ୍ୟନ୍ତ ଦୀର୍ଘ, ବ୍ୟାପକ ଓ ପ୍ରଶସ୍ତ ଅଟେ । ତେବେ, ଏକ ସୁନ୍ଦର ସମାଜ ଗଠନର କଳ୍ପନାକୁ ବାସ୍ତବତାର ରୂପରେଖ ଦେବାକୁ ଯାଇ, ପ୍ରତ୍ୟେକ ମଣିଷ ପ୍ରତିଟି ସମ୍ପର୍କକୁ ଗୁରୁତ୍ୱ ଦେବା ସହ ଏହାକୁ ବଞ୍ଚେଇ ରଖିବା ପାଇଁ ତ୍ୟାଗ, ସମର୍ପଣ ଓ ନିଃସ୍ୱାର୍ଥପର ଭାବନା ନେଇ କାର୍ଯ୍ୟ କରିବା ଜରୁରୀ । ସମ୍ପର୍କକୁ ମଜବୁତ ରଖିବା ପାଇଁ, ସଭିଏଁ ପ୍ରତିଟି ସମ୍ପର୍କର ଗୁରୁତ୍ୱକୁ ହୃଦଙ୍ଗମ କରି, ଦାୟିତ୍ୱପୂର୍ଣ୍ଣ ଭାବରେ ତାକୁ ଠିକ୍ ରୂପେ ନିର୍ବାହ କରିବା ଉଚିତ ।

**ବନ୍ଦାଲୋ, ଟାଙ୍ଗୀ, କଟକ–୭୫୪୦୨୨**
**ମୋ–୯୩୩୭୮୯୭୬୫୦**

# ପଞ୍ଚମ ପୃଷ୍ଠାର ଅବଶିଷ୍ଟାଂଶ

## ଜିଏସ୍‌ଟି...

ସଂସ୍ଥାମାନଙ୍କ ପାଖରୁ ସଠିକ ସମୟରେ ସଠିକ ମୂଲ୍ୟ ପାଇ ପାରିବେ ।

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ଅଟେ । ବିଭିନ୍ନ କୃଷି ପ୍ରକରଣ ଯଥା ଔଷଧ ସିଞ୍ଚନକାରୀ ଯନ୍ତ୍ର, ଯନ୍ତ୍ରପାତି , ଟ୍ରାକ୍ଟର ଓ ଏହାର ଅମଳ କାମରେ ଲାଗୁଥିବା ଯନ୍ତ୍ର, ଟାୟାର ତଥା ସାର ପାଇଁ ବ୍ୟବହୃତ କଞ୍ଚାମାଲ ଉପରୁ ଜିଏସଟି ହ୍ରାସ ନିମନ୍ତେ ପଦକ୍ଷେପ, କୃଷକମାନଙ୍କ ଆର୍ଥିକ ବୋଝକୁ କମାଇବା ସହ କୃଷି ଉତ୍ପାଦନ ଲାଗି ହେଉଥିବା ଖର୍ଚ୍ଚ କମାଇବ । ଏହା ଗ୍ରାମୀଣ ଲୋକଙ୍କ ଆୟ ବଢ଼ାଇବ ଓ ଜାତୀୟ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବ ।

ପାନ ମସଲା, ବିଡ଼ି, ଓ ତମାଖୁଜାତ ଦ୍ରବ୍ୟ କୁ ଛାଡି ଅନ୍ୟ ସବୁ ଦ୍ରବ୍ୟ ଉପରୁ ୨୨ ସେପ୍ଟେମ୍ବର, ୨୦୨୫ ତାରିଖରୁ ଉଠାଇ ଦିଆଯାଉଛି । ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ । ଅନେକ ଜୀବନ ରକ୍ଷାକାରୀ ଔଷଧ ଉପରେ କର ହ୍ରାସ, ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାର ମାନଙ୍କ ଉପଯୁକ୍ତ ଚିକିତ୍ସାରେ ସହାୟକ ହେବ ।

ଏହାବ୍ୟତୀତ ଦ୍ରବ୍ୟ ଓ ସେବାକର ହାରରେ ପରିବର୍ତ୍ତନ କରାଯାଇ ୧୨ ଓ ୨୮ ପ୍ରତିଶତ କର ହାରକୁ ଉଚ୍ଛେଦ କରାଯାଇ ଅଧିକାଂଶ ଦ୍ରବ୍ୟ ଓ ସେବା ଉପରେ ୫ ଓ ୧୮ ପ୍ରତିଶତ ହାରରେ କର ଆଦାୟ କରିବାର ନିଷ୍ପତ୍ତି ସ୍ୱାଗତ ଯୋଗ୍ୟ ।

ଔଷଧ, ଦୁଗ୍ଧ-ଜାତ ଦ୍ରବ୍ୟ, ପ୍ରକ୍ରିୟାକୃତ ଖାଦ୍ୟ ସହିତ ସାଧାରଣ ଲୋକ ବ୍ୟବହାର କରୁଥିବା ଅନ୍ୟ ପ୍ରାୟ ୧୫୦ରୁ ଅଧିକ ସାମଗ୍ରୀ ଯଥା ୨୫୦୦ ଟଙ୍କାରୁ କମ ମୂଲ୍ୟ ର ବସ୍ତ୍ର ସାମଗ୍ରୀ ଓ ଜୋତା, ସଂରକ୍ଷିତ କରାଯାଇଥିବା ମାଛ/ ମାଂସ/ ଚିଙ୍ଗୁଡ଼ି/ କଙ୍କଡ଼ା/ ଛତୁ/ଜାମ/ ଜେଲି/ ଫଳରସ, ପ୍ୟାକ ହୋଇଥିବା ନମକିନ, ଭୁଜିଆ, ମିକ୍ସଚର, ବିରି ଓ ମୁଗ ବଡ଼ି, ମଧୁମେହ ରୋଗୀଙ୍କ ଖାଦ୍ୟ, ଗାଲିଚା, ଥର୍ମୋମିଟର, ଜ୍ୟାମେଟ୍ରି ବକ୍ସ, ଟୁଥପେଷ୍ଟ, ଛତା, ବାସନ କୁସନ, ସିଲାଇ ମେସିନ, ସାଇକେଲ, ପାନିଆ, ମୁଣ୍ଡ କଣ୍ଟା, ସାମ୍ପୁ, କେଶ ତୈଳ, ସେଭିଂ କ୍ରିମ ଉପରୁ କର ହ୍ରାସ ହୋଇଛି; ଯାହା ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାରର ଖର୍ଚ୍ଚ ହ୍ରାସ କରିବାରେ ସହାୟକ ହେବ ଏବଂ ସେମାନଙ୍କର ଜୀବନ ଧାରଣର ମାନରେ ଉନ୍ନତି ଘଟିବ । ପ୍ୟାକ ହୋଇଥିବା ଛେନା ବା ପନିର, ପେନ୍‌ସିଲ, ରବର, ମ୍ୟାପ୍‌କୁ କର ମୁକ୍ତ କରାଯିବ ।

ବ୍ୟାପକ କର ହାର ସଂଶୋଧନର ଏକ ଅଂଶ ଭାବରେ ୧୫୦ରୁ ଅଧିକ ସାମଗ୍ରୀ ଉପରେ ଜିଏସଟି ହାର ହ୍ରାସ କରିବାକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଦୁଇ ସ୍ଲାବ୍ ଟିକସ ଢାଞ୍ଚା ଉପରେ ଜିଏସଟି ପରିଷଦ ବିଚାର ବିମର୍ଶ କରି ନିଷ୍ପତ୍ତି ନେଇଛି । ଲୋକପ୍ରିୟ ତଥା ପ୍ୟାକ ହୋଇଥିବା ନମକିନ ଏବଂ ମିଠା ମିଠା ସାମଗ୍ରୀ ଉପରେ ଜିଏସଟି ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରିବାକୁ କେନ୍ଦ୍ର ଦେଇଥିବା ପ୍ରସ୍ତାବ ଅନୁମୋଦିତ ହୋଇଛି ।

ସିମେଣ୍ଟ ଉପରେ ଜିଏସଟି ହାର ୨୮ %ରୁ ୧୮ %କୁ ହ୍ରାସ; ନିର୍ମାଣ ଶିଳ୍ପ, ଛୁ, ଓ ସାଧାରଣ ଲୋକଙ୍କ ପାଇଁ ଏକ ବଡ଼ ମାଇଲଖୁଣ୍ଟ ହେବ ।

ଷ୍ଟାର୍ଟଅପ୍ ବ୍ୟବସାୟମାନଙ୍କ ନିମନ୍ତେ ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସରଳ ଓ ସହଜ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ବିଭିନ୍ନ ତଥ୍ୟକୁ ବିଶ୍ଳେଷଣ କରି ଆବେଦନକାରୀଙ୍କୁ ଆବେଦନର ତିନି ଦିନ ମଧ୍ୟରେ ସ୍ୱତଃ ପଞ୍ଜୀକରଣ ପ୍ରଦାନ କରାଯିବ । ଯେଉଁ ଆବେଦନକାରୀ ମାନଙ୍କର ଆକଳନ ଅନୁସାରେ ସେମାନଙ୍କର ମାସିକ କାରବାରରେ ସମ୍ପୃକ୍ତିକରସର ପରିମାଣ ଅନ୍ୟ ବ୍ୟବସାୟୀ ସଂସ୍ଥା ମାନଙ୍କୁ ୨.୫ ଲକ୍ଷ ଟଙ୍କାରୁ ଅଧିକ ନଥିବ, ସେମାନଙ୍କୁ ଏକ ବିକଳ୍ପ ସରଳ ପଞ୍ଜିକରଣ ବ୍ୟବସ୍ଥାରେ ସାମିଲ କରାଯିବ ଓ ତିନି ଦିନ ମଧ୍ୟରେ ସ୍ୱତଃ ପଞ୍ଜୀକରଣ ପ୍ରଦାନ କରାଯିବ ।

ଛୋଟ କାର, ଦୁଇ ଚକିଆ ଏବଂ ତିନି ଚକିଆ ଗାଡି ଉପରେ ଟିକସ ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରାଯିବା ଯୋଗୁଁ ନିମ୍ନ ମଧ୍ୟବିତ୍ତ ବର୍ଗ ଲୋକ ଏଥିରୁ ଅଧିକ ଉପକୃତ ହେବେ । ଏହି ଟିକସ ହ୍ରାସ ୨୨ ସେପ୍ଟେମ୍ବର, ୨୦୨୫; ନବରାତ୍ରି ର ପ୍ରଥମ ଦିନରୁ ଲାଗୁ କରାଯିବ । ଏକ ବିକଶିତ ଭାରତ ଗଠନ ଲାଗି ଉଦ୍ଦିଷ୍ଟ ଏହି ସଂସ୍କାର ପ୍ରକ୍ରିୟାକୁ ଓଡିଶାବାସୀ ପୂର୍ଣ୍ଣ ସମର୍ଥନ ଜଣାଉଛନ୍ତି । ମୁଁ ଓଡିଶାର ଜନସାଧାରଣଙ୍କ ତରଫରୁ ଏଥିଲାଗି ମାନନୀୟା କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଓ ଜିଏସଟି ପରିଷଦକୁ କୃତଜ୍ଞତା ପ୍ରଦାନ କରୁଛି ।

## ୟୁରୋପୀୟ...

ୟୁରୋପୀୟ ସଂଘ କଲେଜ ଅଫ୍ କମିଶନରଙ୍କ ଐତିହାସିକ ଭାରତ ଗସ୍ତକୁ ଆଧାର କରି, ନେତାମାନେ ପାରସ୍ପରିକ ସୁବିଧା ତାରିଖରେ ଶୀଘ୍ର ଭାରତରେ ପରବର୍ତ୍ତୀ ଭାରତ ୟୁରୋପୀୟ ସଂଘ ଶିଖର ସମ୍ମିଳନୀ ଆୟୋଜନ କରିବା ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଉଭୟ ନେତାଙ୍କୁ ଭାରତ ଆସିବାକୁ ନିମନ୍ତ୍ରଣ କରିଥିଲେ ।

ୟୁକ୍ରେନରେ ସଂଘର୍ଷର ଅବସାନ ପାଇଁ ପ୍ରୟାସ ସମେତ ପାରସ୍ପରିକ ସ୍ୱାର୍ଥର ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ନେତାମାନେ ମଧ୍ୟ ମତ ବିନିମୟ କରିଥିଲେ । ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଏବଂ ଶୀଘ୍ର ଶାନ୍ତି ଓ ସ୍ଥିରତା ଫେରାଇ ଆଣିବା ଲାଗି ଭାରତର ନିରନ୍ତର ସମର୍ଥନକୁ ପ୍ରଧାନମନ୍ତ୍ରୀ ଦୋହରାଇଥିଲେ । ନେତାମାନେ ପରସ୍ପରର ଯୋଗାଯୋଗରେ ରହିବାକୁ ସମ୍ମତି ପ୍ରକାଶ କରିଥିଲେ ।

## ସୁଭଦ୍ରା...

ତାରିଖରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ । ଏବେ ଏହି ଯୋଜନା ମାଧ୍ୟମରେ କୋଟିଏରୁ ଊର୍ଦ୍ଧ୍ୱ ହିତାଧିକାରୀ ତିନୋଟି କିସ୍ତିରେ ୧୫ ହଜାର ଟଙ୍କା ଲେଖାଏଁ ପାଇ ସାରିଛନ୍ତି । ଅନେକ ଅଭିଯୋଗ ଆସିଛି ଯେ, ଚତୁରତାର ସହିତ ଅନେକ ମହିଳା ସୁଭଦ୍ରାରେ ସାମିଲ ହୋଇଛନ୍ତି । ଆହୁରି ଲକ୍ଷାଧିକ ମହିଳା ଅଛନ୍ତି, ଯେଉଁମାନେ ଏହି ଯୋଜନାରେ ସାମିଲ ହେବା ପାଇଁ ସରକାରଙ୍କୁ ଗୁହାରି କରୁଛନ୍ତି । ସରକାରୀ ତଦନ୍ତରେ ଶିଥିଳତା ଯୋଗୁଁ ଅନେକ ଯୋଗ୍ୟ ହିତାଧିକାରୀ ସରକାରୀ ଯୋଜନାରେ ସାମିଲ ହୋଇପାରୁ ନାହାନ୍ତି ।

ଗୁଣପୁର ବ୍ଲକ ଟିଟିମିରୀ ପଞ୍ଚାୟତ ଅନ୍ତର୍ଗତ ଗୁଡ଼ା, ସିଙ୍ଗପଦର, ଅଙ୍କରେଲି ଲକ୍ଷ୍ମୀପୁର ଓ ପାତ୍ରପୁର ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ଆଦିବାସୀ ମହିଳା ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇ ନିଜର ଦାବି ଉପସ୍ଥାପନ କରିଛନ୍ତି । ମହିଳାମାନେ ଅଭିଯୋଗ କରି କହିଛନ୍ତି ଯେ ସୁଭଦ୍ରା ଯୋଜନା ଆରମ୍ଭ ହେବା ପରେ ସେମାନେ ଜନ ସେବା କେନ୍ଦ୍ରରେ ଆବେଦନ କରିଥିଲେ ।

ରାଜ୍ୟ ସରକାର ଚାରି ଚକିଆ ଥିବା ଯୋଗୁ କାଟିଥିବା ହିତାଧିକାରୀଙ୍କ ତାଲିକା ଯାଞ୍ଚ ପାଇଁ ବାଣିଜ୍ୟ ଓ ପରିବହନ ବିଭାଗକୁ ନୋଟିସ ଜାରି କରିଛନ୍ତି । ବାହାନ ଡାଟାବେସରୁ ଚାରି ଚକିଆ ଥିବା ହିତାଧିକାରୀଙ୍କ ତଥ୍ୟ ସହ ଯାଞ୍ଚ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ମୃତ ହିତାଧିକାରୀଙ୍କ ତଥ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଦେବାକୁ ନିର୍ଦ୍ଦେଶ ହୋଇଛି । ଖାଦ୍ୟ ଯୋଗାଣ ବିଭାଗକୁ ମଧ୍ୟ ମୃତ ହିତାଧିକାରୀ ତଥ୍ୟ ଦେବାକୁ ନିର୍ଦ୍ଦେଶ ହୋଇଛି । ଏହାସହ ଖାଦ୍ୟ ଯୋଗାଣ ବିଭାଗରେ ପଞ୍ଜୀକରଣ କରି ଧାନ ବିକିଥିବା ମହିଳାଙ୍କ ତଥ୍ୟକୁ ଆଉ ଥରେ ଯାଞ୍ଚ କରି ଦେବାକୁ ନିର୍ଦ୍ଦେଶ ହୋଇଛି ।

## ଆଇଆଇଟି...

ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ ଭଳି ବର୍ଗରେ ଶିକ୍ଷାନୁଷ୍ଠାନକୁ ର୍ୟାଙ୍କିଂ କରାଯାଇଛି । ଓଭରଅଲରେ ଆଇଆଇଟି ମାଡ୍ରାସ ପ୍ରଥମ ସ୍ଥାନରେ ଥିବାବେଳେ ଦ୍ୱିତୀୟ ସ୍ଥାନରେ ଆଇଆଇଏସ୍ ବେଙ୍ଗାଲୁରୁ ଓ ତୃତୀୟ ଆଇଆଇଟି ବମ୍ବେ ରହିଛି । ଟପ୍ ୯ ରେ ଜେଏନ୍‌ୟୁ ରହିଥିବାବେଳେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ୧୦ନଂ ସ୍ଥାନରେ ରହିଛି । ମ୍ୟାନେଜମେଣ୍ଟ ବର୍ଗରେ ଆଇଆଇଏମ୍ ଅହମ୍ମଦାବାଦ ୧ନଂରେ ଥିବାବେଳେ ଆଇଆଇଏମ ବେଙ୍ଗାଲୁରୁ ଦ୍ୱିତୀୟ ଓ ଆଇଆଇଏମ୍ କୋଝିକୋଡେ ତୃତୀୟ ସ୍ଥାନରେ ରହିଛି । ଆର୍କିଟେକ୍ଚର ଓ ପ୍ଲାନିଂ ବର୍ଗରେ ରୁକି ଆଇଆଇଟି ପ୍ରଥମ ସ୍ଥାନରେ ଥିବାବେଳେ ଏନ୍‌ଆଇଟି କଲିକଟ୍ ଦ୍ୱିତୀୟ, ଆଇଆଇଟି ଖଡଗପୁର ତୃତୀୟ ସ୍ଥାନରେ ରହିଛି । ପଞ୍ଚମ ସ୍ଥାନରେ ଜାମିଆମିଲିଆ ଇସଲାମିଆ ରହିଛି । ବିଶ୍ୱବିଦ୍ୟାଳୟ ବର୍ଗରେ ଆଇଆଇଏସ୍ ବେଙ୍ଗାଲୁରୁ ୧ନଂ ଥିବାବେଳେ ଦିଲ୍ଲୀର ଜେଏନ୍‌ୟୁ ଦ୍ୱିତୀୟ, ମନିପାଲ ଏକାଡେମି ଅଫ ହାଇଅର ଏଜୁକେସନ ତୃତୀୟ, ଜାମିଆମିଲିଆ ଇସଲାମିଆ ଚତୁର୍ଥ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପଞ୍ଚମ ସ୍ଥାନରେ ରହିଛି । ଷ୍ଟେଟ୍ ପବ୍ଲିକ୍ ବିଶ୍ୱବିଦ୍ୟାଳୟ ର୍ୟାଙ୍କିଂରେ କୋଲକାତାର ଯାଦବପୁର ବିଶ୍ୱବିଦ୍ୟାଳୟ ପ୍ରଥମ ସ୍ଥାନରେ ରହିଛି । ଫାର୍ମାସୀ ଶିକ୍ଷାନୁଷ୍ଠାନ ମଧ୍ୟରେ ନୂଆଦିଲ୍ଲୀର ଜାମିଆ ହମ୍‌ଦରଦ ୧ନଂରେ ରହିଥିବାବେଳେ ଦ୍ୱିତୀୟରେ ବିର୍ଲା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ସାଇନ୍, ଚଣ୍ଡିଗଡ ପଞ୍ଜାବ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନରେ ରହିଛି । ଶ୍ରେଷ୍ଠ କଲେଜ ତାଲିକାରେ ହିନ୍ଦୁ କଲେଜ ୧ନଂରେ ଥିବାବେଳେ ମିରିଣ୍ଡା ହାଉସ ଦ୍ୱିତୀୟାରେ, ତୃତୀୟରେ ହଂସରାଜ କଲେଜ ରହିଛି । ଆଇନ୍ ବର୍ଗରେ ପ୍ରଥମ ସ୍ଥାନରେ ବେଙ୍ଗାଲୁରୁ ନ୍ୟାସନାଲ ଲ' ସ୍କୁଲ ଅଫ୍ ଇଣ୍ଡିଆ ୟୁନିଭର୍ସିଟି, ଦ୍ୱିତୀୟରେ ଦିଲ୍ଲୀର ନ୍ୟାସନାଲ ଲ' ୟୁନିଭର୍ସିଟି, ତୃତୀୟରେ ହାଇଦ୍ରାବାଦର ନାଲସର ୟୁନିଭର୍ସିଟି ଅଫ୍ ଲ' ରହିଛି । ଦେଶର ପ୍ରମୁଖ ୩ ମେଡିକାଲ କଲେଜ ତାଲିକାରେ ଦିଲ୍ଲୀ ଏମ୍ସ ୧ନଂରେ ଥିବାବେଳେ ଚଣ୍ଡିଗଡର ପିଜିଆଇ ଏମ୍‌ଆଇଆର ଦ୍ୱିତୀୟ, ଭେଲୋରର ସିଏମ୍‌ସି ତୃତୀୟ ସ୍ଥାନରେ ରହିଛି ।

## କୋମାରେ...

ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ତାଙ୍କ ଆସୁ ଆରୋଗ୍ୟ ପାଇଁ । ସେ ଓଲିଉଡ୍ ଓ ବଙ୍ଗଳା ସିନେମାରେ ସଂଗୀତ ନିର୍ଦ୍ଦେଶନା ଦେବା ସହ ମଞ୍ଚ କଳାକାର ମଧ୍ୟ ଥିଲେ । ମଞ୍ଚରେ ସେ ସଂଗୀତ ପରିବେଷଣ କରୁଥିବାବେଳେ ଦର୍ଶକ ତାଙ୍କ କଣ୍ଠସ୍ୱରରେ ବିମୋହିତ ହୋଇଯାଆନ୍ତି । କୋମାରେ ଥିବାରୁ ଭେଣ୍ଟିଲେଟର ସହାୟତାରେ ଚିକିତ୍ସା ଜାରି ରହିଛି । ଏମ୍ସ ପାଖକୁ ଓଲିଉଡ୍‌ର ବହୁ କଳାକାର, ସଂଗୀତଜ୍ଞ ଓ ସଂଗୀତ ପ୍ରେମୀ ତାଙ୍କୁ ଦେଖା କରିବାକୁ ପହଞ୍ଚିଛନ୍ତି ।

# ଷ୍ଟେସନରୁ ମୋବାଇଲ ଚୋର ଗିରଫ

ସୋର, (ସବ୍ୟୁ): ସୋର ରେଳ ଷ୍ଟେସନରୁ ଜଣେ ମୋବାଇଲ ଚୋରକୁ ଗିରଫ କରି ଆରପିଏଫ କର୍ମଚାରୀ ମାନେ କୋର୍ଟ ଚାଲାଣ କରିଛନ୍ତି । ପଶ୍ଚିମ ମେଦିନୀପୁର ଗ୍ରାମର ସେକ ହସନ ଅହମ୍ମଦ ବୁଧବାର ରାତିରେ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ ଟ୍ରେନରେ ଭୁବନେଶ୍ୱରରୁ ଖଡ଼ଗପୁର ଅଭିମୁଖେ ଯାଉଥିଲେ । ସୋର ରେଳ ଷ୍ଟେସନ ନିକଟରେ ତାଙ୍କ ମୋବାଇଲ ଚୋରି ହୋଇଥିବା ନେଇ ୧୩୯ ନମ୍ବରରେ ଅଭିଯୋଗ କରିଥିଲେ । କିନ୍ତୁ ଗୁରୁବାର ପୂର୍ବାହ୍ନରେ ସୋର ରେଳ ଷ୍ଟେସନରେ ଭଦ୍ରକ ଟାଉନ ଥାନା ସାହାପୁର ଅଞ୍ଚଳର ଯୁବକ ହୃଷିକେଶ ମହାନ୍ତି (୨୬) ଇତସ୍ତତ ହୋଇ ବୁଲୁଥିବାର ଦେଖି ସୋର ରେଳ ଷ୍ଟେସନରେ କାର୍ଯ୍ୟରତ ଆରପିଏଫ କର୍ମଚାରୀ ମାନେ ତାକୁ ଅଟକ ରଖି ପଚରା ଉଚରା କରିଥିଲେ । ପଚରା ଉଚରା ପରେ ତା ନିକଟରୁ ଅହମ୍ମଦଙ୍କ ମୋବାଇଲ ସମେତ ଚାରି ଗୋଟି ଚୋରି ମୋବାଇଲକୁ ଆରପିଏଫ କର୍ମଚାରୀ ମାନେ ଜବତ କରି ହୃଷିକେଶକୁ ଗିରଫ କରିଥିଲେ । ଅପରାହ୍ନରେ ତାର ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରାଯାଇଛି ।

# ଲୁହା ରଡ ମାଡରେ ରୋଷେୟା ମୃତ

ଭୁବନେଶ୍ୱର (ସବ୍ୟୁ) : ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ୍-୪ ହାଟ ନିକଟ ହୋଟେଲରେ ବିକ୍ରମ ବେହେରା (୪୨) ରୋଷେୟା ଭାବେ କାମ କରୁଥିଲେ । ରୁଟି ସେକାକୁ ନେଇ ହୋଟେଲର ଗୋପୀନାଥ ନାୟକ (୩୦) ନାମକ ଅନ୍ୟଜଣେ କର୍ମଚାରୀ ତାଙ୍କୁ ବୁଧବାର ଲୁହା ରଡରେ ପିଟି ଦେଇଥିଲା । ସେ ଗୁରୁତର ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ଗୁରୁବାର ତାଙ୍କର ମୃତ୍ୟୁ ହୋଇଛି । ଖାରବେଳନଗର ଥାନା ପୋଲିସ ଅଭିଯୁକ୍ତ ଗୋପୀନାଥଙ୍କୁ ଅଟକ ରଖି ହତ୍ୟା ମାମଲାର ତଦନ୍ତ କରୁଛି ।

# ଓଏସଆରଟି ବସ ଦୁର୍ଘଟଣା : ୭ ଆହତ

ଦଶପଲ୍ଲା,(ସବ୍ୟୁ): ଦଶପଲ୍ଲା ଥାନା ଦଶପଲ୍ଲା ହୋଟେଲ ନିକଟରେ ରାଜ୍ୟ ପରିବହନ ନିଗମର ଏକ ବସ ଦୁର୍ଘଟଣାଗସ୍ତ ହେବାରୁ ବସରେ ବସିଥିବା ଡ୍ରାଇଭର ଙ୍କ ସହ ୬ ଜଣ ଆହତ ହୋଇଛନ୍ତି । ଆହତମାନଙ୍କୁ ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତି କରାଯାଇଥିବା ବେଳେ ପ୍ରାଥମିକ ଚିକିତ୍ସାପରେ ସେମାନଙ୍କୁ ଛାଡି ଦିଆଯାଇଛି । ଗୁରୁବାର ରାତି ୯ ଟାରେ ଭୁବନେଶ୍ୱରରୁ ଭବାନୀପାଟଣା ଯାଉଥିବା ଓଏସଆରଟି ବସି ଦଶପଲ୍ଲା ହୋଟେଲ ନିକଟରେ ଭାରସାମ୍ୟ ହରାଇ ଏକ ଗଛ ରେ ଧMI ହୋଇଥିଲା ।ଫଳରେ ବସ ଡ୍ରାଇଭର ସାଇରାମ ବାରିକ,ସସ୍ମିତା ଦଳେଇ(ରାଜସୁନାଖଳା),ମନୋଜ ନାଗ(କଳାହାଣ୍ଡି) ଙ୍କ ସମେତ ୭ ଜଣ ଯାତ୍ରୀ ଆହତ ହୋଇଥିଲେ । ଦୁର୍ଘଟଣା କାରଣ ଜଣାପଡିନଥିବା ବେଳେ ଡ୍ରାଇଭରଙ୍କ ଖାମଖିଆଲ ଗାଡିଚାଳନା ଯୋଗୁ ଏହି ଦୁର୍ଘଟଣା ଘଟିଲା ବୋଲି ଯାତ୍ରୀମାନେ ପ୍ରକାଶ କରିଛନ୍ତି । ଏହି ଘଟଣା ରେ ପୋଲିସ ଏକ ମାମଲା ରୁଜୁକରି ବସ ଜବତ କରିଛି ।

# ପଞ୍ଚଲିଙ୍ଗେଶ୍ୱର ପୀଠରେ ବାବାଙ୍କୁ ଦର୍ଶନ ,ସ୍ପର୍ଶ ମନା

ନୀଳଗିରି,(ସବ୍ୟୁ): ଉତ୍ତର ଓଡିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ପୀଠରେ ସ୍ପର୍ଶ ଓ ଦର୍ଶନ ବନ୍ଦ କରାଯାଇଛି । ଲଗାଣ ବର୍ଷାରେ ଯୋଗୁଁ ଦେବଗିରି ପାହାଡ଼ର ୮ ଫୁଟ ଉଚ୍ଚର ଝରଣା ପାଣିର ପ୍ରଖର ସ୍ରୋତ ଆସି ଶୈବପୀଠସ୍ଥଳି ଓ ପୂଜା ମଣ୍ଡପର ଦୀପ ଜାଳିବା ସ୍ଥାନରେ ଲହଡ଼ି ମାରୁଛି । ପାଣିର ସ୍ରୋତ ଏତେ ପ୍ରଖର ଯେ ପଥର ଖୋଲ ମଧ୍ୟରେ ଆବିର୍ଭୁତ ହୋଇଥିବା ପାଞ୍ଚଟି ଲିଙ୍ଗଙ୍କୁ ଭକ୍ତ ଓ ପର୍ଯ୍ୟଟକ ସ୍ପର୍ଶ ଓ ଦର୍ଶନ କରିବା ବନ୍ଦ ରଖାଯାଇଛି । ନୀଳଗିରିରେ ଲଘୁଚାପ ବର୍ଷା ସୋମବାର ରାତ୍ରି ଠାରୁ ଲାଗିରହିଥିବା ବେଳେ ବୁଧବାର ରାତ୍ରିରେ ମଧ୍ୟ ପ୍ରବଳ ବର୍ଷା ହୋଇଥିଲା । ଫଳରେ ଗୁରୁବାର ନୀଳଗିରି ସହରର ବିଭିନ୍ନ ରାସ୍ତାରେ ଦୀର୍ଘ ସମୟ ଧରି ବର୍ଷା ପାଣିର ସୁଅ ଛୁଟିଥିଲା । ଏହି ଲଗାଣ ବର୍ଷା ପାଣିର ସ୍ରୋତ ଏତେ ପ୍ରଖର ଥିଲା ଯେ, ସେଠାରେ ଛିଡା ହୋଇ ପୂର୍ବାହ୍ନରେ ଆଳତୀ ମଧ୍ୟ କରିବା କଷ୍ଟକର ହୋଇପଡ଼ିଛି । ଯେଉଁସ୍ଥାନରେ ଭକ୍ତମାନେ ଛିଡ଼ା ହୋଇ ବାବାଙ୍କୁ ପୂଜାର୍ଚ୍ଚନା କରନ୍ତି, ସେହି ଚଟାଣରେ ପାଣି ଲହଡ଼ି ମାରୁଥିବା ଦେଖିବାକୁ ମିଳିଥିଲା । ଏପରି ସମୟରେ ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ଅନିର୍ଦ୍ଦିଷ୍ଟ କାଳ ଯାଏ ଝରଣା ଭିତରେ ପଞ୍ଚଲିଙ୍ଗ ସ୍ପର୍ଶ ବନ୍ଦ ରଖାଯାଇଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ ଦେବଗିରି ପର୍ବତ ମାଳାର ଅଂଶବିଶେଷର ଏକ ଚିରସ୍ରୋତା ଝରଣାର ପଥର ଖୋଲ ମଧ୍ୟରେ ଆବିର୍ଭୂତ ହୋଇଥିବା ପାଞ୍ଚଟି ଲିଙ୍ଗଙ୍କୁ ବାବା ପଞ୍ଚଲିଙ୍ଗେଶ୍ୱର ନାମରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିଆସୁଛନ୍ତି । ଏଠାରେ ନୀର ଶଯ୍ୟାରେ ବିଜେ ପାଞ୍ଚ ଲିଙ୍ଗଙ୍କୁ ସ୍ପର୍ଶ କରି ସାନିଧ ଲାଭ କରିବାର ସୁଯୋଗ ମିଳିଥାଏ ।

# ନବବଧୂଙ୍କ ମୃତ୍ୟୁ, ହତ୍ୟା ଅଭିଯୋଗ କଲେ ବାପା

ଭଦ୍ରକ,(ସବ୍ୟୁ): ଯୌତୁକ ନିର୍ଯାତନା ଅସହ୍ୟ ହେବରୁ ମାତ୍ର ୩ମାସ ହେଲା ବିବାହ କରିଥିବା ଜଣେ ନବବଧୂ ଆତ୍ମହତ୍ୟା କରିଛନ୍ତି । ଏହାକୁ ନେଇ । ହତ୍ୟା ଅଭିଯୋଗ ଆଣିଲେ ଝିଅର ବାପ ଘର ଲୋକେ ହତ୍ୟା ଅଭିଯୋଗ କରିଛନ୍ତି । ଭଦ୍ରକ ଜିଲ୍ଲା ଘଣ୍ଟେଶ୍ୱର ଫାଣ୍ଡି ଅଧିନସ୍ଥ ବଜାରପୁର ପଞ୍ଚାୟତର ଷ,,ଗଡା ଗ୍ରାମର ବାବୁଲି ମାଝୀଙ୍କ ପୁଅ ଦିପୁନ ମାଝୀ ନୟାକଣୀଡ଼ିହି ଥାନା କରଂଜଆଡ଼ିଆ ଗ୍ରାମର ଚକ୍ରଧର ମାଝିଙ୍କ ଝିଅ ମାମାଲିକୁ ବୈଦିକ ରୀତିନୀତିରେ ବିବାହ କରିଥିଲେ । ବିବାହର କିଛିଦିନ ପରେ ମାମାଲିଙ୍କ ସ୍ୱାମୀ,ଶଶୁର,ଦିଅର,ଦାଦନ ଭାବରେ ବାହାର ରାଜ୍ୟକୁ ଯାଇଥିଲାବେଳେ ବୋହୂକୁ ଘରେ ନିର୍ଯାତନା ଦିଆଯାଉଥିବାର ଅଭିଯୋଗ ଆସିଥିଲା । ପରେ ମାମାଲି ନିର୍ଯାତନା ସହି ନପାରି ରଶି ଲଗାଇ ଆତ୍ମହତ୍ୟା କରିଥିବାର ଦେଖିବାକୁ ମିଳିଛି । କିନ୍ତୁ ଏଘଟଣାକୁ ନେଇ ବାପଘର ଲୋକ ହତ୍ୟା ଅଭିଯୋଗ ଆଣିଛନ୍ତି । ପୋଲିସି ଶବ ଜବତ କରି ବ୍ୟବଛେଦ କରିଥିବା ବେଳେ ଅଧିକ ତଦନ୍ତ କରୁଥିବା ଫାଣ୍ଡି ଅଧିକାରୀ ସୂର୍ଯ୍ୟକାନ୍ତ ମହାନ୍ତି କହିଛନ୍ତି ।

# ବିଦ୍ୟୁତ ବିତରଣରେ ପରିବର୍ତ୍ତନ ଆଣିଛି ଟାଟା ପାୱାର

ଭୁବନେଶ୍ୱର (ସବ୍ୟୁ): ଟାଟା ପାୱାର ନେତୃତ୍ୱାଧୀନ ଡିସ୍‌କମ୍‌ଗୁଡ଼ିକ ଅତ୍ୟାଧୁନିକ ପ୍ରଯୁକ୍ତି, ଗ୍ରାହକ ବିଶ୍ୱାସ ସୃଷ୍ଟି କରି ଏବଂସାରା ରାଜ୍ୟରେ ବଡ଼ ଧରଣର ରୂପାନ୍ତରଣ ସହିତ ଭାରତର ବିଦ୍ୟୁତ ବିତରଣ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଛନ୍ତି ।ପ୍ରାୟ ୧୦ ନିୟୁତ ଗ୍ରାହକଙ୍କୁ ସେବା ପ୍ରଦାନ କରୁଥିବା ଚାରି ବିଦ୍ୟୁତ୍‌ୟୁଟିଲିଟି ଟିପିସିଓଡିଏଲ୍, ଟିପିଡବ୍ଲ୍ୟୁଓଡିଏଲ୍, ଟିପିଏସ୍‌ଓଡିଏଲ୍ ଓ ଟିପିଏନ୍‌ଓଡିଏଲ୍ ଭରସାଯୋଗ୍ୟ ଓ ଗ୍ରାହକ କୈନ୍ଦ୍ରୀକ ବିଦ୍ୟୁତ୍ ସେବାର ଏକ ମଡେଲ୍ ଭାବେ

ଉଭା ହୋଇଛନ୍ତି ।ଏହି ରୂପାନ୍ତରଣର ମୂଳରେ ରହିଛି ପ୍ରଯୁକ୍ତି ।ଓଡ଼ିଶାର ବିଦ୍ୟୁତ୍ ଯାତ୍ରାରେ ଏକ ପ୍ରମୁଖ ମାଇଲଖୁଂଟ ହେଉଛି ବିଦ୍ୟୁତ୍‌ବଂଟନ ପ୍ରଯୁକ୍ତି କେନ୍ଦ୍ର (ପିଡିଟିସି) ଯାହା ହେଉଛି ପ୍ରଥମ ଧରଣର ନର୍ଭ କେନ୍ଦ୍ର ଯାହା ଗୋଟିଏ ହବ୍‌ରେ ସମଗ୍ରବିଦ୍ୟୁତ୍ ବଂଟନ ନେଟ୍‌ୱାର୍କ ପରିଚାଳନା କରୁଛି । ପିଡିଟିସିରେ ସ୍କାଡା ବ୍ୟବସ୍ଥା, ଜିଆଇଏସ୍‌ଭିତ୍ତିକ ନେଟ୍‌ୱାର୍କ ମ୍ୟାପିଂ ଓ ସ୍ୱୟଂକ୍ରିୟ ବିଭ୍ରାଟ ପରିଚାଳନାକୁ ସମନ୍ୱିତ କରି ବାସ୍ତବ ସମୟ ନିରୀକ୍ଷଣ, ଦ୍ରୁତ ତ୍ରୁଟି ଚିହ୍ନଟ ଏବଂ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ସାରା ପ୍ରତିଷେଧକମୂଳକ ରକ୍ଷଣାବେକ୍ଷଣକୁ ସକ୍ଷମ କରିଛି । ମୋବାଇଲ୍ ଆପ୍, ହ୍ୱାଟସ୍‌ଆପ୍ ସେବା ଓ ମିସଡ୍ କଲ୍ ହେଲ୍‌ପଲାଇନ୍ ଭଳି ଡିଜିଟାଲ୍ ପ୍ଲାଟଫର୍ମ ଗ୍ରାହକଙ୍କୁ ସୁବିଧାରେ ସେବା ହାସଲ କରିବାକୁ ସକ୍ଷମ କରିଛି ।ଏହି ପ୍ରଯୁକ୍ତି ଆଧାରିତ ଅଭିଯାନ ଦ୍ୱାରା ଏହି ଡିସ୍‌କମ୍‌ଗୁଡ଼ିକ ଶକ୍ତି ମନ୍ତ୍ରଣାଳୟର ବାର୍ଷିକ ପ୍ରଦର୍ଶନ ଅନୁଶୀଳନରେ ଏ ର୍ୟାଙ୍କିଂ ହାସଲ କରିବା ପ୍ରତି ଯୋଗଦାନ ଦେଇଛି ଯାହା ସେବା ଓ ପରିଚାଳନରେ ଉତ୍କର୍ଷକୁ ପ୍ରତିଫଳିତ କରୁଛି ।ଏହି ପ୍ରଯୁକ୍ତି ପରିବର୍ତ୍ତନ ସହିତ ପରିଚାଳନା ଉତ୍କର୍ଷତା ଉପରେ ଗୁରୁତ୍ୱ ଦ୍ୱାରା ଗ୍ରାହକଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟିହୋଇଛି । ଗତ ତିନି ବର୍ଷ ମଧ୍ୟରେ ଏଟିଆଣ୍ଡସି କ୍ଷତି ପ୍ରାୟ ୧୧ ପ୍ରତିଶତ ହ୍ରାସ ହୋଇଥିବା ବେଳେ ଉଭୟ ଆର୍ଥିକସ୍ଥାୟିତ୍ୱ ଓ ଦକ୍ଷତାରେ ଉନ୍ନତି ହୋଇଛି । ଅନେକ ଡିଭିଜନରେ ବିଲିଂ ଓ କଲେକ୍ସନ ଦକ୍ଷତା ୯୯ ପ୍ରତିଶତ ଅତିକ୍ରମ କରିଛି ଯାହା ନଗଦ ରାଶି ପ୍ରବାହକୁ ସୁନିଶ୍ଚିତ କରିଥିବା ବେଳେ ସେହି ରାଶିକୁ ନେଟ୍‌ୱାର୍କ ଉନ୍ନତିକରଣରେ ପୁନଃ ନିବେଶ କରାଯାଉଛି । ଏହି ସମୟ ମଧ୍ୟରେ ୫୯୮୬ କୋଟି ଟଙ୍କାର ପୁଞ୍ଜି ବ୍ୟୟ ସବଷ୍ଟେସନର ଆଧୁନିକୀକରଣ, ଫିଡର ଆଧୁନିକୀକରଣ ଓ ଭୂତଳ ତାର ବିଛାଇବାରେ ବ୍ୟବହାର କରାଯାଇଛି, ଫଳରେ ଯୋଗାଣ ଭରସା ଯୋଗ୍ୟତା ବଢ଼ିଥିବା ବେଳେ ସୁରକ୍ଷାରେ ଉନ୍ନତି ହୋଇପାରିଛି ।ଏହି ରୂପାନ୍ତରିତ ଯାତ୍ରାର କେନ୍ଦ୍ରରେ ରହିଛି ଗ୍ରାହକ ସନ୍ତୁଷ୍ଟି । ସରଳ ଡିଜିଟାଲ ପ୍ରକ୍ରିୟାରେ ନୂଆ ସଂଯୋଗ ନେବାପାଇଁ ଲାଗୁଥିବା ହାରାହାରି ସମୟ ୪୦ ପ୍ରତିଶତ କମ୍ ହୋଇଥିବା ବେଳେ ଗ୍ରାମୀଣ ଗ୍ରାହକ ସେବା କେନ୍ଦ୍ର ଓ ଚବିଶଘଂଟିଆ ହେଲ୍‌ପଲାଇନ୍ ଜରିଆରେ ନିର୍ଧାରିତ ସମୟ ସୀମା ମଧ୍ୟରେ ଗ୍ରାହକଙ୍କ ଅଭିଯୋଗର ସମାଧାନ ହୋଇପାରିଛି ।

# ଲଗାଣ ବର୍ଷାରେ ଭୁଶୁଡ଼ିଲା ଘର : ଦୁଇ ଶିଶୁ ଗୁରୁତର



ନୀଳଗିରି (ସବ୍ୟୁ): ରାଜ୍ୟରେ ଲଗାଣ ବର୍ଷା ଜାରି ରହିଛି । ଅନେକ ସ୍ଥାନରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି । ଉତ୍ତର ଓ ବର୍ଷା ଲୋକଙ୍କ ପାଇଁ ଦାଉ ସାଜିଛି । ଲଗାଣ ବର୍ଷାରେ ଏକ ପରିବାରର କାନ୍ଥ ଭୁଶୁ ଥିବା ବେଳେ ଛପର ଉଡ଼ିଯାଇଛି । ଏ ଭଳି ଦୃଶ୍ୟ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ମିତ୍ରପୁର କେପି ମହଲ ଗାଁରେ । ସୂଚନା ଅନୁସାରେ ମିତ୍ରପୁରରେ ଲଗାଣ ବର୍ଷା ପରେ ଘର ଭୁଶୁଡ଼ି ପଡ଼ିବା କାରଣରୁ ଦୁଇଜଣ ଶିଶୁ ଗୁରୁତର ଅଛନ୍ତି । ସେମାନଙ୍କୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି । ଲକ୍ଷାଧିକ ଟଙ୍କାର ଆସବାପତ୍ର ନଷ୍ଟ ହୋଇ ଯାଇଥିବା ବେଳେ ସହାୟତା ପାଇଁ ସ୍ଥାନୀୟ ପ୍ରଶାସନକୁ ଗୁହାରୀ କରିଛନ୍ତି ପରିବାରର ଲୋକେ ।ଲଘୁଚାପଜନିତ ଲଗାଣ ବର୍ଷାରେ ହଠାତ ଦୁଇଜଣ ଶିଶୁ ଘରେ ଶୋଇଥିବା ଅବସ୍ଥାରେ କାନ୍ଥ ଓ ଆଜବେଷ୍ଟ ଛପର ଭୁଶୁ ପଡିଥିଲା । ଜୀବନ ବିକଳରେ ଘରୁ ଦୌଡ଼ିବା ବେଳେ ଦୁଇଶିଶୁ ଗୁରୁତର ହୋଇ ରେମୁଣା ମେଡିକାଲ କଲେଜରେ ଚିକିତ୍ସିତ ହେଉଛନ୍ତି । ତେବେ ବର୍ଷାରେ ସମସ୍ତ ଆସବାପତ୍ର ନଷ୍ଟ ହୋଇଯାଇଛି । ପରିବାରକୁ ସରକାରୀର ସହାୟତା ଦାବି କରିଛନ୍ତି ଲୋକେ ।

# ଉପଡାକଘରେ ପାଣି : ଖେଳିଲେ ମାଛ,ଭାସିଲା ଟଙ୍କା

ବାଲେଶ୍ୱର, (ସବ୍ୟୁ): ଲଘୁଚାପ ଜନିତ ଅବିଶ୍ରାନ୍ତ ବର୍ଷା ଫଳରେ ବାଲେଶ୍ୱର ସହର ବେହାଲ ହୋଇପଡ଼ିଛି । ଦୁଇଦିନ ଧରି ସହରର ବିଭିନ୍ନ ରାସ୍ତା ଓ ଛକଗୁଡ଼ିକରେ ବର୍ଷା ଜଳ ଜମି ରହିବା ଫଳରେ ଯାତାୟାତ ପ୍ରଭାବିତ ହୋଇଛି । ନୂଆସାହି ଛକଠାରେ ଥିବା ପୋଷ୍ଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ସଂଲଗ୍ନ ସହଦେବଖୁଣ୍ଟା ଉପଡାକଘର ଭିତରକୁ ବର୍ଷା ଜଳ ପଶି ଦୟନୀୟ ସ୍ଥିତି ଦେଖାଦେଇଛି । ଡାକଘର ଆଲମିରାରେ ପାଣି ପଶିବା ଫଳରେ ସେଠାରେ ଥିବା ଟଙ୍କା ସବୁ ଓଦା ହୋଇଯାଇଥିଲା । କମ୍ପ୍ୟୁଟର, ପ୍ରିଣ୍ଟର ମେସିନ, ପାସବୁକ, ରେକର୍ଡପତ୍ର, ଫାଇଲ ସବୁ ଓଦା ହୋଇ ନଷ୍ଟ ହୋଇଥିଲା । ଏପରିକି ଡାକ ଘର ପରିସରରେ ଜମି ରହିଥିବା ବର୍ଷା ପାଣିରେ ମାଛ ଖେଳୁଥିବା ଦେଖିବାକୁ ମିଳିଥିଲା । ବୁଧବାର ଜଣେ ଜମାକାରୀ ୧ଲକ୍ଷ ଟଙ୍କା ଉଠାଇବା ପାଇଁ ଏହି ଉପଡାକଘରକୁ ଯାଇଥିଲେ । ଟଙ୍କା ଥିବା ଆଲମିରା ଖୋଲିବା ବେଳକୁ ସେଥିରେ ମଙ୍ଗଳବାର ରାତିରେ ପାଣି ପଶି ସବୁ ଓଦା ହୋଇଯାଇଥିବା ଦେଖିବାକୁ ମିଳିଥିଲା । ଅଧିକାରୀ ଓ କର୍ମଚାରୀମାନେ ସଙ୍ଗେ ସଙ୍ଗେ ଓଦା ହୋଇଥିବା ସମସ୍ତ ସାମଗ୍ରୀ ଓ ଟଙ୍କାକୁ ଶୁଖାଇଥିଲେ । ଆବଶ୍ୟକତା ଦୃଷ୍ଟିରୁ ଉକ୍ତ ଜମାକାରୀ ଜଣକ ବାଧ୍ୟ ହୋଇ ଓଦା ଟଙ୍କାକୁ ନେଇଥିବା ଜଣାପଡ଼ିଛି ।ସୂଚନା ଯେ, ମଙ୍ଗଳବାର ଜିଲାରେ ୬୦୫ମି. ମି. ବର୍ଷା ହୋଇଥିବା ବେଳେ ସହରରେ ୧୨୮ମି.ମି. ବର୍ଷା ରେକର୍ଡ ହୋଇଥିଲା । ବୁଧବାର ଜିଲାରେ ୩୬୬ମି.ମି. ବର୍ଷା ହୋଇଥିବା ବେଳେ ସହରରେ ୩୫ମି.ମି. ବର୍ଷା ରେକର୍ଡ ହୋଇଛି । ସହରର ତଳିଆ ଅଞ୍ଚଳ ଜଳମଗ୍ନ ରହିଛି । ବହୁ ଦୋକାନ ଓ ଘର ଭିତରକୁ ବର୍ଷା ପାଣି ପଶି ଆସବାବପତ୍ର ଭାସୁଥିବାର ପରିଲକ୍ଷିତ ହୋଇଥିଲା । ଏପରିକି ଉକ୍ତ ଛକରେ ଦୋକାନଗୁଡ଼ିକ ବନ୍ଦ ରହିଥିଲା । ଜଳ ନିଷ୍କାସନ ବ୍ୟବସ୍ଥା ଦିଗରେ ଗୁରୁତ୍ୱ ଦେବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ସହରବାସୀ ଦାବି କରିଛନ୍ତି ।

**AFFIDAVIT**

By virtue of an affidavit sworn before notary public, Bhubaneswar dated 03.09.2025, I, Manas Ranjan Das, AT-Hatapatana, PO- Kadalibana, PS- Pattamundai, Dist- Kendrapara, Odisha, PIN- 754222 declare that I have changed the name of my son from Tatyo Prakash Das to Tattwa Prakash Das. Henceforth, he shall be known as Tattwa Prakash Das for all purposes.

Manas Ranjan Das

**AFFIDAVIT**

By virtue of an affidavit sworn before Executive Magistrate, Nayagarh Odisha on dated 18.08.2025 I, Akhila Naik S/o- Late Trinath Naik Resident of Village Jogiapalli, P.O.- Balugaon, P.S.- Khandapada, Dist-Nayagarh, PIN-752070 declare that I have changed my minor Son's name from Akula Naik to Anil Naik. Henceforth, he shall be known as Anil Naik for all purposes.

Sd/- Akhila Naik

**ଦ.ପୂ. ରେଳପଥ-ଟେଣ୍ଡର**

ଡିଆରଏମ(ଡି), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଓ ପାଇଁ ଖୋଲା ଟେଣ୍ଡର ଲାଗି ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ଲାଗି ମାନୁଆଲ୍ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯାଇ ନାହିଁ ଏବଂ ପ୍ରାପ୍ତ ହୋଇଥିବା ଯେକୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ । କ୍ର.ନଂ.-୧, ଇ-ଟେଣ୍ଡର ନୋଟିସ୍ ନମ୍ବର: ୪୦-ଇଏଲ-ଡବ୍ଲୁଟି-୨୦୨୫-୨୬,ତାରିଖ: ୦୩.୦୯.୨୦୨୫ । କାର୍ଯ୍ୟର ନାମ: ଚକ୍ରଧରପୁର ଡିଭିଜନରେ ଏସ୍‌ସିଏଡିଏ ସମେତ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ କାର୍ଯ୍ୟର ବୃଦ୍ଧି, ଉନ୍ନତିକରଣ ଏବଂ ପରିବର୍ତ୍ତନ ଓ ଅନ୍ୟାନ୍ୟ କାର୍ଯ୍ୟ । ଟେଣ୍ଡର ମୂଲ୍ୟ : ୧,୧୦,୯୮,୯୨୧ । ଇଏମଡି : ୨,୦୫,୫୦୦ । କ୍ର.ନଂ.-୨, ଇ-ଟେଣ୍ଡର ନୋଟିସ୍ ନମ୍ବର: ୪୧-ଇଏଲ-ଡବ୍ଲୁଟି-୨୦୨୫-୨୬, ତାରିଖ: ୦୩.୦୯.୨୦୨୫ । କାର୍ଯ୍ୟର ନାମ: ଚକ୍ରଧରପୁର ଡିଭିଜନରେ କର୍ମଚାରୀ କ୍ୱାର୍ଟର ଏବଂ ସେବା ଭବନ ପାଇଁ ଆର୍ଥ ଏବଂ ବଜ୍ରପାତ ନିରୋଧକ ବ୍ୟବସ୍ଥା ଦ୍ୱାରା ବୈଦ୍ୟୁତିକ ସୁରକ୍ଷାର ଉନ୍ନତିକରଣ । ଟେଣ୍ଡର ମୂଲ୍ୟ : ଟ. ୭୧,୮୬,୪୫୦.୨୬ । ଇଏମଡି: ଟ.୧,୪୩,୭୦୦ । କ୍ର.ନଂ.-୩, ଇ-ଟେଣ୍ଡର ନୋଟିସ୍ ନମ୍ବର : ୪୩-ଇଏଲ-ଡବ୍ଲୁଟି-୨୦୨୫-୨୬, ତାରିଖ: ୦୩.୦୯.୨୦୨୫ । କାର୍ଯ୍ୟର ନାମ: ଦକ୍ଷିଣ ପୂର୍ବ ରେଳପଥ (ଆରଓଏବ/ ବୋକାରୋ ଇସ୍ପାତ ସିଟି, ଆରଓଏବ/ବୋଣ୍ଡାମୁଣ୍ଡା, ଡିଏସଡି/ଆଦ୍ରା, ଡିଏସଡି/ଚକ୍ରଧରପୁର) ର ବିଭିନ୍ନ ଲୋକୋ ଡିପୋରେ ବିଭିନ୍ନ ଉନ୍ନତିକରଣ ସହିତ ବୈଦ୍ୟୁତିକ (ଡି) କାର୍ଯ୍ୟ । ଚକ୍ରଧରପୁରରେ (୩୦x୧୫ x ୪.୫) ମିଟର ଆକାରର ଗୋଦାମ ନିର୍ମାଣ । ଟେଣ୍ଡର ମୂଲ୍ୟ : ଟ. ୩,୨୨,୫୮୩.୨୪ । ଇଏମଡି : ଟ. ୬,୬୦୦ । ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ : ଶୂନ୍ୟ (କ୍ର.ନଂ. ୧ ରୁ ୩ ପାଇଁ ପ୍ରତ୍ୟେକଟି ପାଇଁ) । ବନ୍ଦ/ଖୋଲା ତାରିଖ : ୩୦.୦୯.୨୦୨୫ ଅପରାହ୍ନ ୧୫.୦୦ ଟାରେ (କ୍ର.ନଂ. ୧ ରୁ ୩ ପାଇଁ ପ୍ରତ୍ୟେକଟି ପାଇଁ) । ଟେଣ୍ଡରକୁ ୱେବସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କର ଶ୍ରେଣୀ-୩ ଡିଜିଟାଲ୍ ସିଗ୍ନେଚର ସାର୍ଟିଫିକେଟ ରହିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ପୋର୍ଟାଲ୍ ଅଧୀନରେ ପଞ୍ଜିକୃତ ହୋଇଥିବେ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରୟୋଜନୀୟ କାଗଜପତ୍ର ଅପଲୋଡ୍ ହୋଇଥିବା ଆବଶ୍ୟକ । (PR-596)

e-mail ID : rw_rayagada@yahoo.co.in

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION : RAYAGADA

**CANCELLATION OF TENDER**

**O-709 :** The tender for the work invited vide this office bid identification No. EERWRGD-Online-03/2025-26 invited vide this office letter No-2535 dated-02.08.2025 is here by cancelled due to unavoidable circumstances.

Sd/- Executive Engineer
Rural Works Division, Rayagada

OIPR : 25072/11/0026/2526

OFFICE OF THE PRINCIPAL
PANCHAYAT SAMITI HIGHER SECONDARY SCHOOL, MURIBAHAL

P.S. Higher Secondary School, Muribahal
Dist - Balangir (Odisha)
Pin- 767037
CHSE CODE-BA22

Ph.-06655/272070(O)
Cell No-9437367435(Prin)
E-mail id-psjuniorcollegemuribahal@gmail.com
SAMS CODE-05134101

Ref. No-121/PSHSS/2025 Date : 04.09.2025

**WALK-IN-INTERVIEW**

An Interview for the post of Lecturer- in- History (Guest faculty ), Lecturer- in-Commerce (Self finance), Lecturer- in- Political Science (Self finance) and a Sweeper (Self finance) is scheduled to be held in Panchayat Samiti Higher Secondary School, Muribahal on dt. 12.09.2025 at 11.00 AM To 2.00 P.M. Interested candidates for said lecturer post having at least 55% of Marks in Post Graduation level may attend the interview. Preference will be given to the B.Ed candidates.

**N.B. :** No TA, DA will be given to the applicants .

Contact No- 9437367435

Thanking You

Yours faithfully

Sd/- Principal-Cum-Secretary
P.S. Higher Secondary School, Muribahal

OFFICE OF THE NOTIFIED AREA COUNCIL, BIJEPUR
AT/PO/PS:- Bijepur, Dist.:- Bargarh (Odisha), PIN:- 768032
Phone No. 06685-274016, E_Mail ID:- bijepurnac2018-od@gov.in, bijepurndc2018@gmail.com
No.1442 / Dt. 04.09.2025

C-1009

"e"- procurement Notice

Bid Identification No.EO/Bijepur/01/2025-26

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Gov. Website i.e. www.tendersodisha.gov.in

| | | | |
|---|---|---|---|
| 1. | Nature of work | : | Civil works |
| 2. | No. of works | : | 03 Nos. |
| 3. | Estimated cost | : | As per NIT |
| 4. | Period of completion | : | As per NIT |
| 5. | Date and time of availability of the Documents in the Portal. | : | From 10 hours of 06.09.2025 to 17 hours of 15.09.2025 |
| 6. | Last date/time for receipt of Bids in the portal. | : | Dt.15.09.2025 up to 17hours. |
| 7. | Bids received online shall be opened on | : | Dt. 16.09.2025 at 11 hours |
| 8. | Name and address of the Officer inviting Bid. | : | Executive Officer, Bijepur NAC |

Further, the details can be seen from the procurement Portal www.tendersodisha.gov.in

Sd/- Executive Officer
Bijepur, NAC

OIPR : 13123/11/0014/2526



ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାକ୍ଷାତ କରୁଛନ୍ତି

# ଗୋରୁ ବୋଝେଇ ପିକ୍‌ଅପ ଭ୍ୟାନ ଜବତ : ୭ଗୋରୁ ଉଦ୍ଧାର

ଖୋର୍ଦ୍ଧା, (ସବ୍ୟୁ): ବୁଧବାର ବିଳମ୍ବିତ ରାତିରେ ନିୟାଳ ରାସ୍ତାରୁ ବଜରଙ୍ଗ ଦଳ ସଦସ୍ୟମାନେ ଏକ ଗୋରୁ ବୋଝେଇ ପିକଅପ ଭ୍ୟାନ କୁ ଅଟକାଇ ଶିଙ୍ଗାଂଚଳ ପୁଲିସ ଜିମା ଦେଇଛନ୍ତି। ଗାଡିରୁ ପୁଲିସ ୭ଗୋରୁଙ୍କୁ ଉଦ୍ଧାର କରିଥିବାବେଳେ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ନିୟାଳ ରାସ୍ତାରୁ କେରଙ୍ଗ ଅଭିମୁଖେ ଏକ ଗୋରୁ ବୋଝେଇ ପିକଅପ ଭ୍ୟାନ ଆସୁଥିବା ଖବର ପାଇ ବଜରଙ୍ଗ ଦଳ ସଦସ୍ୟ ତାକୁ ଅଟକାଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ସ ଜଣେ ଗୋସେବକଙ୍କୁ ମାରିବାକୁ ଉଦ୍ୟମ କରିଥିଲେ। ଏଥିରେ ତାଙ୍କ ଗାଡି ଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାବେଳେ ସେ ଅଳ୍ପକେ ବର୍ତି ଯାଇଥିଲେ। ମାତ୍ର ପରେ ଅନ୍ୟମାନେ ଗାଡିକୁ ଅଟକାଇ ପୁଲିସ ଜିମା ଦେଇଥିଲେ। ପୁଲିସ ଗାଡି ଭିତରୁ ୭ଗୋରୁଙ୍କୁ ଉଦ୍ଧାର କରି ଜଟଣୀ ଗୋସାଳାରେ ଛାଡିଥିବା ଜଣାଯାଇଛି। ଘଟଣାସ୍ଥଳରୁ ଗୋମାଫିଆ ମାନେ ଫେରାର ହୋଇଯାଇଥିବା ଜଣାଯାଇଛି।

# ଆପାର୍ଟମେଣ୍ଟର ୧୦ ଫ୍ଲାଟ୍‌ରୁ ଲୁଟ୍

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠ ଚନ୍ଦକା ଥାନା ଅନ୍ତର୍ଗତ କୁଜି ମହଲରେ ଥିବା ଏକ ଆପାର୍ଟମେଣ୍ଟରେ ଗୁରୁବାର ସକାଳେ ଦୁଇ ଲୁଟେରା ପଶି ୧୦ଟି ଫ୍ଲାଟ୍‌ରୁ ଲକ୍ଷଲକ୍ଷ ଟଙ୍କା ଓ ବହୁ ସୁନା ଅଳଙ୍କାର ଲୁଟି ନେଇଛନ୍ତି। ସିସି ଟିଭି ଫୁଟେଜରୁ ଜଣାପଡ଼ିଛି ଯେ ଦୁଇଜଣ ଏକ ନମ୍ବର ବିହୀନ ବାଇକ୍‌ରେ ଆପାର୍ଟମେଣ୍ଟ ନିକଟକୁ ଗୁରୁବାର ସକାଳ ସାଢ଼େ ୯ଟା ବେଳେ ଆସିଥିଲେ । ବାଇକ୍ ରଖି ବନ୍ଦ ଥିବା ଘର ପାଖକୁ ଯାଇ ତାଲା ଭାଙ୍ଗି ଭିତରକୁ ଯାଇଥିଲେ । ସେଠାରୁ ଲୁଟିବା ପରେ ଗୋଟିଏ ପରେ ଗୋଟିଏ ବନ୍ଦ ଥିବା ୧୦ଟି ଫ୍ଲାଟ୍‌ର ତାଲା ଭାଙ୍ଗି ଘରେ ପଶି ନଗଦ ଟଙ୍କା ଓ ସୁନାଗହଣା ପ୍ରଭୃତି ଲୁଟି ନେବାରେ ସମର୍ଥ ହେଲେ । ଆପାର୍ଟମେଣ୍ଟ ବାସିନ୍ଦାଙ୍କ କହିବା କଥା ଏଠାରେ ବନ୍ଦ ଥିବା ଘର ସମ୍ପର୍କରେ ଲୁଟେରା ଜାଣିଲେ କିପରି ? ସେମାନଙ୍କ ସହ ଏଠାରେ କାର୍ଯ୍ୟରତ ସୁରକ୍ଷାକର୍ମୀଙ୍କ ସମ୍ପର୍କ ରହିଛି । ବନ୍ଦ ଘର ସମ୍ପର୍କରେ ଲୁଟେରାଙ୍କୁ ଏମାନେ ଖବର ଦେବାପରେ ସେ ଦୁହେଁ ଆସି ଲୁଟ୍‌ପାଟ କରି ଖସିଗଲେ ।

ଖବର ପାଇ ଚନ୍ଦକା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସାଇଣ୍ଟିଫିକ୍ ଟିମ୍ ଲୁଟ୍‌ପାଟ ହୋଇଥିବା ଘରୁ ସାମ୍ପଲ ପ୍ରଭୃତି ସଂଗ୍ରହ କରିଛି । ଆଗକୁ ପୂଜା ଥିବାରୁ ଲୁଟେରାମାନେ ଲୁଟ୍‌ପାଟ କରିବା ଆରମ୍ଭ କଲେଣି । ବୁଧବାର ରାତିରେ ଭରତପୁର ଥାନା ଅଞ୍ଚଳରେ ଖଣ୍ଡା ପ୍ରଭୃତି ଧରି ଯୁବକମାନେ ରାସ୍ତାରେ ବୁଲିବା ସହ ଲୁଟ୍‌ପାଟ୍ ପାଇଁ ଯୋଜନା କରୁଥିଲେ । ପୋଲିସ ଖବର ପାଇ ପହଞ୍ଚିବା ବେଳକୁ ସେମାନେ ଖସିଯାଇଥିଲେ । ଗତ କିଛିଦିନ ହେବ ଆପାର୍ଟମେଣ୍ଟ ଲୁଟ୍ ବନ୍ଦ ରହିଥିବାବେଳେ ଚନ୍ଦକା ଆପାର୍ଟମେଣ୍ଟରୁ ଘଣ୍ଟାକ ମଧ୍ୟରେ ୧୦ଟି ଫ୍ଲାଟ୍ ଲୁଟିବାରେ ଦୁଇ ଲୁଟେରା ସମର୍ଥ ହେଲେ । ରାତିରେ ଲୁଟ୍ ହେବା ସମସ୍ତେ ଜାଣିଥିଲେ । ହେଲେ ସକାଳେ ଲୁଟେରା ଆପାର୍ଟମେଣ୍ଟର ୧୦ଟି ଫ୍ଲାଟ୍‌ରେ କଳାକନା ବୁଲାଇ ଦେଲେ । ଏହା ଚନ୍ଦକା ଥାନା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି ।

## କଟକ ବାଲିଯାତ୍ରା ସ୍ମରଣିକା କମିଟି ବୈଠକ

# ପ୍ରାଚୀନ ଉତ୍କଳର କଳା, ସଂସ୍କୃତି ଓ ଗୌରବର ଗାଥା ସ୍ଥାନ ପାଇବ

କଟକ, (ସ୍ୱପ୍ର) : ଚଳିତବର୍ଷର ଐତିହାସିକ କଟକ ବାଲିଯାତ୍ରା ଉତ୍ସବ ନଭେମ୍ବର ୫ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଏ ଅବସରରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଉତ୍କଳୀୟ କଳା, ସଂସ୍କୃତି, ସାହିତ୍ୟ, ନୌବାଣିଜ୍ୟ ପରମ୍ପରା, ବାଲିଯାତ୍ରାର ଐତିହାସିକ ପଟ୍ଟଭୂମି ଓ ଅବିଭକ୍ତ କଟକର ଗୌରବର ଗାଥା ସମ୍ବଳିତ ଗବେଷଣାତ୍ମକ ପ୍ରବନ୍ଧକୁ ନେଇ ଏକ ବର୍ଣ୍ଣିଳ ସ୍ମରଣିକା ପ୍ରକାଶିତ ହେବ । ଏଥିପାଇଁ ବାଲିଯାତ୍ରା ସ୍ମରଣିକା ସଂପାଦନାମଣ୍ଡଳୀର ସଦସ୍ୟମାନଙ୍କୁ ନେଇ ସ୍ମରଣିକା କମିଟିର ଉପାଧକ୍ଷ ତଥା କଟକର ଅତିରିକ୍ତ ଜିଲ୍ଲାପାଳ ଶିବ ଟପ୍ପୋଙ୍କ ଅଧ୍ୟକ୍ଷତାରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ସଂପାଦନାମଣ୍ଡଳୀର ସଦସ୍ୟ ପ୍ରଫେସର ସହଦେବ ସାହୁ, ପ୍ରଫେସର ବିଜୟାନନ୍ଦ ସିଂହ, ଡକଟର ସୁନାମଣି ରାଉତ, ବିଶ୍ୱେଶ୍ୱର ମହାନ୍ତି, ଶୁଭେନ୍ଦୁ କୁମାର ଭୂୟାଁ, ଡ. ଦ୍ୱୀପାୟନ ପଟ୍ଟନାୟକ, ଆବାହକ ତଥା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ସ୍ୱାଗତିକା ବେହେରା, ଅଭିରାମ ଦାସ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ଲେଖକ ଲେଖିକାମାନେ ଚଳିତ ସେପେଟମ୍ବର ୨୦ ତାରିଖ ସୁଦ୍ଧା ଲେଖାଗୁଡ଼ିକ ଜିଲ୍ଲା ସଂସ୍କୃତି ଅଧିକାରୀ, କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କିମ୍ବା ଇମେଲ୍: doc.ctc@gov.in ଠିକଣାରେ ପଠାଇବାକୁ ଅନୁରୋଧ କରାଯାଇଛି ।



# ୨୦ ଲକ୍ଷର ବ୍ରାଉନସୁଗର ଜବତ: ୨ଗିରଫ

କଟକ,(ସବ୍ୟୁ): ୨ ଜଣ ପେସାଦାର ନିଶା ବେପାରୀଙ୍କୁ ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ଗିରଫ କରିଛି । ଅଭିଯୁକ୍ତ ଦ୍ୱୟ ହେଲେ ଯାଜପୁର ଜିଲ୍ଲା ବୈରୀ ଥାନା ଗୋପପୁରର ରଞ୍ଜନ ମଲ୍ଲିକ(୩୦) ଓ ଅମରାବତୀର ବଳରାମ ଖଣ୍ଡୁଆଳ(୨୨) । ଏମାନଙ୍କ ପାଖରୁ ୧୯୪ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି । ଆଜି ମଧ୍ୟାହ୍ନରେ ସୂଚନା ମିଳିଲାକି, ୧୬ ନଂ ଜାତୀୟ ରାଜପଥ ଦେଇ ବଡ ଧରଣର ନିଶା କାରବାର ହେଉଛି । ତଦନୁଯାୟୀ, ଅବକାରୀ କମିଶନର ପି. ଅନଭେଷା ରେଡ୍ଡିଙ୍କ ନିର୍ଦ୍ଦେଶକ୍ରମେ ଅଧିକ୍ଷକ ତେଜରାଜ ଜାନୀଙ୍କ ତତ୍ତ୍ୱାବଧାନରେ ଫ୍ଲାଇଂ ସ୍କ୍ୱାଡ ଟାଙ୍ଗୀ ଟୋଲ ଗେଟ ନିକଟରେ ଡେରା ପକାଇଥିଲା । ଏହି ସମୟରେ ଏକ ବାଇକରେ ଆସୁଥିବା ଦୁଇ ଜଣ ଯୁବକ ଯାଞ୍ଚପ୍ରକ୍ରିୟା ଦେଖି ଗାଡି ବୁଲାଇ ଖସିଯିବାକୁ ଉଦ୍ୟମ କରିଥିଲେ । ମାତ୍ର ସେମାନଙ୍କୁ କାବୁ କରାଯାଇଥିଲା । ତଲାସି ନେବାରୁ ଜଣଙ୍କ ମନିପର୍ସରୁ ୧୯୪ ଗ୍ରାମର ବ୍ରାଉନସୁଗର ମିଳିଥିଲା । ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୨୦ ଲକ୍ଷ ଟଙ୍କା ହେବ । ଅଭିଯୁକ୍ତ ଦ୍ୱୟ ନିଶାଦ୍ରବ୍ୟ ନେଇ କଟକ ଅଭିମୁଖେ ଆସୁଥିଲେ । ପୂର୍ବରୁ ମଧ୍ୟ ସେମାନେ ବାଲେଶ୍ୱର ଜଳେଶ୍ୱର ଅଞ୍ଚଳରୁ ନିଶାଦ୍ରବ୍ୟ ଆଣି କଟକ, ଭୁବନେଶ୍ୱର ଆଦି ଅଞ୍ଚଳରୁ ଚାଲାଣ କରୁଥିବା ଜଣାପଡିଛି । ଏହି ଘଟଣାରେ ନିଶାଦ୍ରବ୍ୟ, ବାଇକ, ମୋବାଇଲ ଜବତ ସହ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

## ଗ୍ରାମ ପରିବର୍ତ୍ତନ ପ୍ରକଳ୍ପ ଅଧୀନରେ

# କଟକରେ ପନିପରିବା ଚାଷକୁ ପ୍ରୋତ୍ସାହିତ କରୁଛି ଡାଲମିଆ ଭାରତ ଫାଉଣ୍ଡେସନ

ଭୁବନେଶ୍ୱର (ସବ୍ୟୁ): ଗ୍ରାମାଞ୍ଚଳ ସମୃଦ୍ଧି ଏବଂ ଦୀର୍ଘସ୍ଥାୟୀ କୃଷି ପ୍ରତି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରି ଡାଲମିଆ ଭାରତ ଲିମିଟେଡର କର୍ପୋରେଟ ସାମାଜିକ ଦାୟିତ୍ୱ ନିର୍ବାହ (ସିଏସ୍‌ଆର) ଶାଖା ଡାଲମିଆ ଭାରତ ଫାଉଣ୍ଡେସନ (ଡିବିଏଫ) ଏହାର ଅଗ୍ରଣୀ ଗ୍ରାମ ପରିବର୍ତ୍ତନ ପ୍ରକଳ୍ପ ଅଧୀନରେ କଟକରେ ୨୫ ସେଣ୍ଟ (ଏକରର ଏକ ଚତୁର୍ଥାଂଶ) ଜମିରେ ପନିପରିବା ଚାଷକୁ ପ୍ରୋତ୍ସାହିତ କରିଛି। ଏହି ସଘନ ଚାଷ ପଦ୍ଧତି କୃଷକଙ୍କୁ ଛୋଟ ଛୋଟ ଜମିରେ ସଫଳ ଜଳ ପରିଚାଳନା ଏବଂ ପରକୁ ପର ଚାରା ରୋପଣ ଏବଂ ତଦ୍ଦ୍ୱାରା ସର୍ବାଧିକ ଅମଳ ଏବଂ ପରିବାରର ଆୟରେ ବୃଦ୍ଧି ଘଟାଇବାରେ ସମର୍ଥ କରାଉଛି। ଏହି ପ୍ରୟାସର ଅଂଶସ୍ୱରୂପ ଡିବିଏଫ କୃଷକମାନଙ୍କର ଏକ ଗୋଷ୍ଠୀକୁ ୧ ଏଚ୍‌ପି ବିଦ୍ୟୁତ୍‌ଚାଳିତ ମୋଟର ପମ୍ପ ବଣ୍ଟନ କରିବା ସହିତ ଫସଲ ଉତ୍ପାଦକତାରେ ଉନ୍ନତି ଆଣିବା ନିମନ୍ତେ ଭରସାଯୋଗ୍ୟ ଜଳସେଚନଗତ ସମର୍ଥନ ଯୋଗାଇ ଦେଉଛି। ଏହି ପଦକ୍ଷେପ ସହିତ ଡିବିଏଫ୍‌ର ଅନନ୍ୟ ୫୦/୫୦ ଅବଦାନ ଢାଞ୍ଚା ମଧ୍ୟ ରହିଛି,



ଯେଉଁଠାରେ ଖର୍ଚ୍ଚ ଫାଉଣ୍ଡେସନ ଏବଂ କୃଷକଙ୍କ ମଧ୍ୟରେ ସମାନ ଭାବରେ ବହନ କରାଯାଉଛି ଏବଂ ଏହାଦ୍ୱାରା ଉଭୟ ସୁଲଭତା ଏବଂ ସହଭାଗୀ ଦାୟିତ୍ୱବୋଧ ସୁନିଶ୍ଚିତ କରାଯାଉଛି। ଏହି ଆବଣ୍ଟନ ସହିତ ଡିବିଏଫ ଏପର୍ଯ୍ୟନ୍ତ କଟକରେ ୪୭୦ ଜଣ କୃଷକଙ୍କୁ ମୋଟର ପମ୍ପ ଯୋଗାଇଛି, ଯାହା ଦୀର୍ଘସ୍ଥାୟୀ କୃଷି ନିମନ୍ତେ ଉଲ୍ଲେଖନୀୟ ଅବଦାନ ରଖିବା ସହିତ ସେମାନଙ୍କର ଆୟରେ ବୃଦ୍ଧି ଘଟାଉଛି ଏବଂ ଉକ୍ତ ଅଞ୍ଚଳରେ ପୋଷଣଗତ ନିରାପତ୍ତା ପ୍ରଦାନ କରୁଛି। ଏହି ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପଙ୍କଜ ଗୁପ୍ତା, ୟୁନିଟ ହେଡ୍ କେସିଡବ୍ଲ୍ୟୁ ଏବଂ ସୁଧୀର ରଞ୍ଜନ ମହାନ୍ତି, ଏଚଆର ହେଡ କେସିଡବ୍ଲ୍ୟୁ ଉପସ୍ଥିତ ରହି କୃଷକମାନଙ୍କୁ ଦୀର୍ଘାବଧି ସମୃଦ୍ଧି ନିମନ୍ତେ ଉନ୍ନତ କାର୍ଯ୍ୟାଭ୍ୟାସ ଆପଣେଇବାକୁ ଉତ୍ସାହିତ କରିଥିଲେ। ଏହି ପ୍ରୟାସ ସମ୍ପର୍କରେ ପ୍ରକାଶ କରି ପଙ୍କଜ ଗୁପ୍ତା, ୟୁନିଟ ହେଡ୍ କପିଳାସ ସିମେଣ୍ଟକ୍ଷଗ୍ସ୍; ୱର୍କସ୍ କହିଥିଲେ, "କୃଷକମାନେ ହେଉଛନ୍ତି ଆମ ରାଷ୍ଟ୍ରର ମେରୁଦଣ୍ଡ, ଯେଉଁମାନେ ମୃତ୍ତିକାରେ ଜୀବନ ବୁଣୁଛନ୍ତି ଏବଂ ଆଗାମୀ ପିଢିଗୁଡିକ ନିମନ୍ତେ ଅଭିବୃଦ୍ଧି ପରିପୋଷଣ କରୁଛନ୍ତି। ଗ୍ରାମ ପରିବର୍ତ୍ତନ ପ୍ରକଳ୍ପ ଜରିଆରେ ଆମେ ସେମାନଙ୍କୁ ସମ୍ବଳ ଏବଂ ସୁଯୋଗ ସହିତ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ ଯାହା ମଜଭୁତପଣ ନିର୍ମାଣ କରିବା ସହିତ ଦୀର୍ଘସ୍ଥାୟୀ ସମୃଦ୍ଧି ସୁନିଶ୍ଚିତ କରୁଛି। ଓଡ଼ିଶାରେ ହଜାର ହଜାର ପରିବାର ଏହି କାର୍ଯ୍ୟକ୍ରମରୁ ଉପକୃତ ହୋଇସାରିଛନ୍ତି ଏବଂ ସେମାନଙ୍କର କୃଷିକାର୍ଯ୍ୟ ତଥା ଜୀବନର ମାନରେ ରୂପାନ୍ତରଣକାରୀ ପରିବର୍ତ୍ତନ ଲକ୍ଷ୍ୟ କରୁଛନ୍ତି। ଏହି ପ୍ରୟାସଗୁଡିକ ଜରିଆରେ ଡିବିଏଫ୍ ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନ ସୃଷ୍ଟି ଏବଂ ଭାରତର ଗ୍ରାମାଞ୍ଚଳକୁ ସଶକ୍ତ କରିବାର ଦୂରଦୃଷ୍ଟିକୁ ବହୁମୁଖୀ ବିକାଶମୂଳକ କାର୍ଯ୍ୟକ୍ରମ ଜରିଆରେ ପୁନଃସୁଦୃଢ କରୁଛି।

## ୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣିସ୍ଥଗିତ ରହିବ

ଭୁବନେଶ୍ୱର, (ସବ୍ୟୁ) : ଆସନ୍ତା ୮ ତାରିଖ ସୋମବାର, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହେବାକୁଥିବା ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି ଅନିବାର୍ଯ୍ୟକାରଣ ବଶତଃ ସ୍ଥଗିତ ରହିବ। ୟୁନିଟ-୨, ଅଶୋକନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ କରିଥିବା ଜନସାଧାରଣଙ୍କ ଆପତ୍ତି ଅଭିଯୋଗ, ପରବର୍ତ୍ତୀ ଜନଶୁଣାଣି ଶିବିରରେ ଗ୍ରହଣକରାଯିବ। ପରବର୍ତ୍ତୀ ଜନଶୁଣାଣିର ସମୟ ଓ ତାରିଖ ଜନସାଧାରଣଙ୍କ ଅବଗତି ନିମନ୍ତେ ବିଭିନ୍ନ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ।

## ବେଦାନ୍ତ ଆଲୁମିନିୟମର ଭେଦକ୍ଷତା ତାଲିମ କେନ୍ଦ୍ର

# ଗ୍ରାମୀଣ ଯୁବପିଢ଼ିଙ୍କୁ ସ୍ୱାବଲମ୍ବୀ କରୁଛି

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ସୁନ୍ଦରଗଡ଼ ଜିଲ୍ଲାର ବିଲେଇମୁଣ୍ଡା ଗ୍ରାମରେ ଏହାର ପ୍ରମୁଖ ଭେଦକ୍ଷତା ତାଲିମ କେନ୍ଦ୍ର ମାଧ୍ୟମରେ ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନକୁ ଆଗେଇ ନେଉଛି। ଆଜି ପର୍ଯ୍ୟନ୍ତ, ଏହି କାର୍ଯ୍ୟକ୍ରମ ଅଧୀନରେ ତାଲିମପ୍ରାପ୍ତ ୮୭ ଜଣ ଯୁବପିଢ଼ି ଭାରତର ବିଭିନ୍ନ ପ୍ରତିଷ୍ଠିତ ସଂଗଠନରେ ନିଯୁକ୍ତି ପାଇଛନ୍ତି, ଯାହା ସ୍ଥାନୀୟ ଯୁବକମାନଙ୍କୁ ଶିଳ୍ପ ଜନିତ ଦକ୍ଷତା ସହିତ ସ୍ଥାୟୀ ଜୀବିକା ସୃଷ୍ଟି କରିବା ପାଇଁ ବେଦାନ୍ତର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଛି।



ଡିସେମ୍ବର ୨୦୨୪ରେ ଆରମ୍ଭ ହୋଇଥିବା ଭେଦକ୍ଷତା ଅଭିଯାନ ସ୍କୁଲନେଟ୍ ଇଣ୍ଡିଆ ଲିମିଟେଡ୍, ଜାତୀୟ ଦକ୍ଷତା ବିକାଶ ନିଗମ ଏବଂ ଲର୍ଣ୍ଣନେଟ୍ ସ୍କିଲ୍ସ ଲିମିଟେଡର ମିଳିତ ଉଦ୍ୟମରେ କାର୍ଯ୍ୟକାରୀ ହୋଇଛି। ଏହି କେନ୍ଦ୍ର ୩ଟି ବୃତ୍ତି ନିମନ୍ତେ ମାଗଣା ତାଲିମ ପ୍ରଦାନ କରେ। ଯଥା, ସିଲାଇ ମେସିନ୍ ପରିଚାଳନା, ବୈଦ୍ୟୁତିକ ରକ୍ଷଣାବେକ୍ଷଣ, ଖାଦ୍ୟ ଏବଂ ପାନୀୟ ସେବା। ଆଗାମୀ ୩ ବର୍ଷ ମଧ୍ୟରେ, ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଘୋଘରପାଲି, ଜାମଖାନି ଏବଂ କୁରାଲୋଇରେ ଏହାର କୋଇଲା ଖଣି ପ୍ରକଳ୍ପ ପାଖରେ ଥିବା ସମ୍ପ୍ରଦାୟର ୭୦୦ରୁ ଅଧିକ ଗ୍ରାମୀଣ ଯୁବପିଢ଼ିଙ୍କୁ ତାଲିମ ଦେବାକୁ ଲକ୍ଷ୍ୟ ରଖିଛି। ଏପର୍ଯ୍ୟନ୍ତ, ୩୬ଜଣ ସହାୟକ ବିଦ୍ୟୁତ କର୍ମଚାରୀ, ୩୧ଜଣ ସିଲେଇ ମେସିନ୍ ଅପରେଟର ଏବଂ ୨୦ଜଣ ଖାଦ୍ୟ ଏବଂ ପାନୀୟ ସେବା ପରିଚାଳକଙ୍କୁ ବିଭିନ୍ନ କ୍ଷେତ୍ରରେ ସଫଳତାର ସହ ନିଯୁକ୍ତି ଦିଆଯାଇଛି। ଗ୍ରାମୀଣ ଯୁବକମାନଙ୍କୁ ଏକ ସ୍ଥାୟୀ ଜୀବିକା ନିର୍ବାହ କରିବାରେ ସାହାଯ୍ୟ କରିଛି।

ଏହି ପ୍ରୟାସ ବିଷୟରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଯୁବପିଢିଙ୍କ ବ୍ୟବସାୟିକ କୌଶଳ ବିକାଶ ମାଧ୍ୟମରେ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଆମ ସମ୍ପ୍ରଦାୟର ସମ୍ଭାବନାକୁ ଉନ୍ମୋଚନ କରିବା ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିକୁ ଆଗେଇ ନେବାର ପ୍ରମୁଖ କାରଣ। ଭେଦକ୍ଷତା ମାଧ୍ୟମରେ, ଆମେ ଗ୍ରାମୀଣ ଓଡ଼ିଶାର ଯୁବକମାନଙ୍କୁ ବ୍ୟବହାରିକ ଦକ୍ଷତା ସହିତ ସଜ୍ଜିତ କରୁଛୁ ଏବଂ ସେମାନଙ୍କୁ ଅର୍ଥପୂର୍ଣ୍ଣ ନିଯୁକ୍ତି ସୁଯୋଗ ସହିତ ସଂଯୋଗ କରୁଛୁ। ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଭିତ୍ତିଭୂମି ଏବଂ ତୃଣମୂଳ ସ୍ତରୀୟ କ୍ରୀଡା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରି ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ସମର୍ପିତ ରହିଛି।

# ସିପେଟ ଏବଂ ଓଏସ୍ ବିସିଏଲ୍ ଦ୍ୱାରା ୧୫ ଯୁବକ ଯୁବତୀଙ୍କୁ ରୋଜଗାର ପ୍ରଦାନ

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ସ୍ତିତ ସିପେଟ୍ ସିଏସ୍ ଟିଏସ୍ ର ୧୫ ଜଣ ଛାତ୍ର ଛାତ୍ରୀଙ୍କୁ ଭାରତର ଅଗ୍ରଣୀ ଉଦୌଗରେ ବିଭିନ୍ନ କ୍ଷେତ୍ର ନିଯୁକ୍ତି ପ୍ରଦାନ କରାଯାଇଛି। ସୁଚନାଯୋଗ୍ୟ ଯେ ପ୍ରଯୁକ୍ତି ଭିତ୍ତିକ ନିର୍ଭରଯୋଗ୍ୟ ତଥା ଉନ୍ନତମାନର ଜୀବନ ଶୈଳିର ଅଭିବୃଦ୍ଧୀ ପାଇଁ, ଓଡିଶା ଷ୍ଟେଟ୍ ବିଭରେଜେସ୍ କର୍ପୋରେସନ ଲିମେଟଡ୍ (ଓଏସ୍ ବିସିଏଲ) ଭୁବନେଶ୍ୱର, ଓଡିଶାର ୧୫ ଯୁବକ ଯୁବତୀଙ୍କୁ ରୋଜଗାରକ୍ଷମ କରାଇବା ପାଇଁ ଭାରତ ସରକାରଂକ ଅଧୀନରେ ଥିବା ସିପେଟ ଅନୁଷ୍ଠାନ ସହ ଏମ୍ ଓ ୟୁ କରିଥିଲା। ଓଏସ୍ ବିସିଏଲ୍ ଦ୍ୱାରା ପ୍ରୟୋଜିତ ଏହି ପ୍ରକଳ୍ପ ଆଧୀନରେ ୧୫ ଜଣ ଛାତ୍ର ଛାତ୍ରୀମାନଙ୍କୁ ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ ତାଲିମ ସିପେଟରେ ଦିଆଯାଇଥିବା ବେଳେ ଏହାର ସଫଳ ପରିସମାପ୍ତି ଅବସରରେ ନିଯୁକ୍ତିର ବ୍ୟବସ୍ଥା ମଧ୍ୟ କରାଯାଇଛି। ଅଦ୍ୟାବଧୀ ଓଏସ୍ ବିସିଏଲ୍ ଦ୍ୱାରା ସିପେଟରେ ୮୫ ଜଣ ବେରୋଜଗାର ଯୁବକଯବତୀମାନଙ୍କୁ ପାଖାପାଖି ୦୬ ଗୋଟି ବ୍ୟାଚରେ ତାଲିମ ଦିଆଯାଇ ଆତ୍ମନିର୍ଭର କରାଯାଇଛି । ଏବେ ଏହି ବ୍ୟାଚ୍ ଶେସ ହେବା ସଂଗେ ଛାତ୍ର ଛାତ୍ରୀଙ୍କୁ ପୁନେ ସ୍ଥିତ ଟାଟା ଅଟୋ କୋମ୍ପ କଂମ୍ପାନୀରେ ନିଯୁକ୍ତିର ବ୍ୟବସ୍ଥା କରାଯାଇଛି। ସିପେଟର ଡାଇରେକ୍ଟର ବି.ପି.ପାତ୍ରଂକ ତତ୍ତ୍ୱାବୋଧନରେ ଅନୁଷ୍ଠିତ ହୋଇଥିବା ଏହି ତାଲିମ କାର୍ଯ୍ୟକ୍ରମର ଉଜ୍ଜପନୀ ସମାରୋହ ସିପେଟରେ ଅନୁଷ୍ଠିତ ହୋଇଥିବା ବେଳେ ଓଏସ୍ ବିସିଏଲ୍ ର ମ୍ୟାନେଜିଂଗ ଡାଇରେକ୍ଟର ଦେବେନ୍





କୁମାର ପ୍ରଧାନ( ଆଇଏସ୍) ମୁଖ୍ୟ ଅତିଥୀ ରୁପେ ଯୋଗ ଦେବା ସହ, ଓଏସ୍ ବିସିଏଲ୍ ର ଚିଫ୍ ଜେନେରାଲ ମ୍ୟାନେଜର ଫାଇନାନ୍ସ ଶ୍ରୀମତୀ ଭାନୁପ୍ରୀୟା ସବର (ଓଏଫ୍ ଏସ୍) ମଧ୍ୟ ଉପସ୍ତିତ ଥିଲେ। ଦକ୍ଷତା ବିକାଶକୁ ପ୍ରାଧାନ୍ୟ ଦେଇ ଯୁବକ ଯୁବତୀମାନଂକୁ ଆତ୍ମନିର୍ଭର କରେଇ ପାରିଥିବାରୁ ଦେବେନ୍ କୁମାର ପ୍ରଧାନ(ଆଇଏସ୍) ସିପେଟକୁ ଧନ୍ୟବାଦ ଅର୍ପଣ। ସିପେଟର ଡାଇରେକ୍ଟର ବି.ପି. ପାତ୍ର ଛାତ୍ର ଛାତ୍ରୀମନଂକୁ ସ୍କିଲ୍ ଦ୍ୱାରା ଆଜୀବିକାକୁ କିପରି ସୁଦୃଢ଼ କରାଯାଇପାରିବ ସେ ଦିଗରେ ଆଲୋକପାତ କରିଥିଲେ। ସେହିପରି ସିପେଟ ଶାଖାର ପ୍ରଶାସନିକ ଅଧିକାରୀ ଜୟନ୍ତ କୁମାର ଦାସ ସଭା କାର୍ଯ୍ୟ ତୁଲାଇଥିବା ବେଳେ ନିଯୁକ୍ତି ପ୍ରାପ୍ତ ଛାତ୍ର ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ମଧ୍ୟ କାମନା କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଛାତ୍ର ଛାତ୍ରୀମନଂକୁ ମାନପତ୍ର ସହ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା।

## ଏନ୍‌ଆଇଆର୍‌ଏଫ୍ ର୍‍ୟାଙ୍କିଙ୍ଗ୍‌ସ ୨୦୨୫

# ଶିକ୍ଷା ଓ ଅନୁସନ୍ଧାନ ଦେଶର ୧୫ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟ ଦେଶର ୧୫ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭାବେ ମନୋନୀତ ହୋଇଛି। ଗୁରୁବାର କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସ୍ନାଲ ର୍‌ୟାଙ୍କିଙ୍ଗ ଫ୍ରେମ୍‌ୱାର୍କ (ଏନ୍‌ଆଇଆର୍‌ଏଫ୍) ର୍‍ୟାଙ୍କିଙ୍ଗସ୍‌ର ଦଶମ ସଂସ୍କରଣରେ ଦେଶର ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ସୋଆ ୧୫ ତମ ସ୍ଥାନ ହାସଲ କରିଛି। ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୨୦୨୫ ବର୍ଷ ନିମନ୍ତେ ଏନ୍‌ଆଇଆର୍‌ଏଫ୍ ର୍‍ୟାଙ୍କିଙ୍ଗସ୍ ଘୋଷଣା କରିଥିଲେ। ସେହିପରି ସାମଗ୍ରିକ ଶିକ୍ଷାନୁଷ୍ଠାନ ତାଲିକାରେ ସୋଆ ୨୫ ତମ ବିଶ୍ୱବିଦ୍ୟାଳୟ ଭାବେ ସ୍ଥାନୀତ ହୋଇଛି । ୨୦୧୬ ମସିହାରୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ୧୦ ବର୍ଷ ଧରି ପ୍ରକାଶିତ ହେଉଥିବା ଏନ୍‌ଆଇଆର୍‌ଏଫ୍ ର୍‍ୟାଙ୍କିଙ୍ଗସ୍‌ରେ ଦେଶର ଶ୍ରେଷ୍ଠ ୨୫ଟି ଚଳିତବର୍ଷ ମେଡିକାଲ୍ ସାଇନ୍‌ସେସ୍ କ୍ଷେତ୍ରରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ୧୫ ତମ ସ୍ଥାନ ହାସଲ କରିଛି। ଗତ ବର୍ଷ ଏହା ୨୧ ତମ ସ୍ଥାନରେ ରହିଥିବା ବେଳେ ଚଳିତ ଥର ୬ଟି ସ୍ଥାନ ଉପରକୁ ଉଠିଛି ଏହି ଡାକ୍ତରୀ ଶିକ୍ଷାନୁଷ୍ଠାନ। ସେହିପରି ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନ୍‌ସେସ୍ ୯ମ ସ୍ଥାନ ବଜାୟ ରଖିଛି। ଏହି ଡିମ୍ଡ ବିଶ୍ୱବିଦ୍ୟାଳୟ ଇଞ୍ଜିନିୟରିଂ କ୍ୟାଟେଗୋରିରେ ଗତ ବର୍ଷ ୨୬ ତମ ର୍‍ୟାଙ୍କ ହାସଲ କରିଥିବା ବେଳେ ଚଳିତ ବର୍ଷ ଏଥିରେ ଉନ୍ନତି ଘଟି ୨୨ ତମ ସ୍ଥାନରେ ପହଂଚିଛି। ସେହିପରି ଲ' କ୍ୟାଟେଗୋରିରେ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ ସାରା ଦେଶରେ ଶ୍ରେଷ୍ଠ ଦଶମ ଆଇନ୍ କଲେଜର ମାନ୍ୟତା ପାଇଛି । ଗବେଷଣା କ୍ଷେତ୍ରରେ ଗତବର୍ଷ ଠାରୁ ଗୋଟିଏ ସ୍ଥାନ ଉପରକୁ ଉଠି ୪୯ ତମ ସ୍ଥାନ ହାସଲ କରିଛି ସୋଆ।

## ମୋଷ୍ଟ ୱାଣ୍ଟେଡ୍ ଟାର୍ଗେଟ୍‌ରେ ଆସାମ ପୋଲିସ ଭୁବନେଶ୍ୱରରେ

# ୫ଘଣ୍ଟା ଅପେକ୍ଷା ପରେ କବାଟ ଭାଙ୍ଗି ଭିତରକୁ ଗଲା ପୋଲିସ

ଭୁବନେଶ୍ୱର, (ସବ୍ୟୁ) : ମୋଷ୍ଟ ୱାଣ୍ଟେଡ୍ ସମୀର ପଟ୍ଟନାୟକ ଗିରଫ ଟାର୍ଗେଟ୍‌ରେ ଆସାମ ପୋଲିସ ଭୁବନେଶ୍ୱରରେ ପହଞ୍ଚିଛି । ସେ ଯେଉଁ ଆପାର୍ଟମେଣ୍ଟ ଘରେ ଥିବା ଆସାମ ପୋଲିସ ଚିହ୍ନଟ କରିଥିଲା, ସେଠାକୁ ଯାଇ ପହଞ୍ଚିବା ପରେ ଘର କବାଟ ଖୋଲି ନଥିଲେ ଅନ୍ତେବାସୀ । ୫ ଘଣ୍ଟା ଅପେକ୍ଷା କରିବା ପରେ ଆସାମ ଓ ଇନ୍ଫୋସିଟି ଥାନା ପୋଲିସ କବାଟ ତାଡ଼ି ଭିତରକୁ ଯାଇ ବିଫଳ ହୋଇଛନ୍ତି । ସମୀର ପଟ୍ଟନାୟକଙ୍କ ନାଁରେ ଆସାମ ପୋଲିସରେ ବହୁ ମାମଲା ଥିବାବେଳେ କୋଟିଏ ଟଙ୍କା ଠକେଇର ଏକ ୱାଣ୍ଟେଡ୍ ଧରି ତଦନ୍ତକାରୀ ଟିମ୍ ଇନ୍ଫୋସିଟି ଥାନା ଅଞ୍ଚଳରେ ପହଞ୍ଚିଥିଲା । ଗୁରୁବାର ପୂର୍ବାହ୍ନରେ ପହଞ୍ଚି ଇନ୍ଫୋସିଟି ଥାନା ପୋଲିସ ସହାୟତାରେ ସେମାନେ ଚିହ୍ନଟ କରିଥିବା ଆପାର୍ଟମେଣ୍ଟ ଘର ନିକଟକୁ ଯାଇଥିଲେ । କଲିଂବେଲ୍ ବଜାଇବା ସହ କବାଟ ବାଡ଼େଇ ଥିଲେ ମଧ୍ୟ ଭିତରେ ଥିବା ଅନ୍ତେବାସୀ କବାଟ ଖୋଲି ନଥିଲେ । ୫ ଘଣ୍ଟା ଅପେକ୍ଷା କରିବା ପରେ ଅଧୈର୍ଯ୍ୟ ହୋଇ ପୋଲିସ କବାଟ ତାଡ଼ି ଭିତରକୁ ଯାଇଥିଲେ ।

ଭିତରକୁ ଯିବାପରେ ଘରେ ଜଣେ ମହିଳା ଥିଲେ । ତାଙ୍କୁ ସମୀରଙ୍କ ସମ୍ପର୍କରେ ପଚାରିବାରୁ ସେ କିଛି ଜାଣି ନଥିବା କହିଥିଲେ । ଆସାମ ପୋଲିସ ଘର ଭିତରର ବିଭିନ୍ନ ସ୍ଥାନ ଖୋଜଖବର କରିଥିଲେ । ଏହି ସମୟରେ ସମ୍ପୃକ୍ତା ମହିଳା ସେମାନଙ୍କ ଭିଡିଓ ଉତ୍ତୋଳନ କରିଥିଲେ । ଖୋଜଖବର ସମୟରେ ସେହି ଘରୁ କେତେକ କାଗଜପତ୍ର ଆସାମ ପୋଲିସ ଜବତ କରିନେଇଛି । ଯେଉଁ ଘରକୁ ଆସାମ ପୋଲିସ ଚିହ୍ନଟ କରିଥିଲା ତାହା ସମୀରଙ୍କ ଘର ବୋଲି କୁହାଯାଉଛି । ଘର ଭିତରେ ଥିବା ମହିଳାଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ଘଟଣା ସମ୍ପର୍କରେ ପଚାରିବାରୁ ସମୀରଙ୍କ ସମ୍ପର୍କରେ ଓ ପୋଲିସ କାହିଁକି ଆସିଛି ସେ କିଛି କହି ନଥିଲେ । କବାଟ କାହିଁକି ଏତେ ସମୟ ପର୍ଯ୍ୟନ୍ତ ଖୋଲିଲେ ନାହିଁ ବୋଲି ଗଣମାଧ୍ୟମ ପ୍ରତିନିଧି ପଚାରିବାରୁ ସେ କହିଥିଲେ ଯେ ମୋ ପୁଅ ଜଣେ ଆଇନଜୀବୀ । ସେ ମୋତେ ମନା କରିବାରୁ ମୁଁ କବାଟ ଖୋଲିଲି ନାହିଁ । କାରଣ ପୁଅ କହିଲା ଯେ ମା ତୁମେ ଏକୁଟିଆ ଅଛ, ଯିଏ ବାହାରୁ ଡାକୁଛି ତାକୁ କବାଟ ଖୋଲ ନାହିଁ । ପୁଅ କଥା ମାନି ମୁଁ କବାଟ ନଖୋଲିବାରୁ ପୋଲିସ କବାଟ ଭାଙ୍ଗି ଭିତରକୁ ଆସିଲା, ଯାହା ଯଥାର୍ଥ ନୁହେଁ । ଆସାମ ପୋଲିସ ସମୀର ପଟ୍ଟନାୟକଙ୍କୁ ସେହି ଘରୁ ନପାଇ ନିରାଶ ହୋଇଛି । ସମୀର ସେଠାରେ ଥିଲେ ବୋଲି ପୋଲିସ କହୁଥିବାବେଳେ କୁଆଡ଼େ ଗଲେ ଓ କେଉଁଠି ରହିଲେ ତାହା ପୋଲିସ ଜାଣି ନପାରି ନିରାଶ ହୋଇଛି ।

# ପ.ବଙ୍ଗ ବିଧାନସଭାରେ ହଙ୍ଗାମା

## ବିଜେପି ମୁଖ୍ୟ ସଚେତକ ଆହତ

କୋଲକାତା : ବିଧାନସଭା ଭିତରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିଜେପି ଉପରେ ଜୋରଦାର ବର୍ଷିଛନ୍ତି। ସେହିପରି ଗୃହରେ ଦେଖାଯାଇଥିବା ପ୍ରବଳ ହଟ୍ଟଗୋଳ ମଧ୍ୟରେ ବିଜେପିର ଚିଫ ହ୍ୱିପ ବା ମୁଖ୍ୟ ସଚେତକ ଆହତ ହୋଇଛନ୍ତି।

ବେଙ୍ଗଲ ବିଧାନସଭାରେ ଆଜି ହାଇଡ୍ରାମା ଦେଖିବାକୁ ମିଳିଛି। ବିଧାନସଭା ଭିତରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିଜେପି ଉପରେ ଜୋରଦାର ବର୍ଷିଛନ୍ତି। ସେହିପରି ଗୃହରେ ଦେଖାଯାଇଥିବା ପ୍ରବଳ ହଟ୍ଟଗୋଳ ମଧ୍ୟରେ ବିଜେପିର ଚିଫ ହ୍ୱିପ ବା ମୁଖ୍ୟ ସଚେତକ ଆହତ ହୋଇଛନ୍ତି।

ଗୃହରେ ବାରମ୍ବାର ହଟ୍ଟଗୋଳ କରୁଥିବାରୁ ବାଚସ୍ପତି ବିମନ ବାନାର୍ଜୀ ବିଜେପି ମୁଖ୍ୟ ସଚେତକ ଶଙ୍କର ଘୋଷଙ୍କୁ ଦିନକ ପାଇଁ ଗୃହରୁ ନିଲମ୍ବିତ କରିଥିଲେ। ତଥାପି ସେ ବିଜେପିର ଅନ୍ୟ ବିଧାୟକଙ୍କ ସହ ମିଶି ଗୃହରେ ନାରାବାଜୀ କରିଥିଲେ। ସେ ଓ ଅନ୍ୟ ବିଜେପି ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ଜୟ ଶ୍ରୀରାମ ନାରା ଦେଇଥିଲେ। ଏଥିସହ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ।

ବିଜେପି ଶାସିତ ରାଜ୍ୟରେ ବେଙ୍ଗଲୀ ପ୍ରବାସୀ ଶ୍ରମିକଙ୍କ ଉପରେ ହେଉଥିବା ଆକ୍ରମଣକୁ ନିନ୍ଦା କରି ଟିଏମସି ଗୋଟିଏ ନିନ୍ଦା ପ୍ରସ୍ତାବ ପାରିତ କରିବାକୁ ଚାହୁଁଥିଲା। ଏଥିଯୋଗୁ ବିଜେପି ବିଧାୟକମାନେ ହଟ୍ଟଗୋଳ କରିଥିଲେ। ଏତିକି ବେଳେ ବାଚସ୍ପତି ବିମନ ବାନାର୍ଜୀ ମାର୍ଶଲଙ୍କୁ ଡାକି ବିଜେପି ମୁଖ୍ୟ ସଚେତକଙ୍କୁ ବାହାର କରିବାକୁ କହିଥିଲେ। ଏହି ଟଣା ଓଟରା ଭିତରେ ଶ୍ରୀ ଘୋଷ ଆହତ ହୋଇଛନ୍ତି।

ସେହିପରି ଗୃହରେ କିଛି ସମୟ ପାଇଁ ବିଜେପି ଓ ଟିଏମସି ବିଧାୟକମାନେ ମୁହାଁମୁହିଁ ହୋଇଥିଲେ। ସ୍ଥିତି



ହାତହାତି ଆଡ଼କୁ ମଧ୍ୟ ଯାଇଥିଲାଛ। ତେବେ ନିଜେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ଅନ୍ୟ ବରିଷ୍ଠ ବିଧାୟକମାନେ ଦୁଇ ପକ୍ଷଙ୍କୁ ଅଲଗା କରିଥିଲେ।

ହଟ୍ଟଗୋଳ ଓ ନାରାବାଜୀ ଭିତରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିଜେପି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରମନ୍ତ୍ରୀ ଅମିତ ଶାହଙ୍କୁ ବେଙ୍ଗଲ ବିରୋଧୀ ବୋଲି କହିଛନ୍ତି। ଖାସ ଏଥିପାଇଁ ବେଙ୍ଗଲିମାନେ ସହୁଥିବା ନିର୍ଯାତନା ଉପରେ ଆଲୋଚନା କରିବାକୁ ବିଜେପି ଚାହୁଁ ନାହିଁ ବୋଲି ସେ କହିଛନ୍ତି।

ସେ କହିଛନ୍ତି, ବିଜେପି ଗୋଟିଏ ଦୁର୍ନୀତି ଗ୍ରସ୍ତ ଓ ଭୋଟ ଚୋରିର ଦଳଛ ସେମାନେ ସବୁଠାରୁ ବଡ଼ ଡକାୟତ ପାର୍ଟି। ସଂସଦରେ ସେମାନେ ସିଆଇଏସଏଫ ଦ୍ୱାରା ଆମ ଦଳର ସାଂସଦଙ୍କୁ ହଇରାଣ କରୁଥିବା ଆମେ ଦେଖିଛୁ। ବଙ୍ଗଳା ବିରୋଧୀ ବିଜେପି ହଟାଅ, ଦେଶ ବଞ୍ଚାଅ।

ବିରୋଧୀଙ୍କ ନାରାବାଜୀ ମଧ୍ୟରେ ମମତା ଏପରି କହିଥିଲେଛ ବିରୋଧୀଙ୍କୁ ଚେତାବନୀ ଦେଇ ସେ କହିଛନ୍ତି, ମୋ କଥାକୁ ମନେ ରଖ, ଏମିତି ସମୟ ଆସିବ ଯେତେବେଳେ ଗୋଟିଏ ହେଲେ ବିଜେପି ବିଧାୟକ ଏଠାରେ ବସି ନଥିବେ। ଲୋକମାନେ ତୁମକୁ କ୍ଷମତାରୁ ବାହାର କରିଦେବେ। ମୋଦି ଓ ଅମିତ ଶାହଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଖୁବଶୀଘ୍ର ଭୁଶୁଡ଼ି ପଡ଼ିବ। ମୁଖ୍ୟମନ୍ତ୍ରୀ ମମତା ଦାବି କରିଛନ୍ତି ଯେ ବିଜେପି ଶାସିତ ରାଜ୍ୟରେ ପ୍ରବାସୀ ବେଙ୍ଗଲ ଶ୍ରମିକମାନେ ସାମ୍ନା କରୁଥିବା ସମସ୍ୟା ଉପରେ ଦଳ ବିଧାନସଭାରେ ଆଲୋଚନା କରିବାକୁ ଚାହୁଁ ନାହିଁ।

### ଜିଏସ୍‌ଟି ସଂସ୍କାର

# ବିକଶିତ ଭାରତ ପାଇଁ ରାସ୍ତା ଫିଟିଲା : ମୋଦୀ

ନୂଆଦିଲ୍ଲୀ : ଜିଏସ୍ଟି ପରିଷଦରେ ଦୁଇଥାକିଆ ଜିଏସ୍ଟି ଢାଞ୍ଚାକୁ ନେଇ ହୋଇଥିବା ନିଷ୍ପତ୍ତିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଗତ କରିଛନ୍ତି। ସେ କହିଛନ୍ତି ଯେ ଜିଏସ୍ଟିରେ ପରବର୍ତ୍ତୀ ସଂସ୍କାର ଆଣିବା ସମ୍ପର୍କିତ ମୋ ଆଭିମୁଖ୍ୟ ବିଷୟରେ ମୁଁ ସ୍ୱାଧୀନତା ଦିବସ ଅଭିଭାଷଣରେ କହିଥିଲି। ମୁଁ ଅତ୍ୟନ୍ତ ଆନନ୍ଦିତ ଯେ କେନ୍ଦ୍ର ସରକାର ଓ ରାଜ୍ୟମାନଙ୍କୁ ନେଇ ଗଠିତ ଜିଏସ୍ଟି ପରିଷଦ ମିଳିତ ସହମତିରେ କେନ୍ଦ୍ର ସରକାର ଦେଇଥିବା ଜିଏସ୍ଟି ହାର କମ୍ କରିବା ଏବଂ ସଂସ୍କାର ପ୍ରସ୍ତାବଗୁଡ଼ିକୁ ଅନୁମୋଦନ ପ୍ରଦାନ କରିଛନ୍ତି। ଏହା ଦ୍ୱାରା ସାଧାରଣ ଜନତା, ଚାଷୀ, ଏମ୍‌ଏସ୍‌ଏମ୍‌ଇ, ମଧ୍ୟବିତ୍ତ ବର୍ଗ, ମହିଳା ଓ ଯୁବପିଢ଼ି ଉପକୃତ ହେବେ। ଏହି ବ୍ୟାପକ ସଂସ୍କାର ଆମ ନାଗରିକଙ୍କ ଜୀବନକୁ ଆହୁରି ଉନ୍ନତ କରିବ ଏବଂ ସମସ୍ତଙ୍କ ପାଇଁ, ବିଶେଷକରି କ୍ଷୁଦ୍ର



ବ୍ୟବସାୟୀ ଏବଂ ବ୍ୟବସାୟ ପାଇଁ ସହଜ ବ୍ୟବସାୟ ସୁନିଶ୍ଚିତ କରିବ ବୋଲି ସେ କହିଛନ୍ତି।

# ସମୁଦ୍ର ପାଲଟିଛି ସତଲେଜ

ଚଣ୍ଡିଗଡ଼: ନଦୀର ସ୍ୱଭାବ ସମୁଦ୍ରରେ ମିଶିବା । ମାଟିର ଛାତି ଉପରେ ସମୁଦ୍ର ଛାତିକୁ ବହିଯିବା । ନଦୀ ବିଭିନ୍ନ ସ୍ଥାନରୁ ବାହାରି ସମୁଦ୍ରରେ ମିଶେ । କିନ୍ତୁ ନଦୀ ଯେବେ ତାର କାୟା ମେଲାଇ ବିକଟାଳ ରୂପ ଧାରଣ କରେ ସେବେ ସ୍ଥଳଭାଗ ସାଜେ ଜଳମୟ । ଜଳମଗ୍ନ ପାଲଟେ ଜନବସତି ଆଉ ନଦୀର ସେ ରୌଦ୍ର ରୂପ ସମୁଦ୍ର ପରି ଦିଶେ ।ପଞ୍ଜାବରେ ପାଣିର ପ୍ରଳୟ ଦେଖିବାକୁ ମିଳିଥିବା ବେଳେ ସତଲେଜ ନଦୀ ପାଲଟିଛି ସମୁଦ୍ର ଏବଂ ରାସ୍ତାଘାଟ ସହ ଜନଜୀବନକୁ ବୁଡାଉଛି ରାବି ନଦୀ । ସତଲେଜ, ବ୍ୟାସ, ରାବି ନଦୀର ଜଳସ୍ତର ବଢିବା କାରଣରୁ ପଞ୍ଜାବରେ ସ୍ଥିତି ଅଣାୟତ୍ତ ହୋଇଛି । ବନ୍ୟା ସ୍ଥିତି ଦୀର୍ଘ ୩୭ ବର୍ଷର ରେକର୍ଡ ଭାଙ୍ଗିଛି । ୧୯୮୮ ପରେ ପଞ୍ଜାବ ସବୁଠାରୁ ବଡ଼ ବନ୍ୟାର ସାମ୍ନା କରୁଛି । ଆଜି ବି ପଞ୍ଜାବର ବିଭିନ୍ନ ସ୍ଥାନରେ ମୌସୁମୀ ଜନିତ ଭୀଷଣ ବର୍ଷା ଲାଗି ରହିଛି । ଭାରତୀୟ ପାଣିପାଗ ବିଭାଗ ଆସନ୍ତା ୨୪ ରୁ ୩୬ ଘଣ୍ଟା ମଧ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ଆକଳନ କରିଛି । ବର୍ଷାକୁ ଆଖିରେ ରଖି ପଞ୍ଜାବରେ ଆସନ୍ତା ୭ ତାରିଖ ଯାଏଁ ସମସ୍ତ ସ୍କୁଲ, କଲେଜକୁ ଛୁଟି ଘୋଷଣା କରାଯାଇଛି । ସେପଟେ ପ୍ରବଳ ବର୍ଷା ପରେ ବନ୍ୟା ସ୍ଥିତିରେ ୨୩ରୁ ୨୩ ଜିଲ୍ଲା ପ୍ରଭାବିତ ହୋଇଛି । ପଞ୍ଜାବକୁ ବନ୍ୟା ପ୍ରଭାବିତ ରାଜ୍ୟ ଭାବେ ଘୋଷଣା କରାଯାଇଛି ।

# ଏନଡିଏକୁ ଝଟକା, ଏଏମଏମକେ ଓହରିଲା

ଚେନ୍ନାଇ: ବିଧାନସଭା ନିର୍ବାଚନ ପୂର୍ବରୁ ତାମିଲନାଡୁ ରାଜନୀତିରେ ଏକ ବଡ଼ ପରିବର୍ତ୍ତନ ଆସିଛି । ଟିଟିଭି ଦିନାକରନଙ୍କ ନେତୃତ୍ୱାଧୀନ ଆମ୍ମା ମଲାଇ ମୁନେତ୍ର କାଢ଼ଗମ (ଏଏମଏମକେ) ଭାରତୀୟ ଜନତା ପାର୍ଟି ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟରୁ ଅଲଗା ହେବାର ଘୋଷଣା କରିଛି । ଦିନାକରନ ବିଜେପି ଉପରେ ତାଙ୍କ ସହିତ 'ବିଶ୍ୱାସଘାତ' କରିବାର ଅଭିଯୋଗ ଆଣିଛନ୍ତି ଏବଂ କହିଛନ୍ତି ଯେ ତାଙ୍କ ଦଳ ଆଉ ଏହି ମେଣ୍ଟ ଅର୍ଥାତ୍ ଏନଡିଏର ଅଂଶ ରହିବ ନାହିଁ। ଆପଣଙ୍କୁ କହି ରଖୁଛୁ ଯେ ଏଏମଏମକେ ୨୦୨୪ ଲୋକସଭା ନିର୍ବାଚନରେ ୨ଟି ଆସନରେ ପ୍ରତିଦ୍ୱନ୍ଦିତା କରିଥିଲା କିନ୍ତୁ ସଫଳ ହୋଇନଥିଲା। ଆପଣଙ୍କୁ କହି ରଖୁଛୁ ଯେ ତାମିଲନାଡୁରେ ବିଧାନସଭା ନିର୍ବାଚନ ୨୦୨୬ ଏପ୍ରିଲ ଆଡକୁ ହୋଇପାରେ। ଏଏମଏମକେ ୨୦୧୮ରେ ଟିଟିଭି ଦିନାକରନଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିଲା, ଯିଏ ପୂର୍ବରୁ ଏଆଇଏଡିଏମକେର ନେତା ଥିଲେ। ଏଆଇଏଡିଏମକେରୁ ବହିଷ୍କୃତ ହେବା ପରେ, ଦିନାକରନ ନିଜସ୍ୱ ଦଳ ଗଠନ କରିଥିଲେ, ଯାହା ଜୟଲଳିତାଙ୍କ ଐତିହ୍ୟକୁ ଆଗକୁ ବଢ଼ାଉ ବୋଲି ଦାବି କରେ। ତେବେ ଦିନାକରନ କହିଛନ୍ତି, 'ଆମର ଦଳ ଏଏମଏମକେ କିଛି ଲୋକଙ୍କ ବିଶ୍ୱାସଘାତକତା ବିରୁଦ୍ଧରେ ଆରମ୍ଭ ହୋଇଥିଲା। ଆମେ ଭାବୁଥିଲୁ ଯେ ହୁଏତ ଦିଲ୍ଲୀରେ ବସିଥିବା ଲୋକମାନେ ପରିବର୍ତ୍ତନ ହେବେ କିମ୍ବା ସେମାନଙ୍କୁ ପରିବର୍ତ୍ତନ କରାଯିବ, କିନ୍ତୁ ସେପରି କିଛି ହୋଇନଥିଲା।

# ପଞ୍ଜାବର ବନ୍ୟା ପ୍ରଭାବିତ ଅଞ୍ଚଳ ଦେଖିଲେ କେନ୍ଦ୍ର କୃଷି ମନ୍ତ୍ରୀ

ନୂଆଦିଲ୍ଲୀ : କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ଆଜି ପଞ୍ଜାବର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଶ୍ରୀ ଚୌହାନ ଅମୃତସର, କପୁରଥାଲା ଓ ଗୁରୁଦାସପୁର ଜିଲ୍ଲାର ବିଭିନ୍ନ ଗ୍ରାମ ପରିଦର୍ଶନ କରି କୃଷକମାନଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ। ସେଥିସହିତ, ଜଳମଗ୍ନ କ୍ଷେତଗୁଡ଼ିକୁ ଯାଇ ଫସଲର କ୍ଷୟକ୍ଷତିର ଆକଳନ ମଧ୍ୟ କରିଥିଲେ। ଏହି ସମୟରେ କୃଷକମାନେ କେନ୍ଦ୍ର ମନ୍ତ୍ରୀଙ୍କୁ ଫସଲର ବ୍ୟାପକ କ୍ଷୟକ୍ଷତି ବିଷୟରେ ସୂଚନା ଦେଇଥିଲେ, ଯାହାକୁ ନେଇ ଶିବରାଜ ସିଂହ କହିଥିଲେ ଯେ କୃଷକ ଭାଇ ଓ ଭଉଣୀମାନେ ଚିନ୍ତା କରନ୍ତୁ ନାହିଁ, ସରକାର ସେମାନଙ୍କ ସହିତ ଅଛନ୍ତି। କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ସକାଳେ ଅମୃତସର ପହଞ୍ଚିବା ପରେ, ପଞ୍ଜାବର ରାଜ୍ୟପାଳ ଶ୍ରୀ ଗୁଲାବଚାନ୍ଦ କଟାରିଆ ବିମାନବନ୍ଦରରେ ବନ୍ୟା ପରିସ୍ଥିତି ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏଥିସହିତ ଅନ୍ୟାନ୍ୟ ଅଧିକାରୀମାନେ ମଧ୍ୟ କେନ୍ଦ୍ର କୃଷିମନ୍ତ୍ରୀଙ୍କୁ ଗୁରୁତର ବନ୍ୟା ପରିସ୍ଥିତି ବିଷୟରେ ଅବଗତ କରାଇଥିଲେ। ଏହାର ପରେ ଶ୍ରୀ ଚୌହାନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି କହିଥିଲେ ଯେ ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର, ସଙ୍କଟ ଭୟଙ୍କର। ବନ୍ୟା ଯୋଗୁଁ ଫସଲ ଜଳମଗ୍ନ ହୋଇ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ପ୍ରାୟ ୧୪୦୦ ଗ୍ରାମ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି। ଅଗଷ୍ଟ ୨୬



ତାରିଖରୁ ଏଠାକାର ଜମିଗୁଡ଼ିକ ଜଳମଗ୍ନ ହୋଇ ରହିଛି। ରାବି ନଦୀର ପାଣି ଚାଷଜମି ଉପରେ ପ୍ରବାହିତ ହେଉଛି। ପାଦ ତଳେ ମାଟି ନୁହେଁ, କାଦୁଅ ଜମା ହୋଇଛି। ଏହି ଫସଲ ନଷ୍ଟ ହୋଇଯାଇଛି, ପରବର୍ତ୍ତୀ ଫସଲ ମଧ୍ୟ ସଙ୍କଟରେ ଅଛି। ଯନ୍ତ୍ରଣା ଏବଂ କ୍ଷତିର ପୂର୍ବାନୁମାନ କରାଯାଇପାରିବ ନାହିଁ। ସେ କହିଥିଲେ ଯେ ଏହି ପରିସ୍ଥିତି ଅତ୍ୟନ୍ତ ହୃଦୟ ବିଦାରକ, କିନ୍ତୁ ଏହା ନିଶ୍ଚିତ ଭାବେ ତାଙ୍କ କୃଷକ ଭାଇ ଓ ଭଉଣୀମାନଙ୍କୁ ଏହି ସମସ୍ୟାରୁ ମୁକ୍ତି ଦେବୁ। ଏହା ଆହ୍ୱାନପୂର୍ଣ୍ଣ କିନ୍ତୁ ସମସ୍ତ ପ୍ରୟାସ କରାଯିବ ଏବଂ ରିଲିଫ୍ ପ୍ରଦାନ କରିବା ପାଇଁ ସମସ୍ତ ସହାୟତା ଯୋଗାଇ ଦିଆଯିବ।

କେନ୍ଦ୍ର କୃଷିମନ୍ତ୍ରୀ ସୂଚନା ଦେଇଛନ୍ତି ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ର ସରକାର ପଞ୍ଜାବ ପରିସ୍ଥିତିର ଆକଳନ କରିବା ପାଇଁ କୃଷି, ଗ୍ରାମୀଣ ବିକାଶ, ସଡ଼କ, ଶକ୍ତି, ଅର୍ଥ ଏବଂ ଜଳ ଶକ୍ତି ମନ୍ତ୍ରଣାଳୟର ଅଧିକାରୀମାନଙ୍କୁ ନେଇ ଦୁଇଟି ଉଚ୍ଚସ୍ତରୀୟ ଟିମ୍ ପଠାଇଛନ୍ତି। ସେ ଏହା ମଧ୍ୟ ସୂଚନା ଦେଇଛନ୍ତି ଯେ, ଏହି ଦଳଗୁଡ଼ିକ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ପରିସ୍ଥିତିର ଆକଳନ କରିବେ ଏବଂ କେନ୍ଦ୍ର ସରକାରଙ୍କୁ ସେମାନଙ୍କର ରିପୋର୍ଟ ଦାଖଲ କରିବେ।

# ୧୫ରୁ ବଢ଼ିବ ୟୁପିଆଇ ନେଣଦେଣ ସୀମା

ନୂଆଦିଲ୍ଲୀ :ୟୁପିଆଇ ଦୈନିକ କାରବାର ସୀମାକୁ ନେଇ ଏକ ବଡ଼ ପରିବର୍ତ୍ତନ ଆସିବାକୁ ଯାଉଛି । ଆସନ୍ତା ୧୫ରୁ ଏହି ସୀମା କେତେକ ନିର୍ଦ୍ଦିଷ୍ଟ ନେଣଦେଣ ପାଇଁ ବୃଦ୍ଧି କରାଯାଇଛି । ଏବେ ୟୁପିଆଇ ମାଧ୍ୟମରେ ଆପଣ ଦୈନିକ ସର୍ବାଧିକ ୧ ଲକ୍ଷ ଟଙ୍କା ପଠାଇପାରିବେ । କିନ୍ତୁ ଏବେ ୧୫ ସେପ୍ଟେମ୍ବର, ୨୦୨୫ ଠାରୁ, କିଛି ନିର୍ଦ୍ଦିଷ୍ଟ ନେଣଦେଣ ପାଇଁ ଏହି ସୀମାକୁ ଯଥେଷ୍ଟ ବୃଦ୍ଧି କରାଯାଇଛି ।ୟୁପିଆଇ ବ୍ୟବସ୍ଥାର ପରିଚାଳନା କରୁଥିବା ଏନପିସିଆଇ ଏହି ପରିବର୍ତ୍ତନ ଘୋଷଣା କରିଛି । ନୂଆ ନିୟମ ଦ୍ୱାରା ଟିକସ ଦେବା, ବୀମା ପ୍ରିମିୟମ ଦେବା, ଋଣ ଇଏମଆଇ ଦେବା, ଷ୍ଟକ ବଜାରରେ ନିବେଶ କରିବା ଭଳି କାରବାର ଏବେ ୨୪ ଘଣ୍ଟା ମଧ୍ୟରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କରାଯାଇପାରିବ । ଏହି ବର୍ଷ ଆୟକର ଦେବାର ଶେଷ ତାରିଖ ୧୫ ସେପ୍ଟେମ୍ବର ୨୦୨୫ । ଏହି କାରଣରୁ, ଏନପିସିଆଇ ଟିକସ ସମ୍ବନ୍ଧିତୟୁପିଆଇ କାରବାରର ସୀମା ପ୍ରତି କାରବାର ପାଇଁ ୫ ଲକ୍ଷ ଟଙ୍କା ଏବଂ ପ୍ରତି ୨୪ ଘଣ୍ଟା ପାଇଁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛି । ଏହା ସେହି ଲୋକମାନଙ୍କୁ ଲାଭ ଦେବ ଯେଉଁମାନେୟୁପିଆଇ ମାଧ୍ୟମରେ ବଡ଼ ପରିମାଣର ଦେୟ ଦେବାକୁ ଚାହାଁନ୍ତି, କିନ୍ତୁ ଏପର୍ଯ୍ୟନ୍ତ ସୀମା ଯୋଗୁଁ ଦେଇପାରୁନଥିଲେ ।

# ମଣିପୁରରେ ଶାନ୍ତି ପ୍ରତିଷ୍ଠା : ଜାତୀୟ ରାଜପଥ-୨ ଖୋଲିବ କୁକି

ନୂଆଦିଲ୍ଲୀ : ଆଦିବାସୀ ଓ ଅଣ ଆଦିବାସୀ ସଂଘର୍ଷକୁ ନେଇ ୨୦୨୩ ମେ' ମାସରୁ ଅଶାନ୍ତ ରହିଥିବା ମଣିପୁରରେ ଶାନ୍ତି ପ୍ରତିଷ୍ଠାର ସମ୍ଭାବନା ସୃଷ୍ଟି ହୋଇଛି। ଶାନ୍ତି ପ୍ରତିଷ୍ଠା ପାଇଁ କେନ୍ଦ୍ର ଓ ମଣିପୁର ସରକାର କୁକି ଜୋ ଗ୍ରୁପ ସହ ଗୋଟିଏ ନୂଆ ବୁଝାମଣା ଚୂଡ଼ାନ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେପେଟମ୍ବର ଦ୍ୱିତୀୟ ସପ୍ତାହରେ ମଣିପୁର ଗସ୍ତରେ ଯିବାର ଅଛି । ୨୦୨୩ରୁ ଆରମ୍ଭ ହୋଇଥିବା ସଂଘର୍ଷ ପରେ ଏହା ମୋଦିଙ୍କ ପ୍ରଥମ ମଣିପୁର ଗସ୍ତ ହେବଛ ଏହାପୂର୍ବରୁ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ ହୋଇଛିଛଉକ୍ତ ବୁଝାମଣା ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ଆଲୋଚନା ବେଳେ ସ୍ୱାକ୍ଷରିତ ହୋଇଛି । ଏଥିରେ ଜାତୀୟ ରାଜପଥ-୨କୁ ଖୋଲିବାର ପ୍ରାବଧାନ ରହିଛି। ଏହାଦ୍ୱାରା ସାଧାରଣ ଲୋକ ଓ ଜରୁରୀ ସାମଗ୍ରୀ ବିନା କୌଣସି କଟକଣାରେ ଯିବା ଆସିବା କରିପାରିବ । ସଂଘର୍ଷ ଯୋଗୁ ଜାତୀୟ ରାଜପଥକୁ କୁକିମାନେ ବନ୍ଦ କରି ରଖିଥିଲେ। ଏବେ ଏହାକୁ ଖୋଲିବାକୁ ବୁଝାମଣା ହୋଇଛି। କୁକି-ଜୋ କାଉନସିଲ (କେଜେଡସି) ଏହି ପ୍ରମୁଖ ମାର୍ଗରେ ଶାନ୍ତି ବଜାୟୀ ରଖିବା ପାଇଁ ସୁରକ୍ଷାକର୍ମୀଙ୍କ ସହ ମିଶି କାମ କରିବାକୁ ରାଜି ହୋଇଛି। କେଜେଡସିର ପ୍ରତିନିଧି ଓ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମଧ୍ୟରେ ହୋଇଥିବା ଏକାଧିକ ଥର ଆଲୋଚନା ପରେ ଏଭଳି ବୁଝାମଣା ସମ୍ଭବ ହୋଇପାରିଛି ।ମଣିପୁରରେ ୨୦୨୩ ମେ' ମାସରୁ ଆଦିବାସୀ ଓ ଅଣ ଆଦିବାସୀଙ୍କ ମଧ୍ୟରେ ସଂଘର୍ଷ ଲାଗି ରହିଛି। ସଂଖ୍ୟାଗରିଷ୍ଠ ମୈତେ ସଂପ୍ରଦାୟକୁ ଅନୁସୂଚିତ ଜନଜାତି ମାନ୍ୟତା ଦେବାକୁ ମଣିପୁର ହାଇକୋର୍ଟ ବୀରେନ ସିଂହ ସରକାରଙ୍କୁ ନିର୍ଦ୍ଦେଶ ଦେବା ମାତ୍ରେ ହିଂସାକାଣ୍ଡ ସୃଷ୍ଟି ହୋଇଥିଲା। ସଂଖ୍ୟାଲଘୁ ସଂପ୍ରଦାୟ କୁକି ପକ୍ଷରୁ ହାଇକୋର୍ଟ ରାୟକୁ ବିରୋଧ କରାଯାଇଥିଲା। ସେବେଠାରୁ ମଣିପୁରରେ ଦେଖାଯାଇଥିବା ସଂଘର୍ଷରେ କୁକୁ, ମୈତେ ଓ ସୁରକ୍ଷାକର୍ମୀଙ୍କୁ ମିଶାଇ ୨୬୦ ଜଣଙ୍କ ଜୀବନ ଗଲାଣି। ଅନେକ ଲୋକ ବାସହରା ହୋଇଯାଇଛନ୍ତି। ଜାତୀୟ ରାଜପଥ-୨ ଖୋଲିବା ସହ ଅତିରିକ୍ତ ଭାବେ ତ୍ରିପାକ୍ଷିକ ସସପେନସନ ଅଫ ଅପରେସନ(ଏସଓଓ) ବୁଝାମଣା ରିଭାଇଜଡ କରାଯାଇଛି। କୁକି ନ୍ୟାଶନାଲ ଅର୍ଗାନାଇଜେସନ ଓୟୁନାଇଟେଡ ପିପୁଲ୍ସ ଫ୍ରଣ୍ଟ ବିବାଦ ବହୁଳ ଅଞ୍ଚଳରୁ ସେମାନଙ୍କ ୭ଟି କ୍ୟାମ୍ପକୁ ଅନ୍ୟତ୍ର ସ୍ଥାନାନ୍ତର କରିବେଛ ଏହାବାଦ ସେମାନେ କ୍ୟାମ୍ପ ସଂଖ୍ୟାକୁ ହ୍ରାସ କରିବେ ଓ ସିଆରପିଏଫ-ବିଏସଏଫ କ୍ୟାମ୍ପକୁ ଯେମିତି ଅସ୍ତ୍ରଶସ୍ତ୍ର ପୁଣି ଫେରିବ, ତା'କୁ ନିଶ୍ଚିତ କରିବେ । ସଂଗଠନର କ୍ୟାଡରଙ୍କ ଯାଞ୍ଚ କରାଯିବ। ସଂଗଠନରୁ ବିଦେଶୀଙ୍କ ବିତାଡ଼ିତ କରିବାକୁ ଏପରି ପଦକ୍ଷେପ ନିଆଯିବ। ଗୋଟିଏ ଯୁଗ୍ମ କମିଟି ସଂଶୋଧିତ ନିୟମ କାର୍ଯ୍ୟକାରୀ କରାଯାଉଛି କି ନାହିଁ, ତା' ଉପରେ ନଜର ରଖିବ। ନିୟମ ଉଲ୍ଲଙ୍ଘନ ହେଲେ କଡ଼ା ପଦକ୍ଷେପ ନିଆଯିବ ବୋଲି ବୁଝାମଣା ପତ୍ରରେ ଉଲ୍ଲେଖ ରହିଛି।

# କର୍କଟ ରୋଗୀଙ୍କ ପରିବାର ଉପରୁ ବୋଝ ହଟିବ

ନୂଆଦିଲ୍ଲୀ: ଭାରତରେ କର୍କଟ ରୋଗ ଚିକିତ୍ସା ସବୁବେଳେ ରୋଗୀ ଏବଂ ତାଙ୍କ ପରିବାର ଉପରେ ଏକ ଆର୍ଥିକ ବୋଝ ହୋଇଆସିଛି। କେମୋଥେରାପି ଔଷଧ, ପରୀକ୍ଷା ଏବଂ ଦୀର୍ଘକାଳୀନ ଚିକିତ୍ସା ଯୋଗୁଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୁଏଛ ଏହା ଉପରେ, ଜିଏସଟିର ଅତିରିକ୍ତ ବୋଝ ଏହି ଖର୍ଚ୍ଚକୁ ଆହୁରି ବୃଦ୍ଧି କରୁଥିଲା। କିନ୍ତୁ ବର୍ତ୍ତମାନ ସରକାର ଏକ ବଡ଼ ପଦକ୍ଷେପ ନେଇ କର୍କଟ ରୋଗ ଚିକିତ୍ସା ସହିତ ଜଡିତ ଔଷଧ ଏବଂ ସେବା ଉପରେ ଜିଏସଟି ହ୍ରାସ କରିଛନ୍ତି। ଏହା ରୋଗୀ ଏବଂ ସେମାନଙ୍କ ପରିବାରକୁ ଆର୍ଥିକ ଆଶ୍ୱସ୍ତି ପ୍ରଦାନ କରିବ। କେମୋଥେରାପି ହେଉଛି କର୍କଟ ରୋଗ ଚିକିତ୍ସାରେ ସବୁଠାରୁ ମହଙ୍ଗା ଏବଂ ଦୀର୍ଘସ୍ଥାୟୀ ପ୍ରକ୍ରିୟା। କେମୋଥେରାପି ଔଷଧର ମୂଲ୍ୟ ପ୍ରାୟ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆସିଥାଏ। ପୂର୍ବରୁ, ଜିଏସଟି ଲାଗୁ ହେବା ପରେ, ମୋଟ ଖର୍ଚ୍ଚ ୧୧୨୦୦୦ ଟଙ୍କା ହେଉଥିଲା। କିନ୍ତୁ ବର୍ତ୍ତମାନ ଜିଏସଟି ଶୂନ୍ୟ ହେବା ପରେ, ରୋଗୀମାନେ ସିଧାସଳଖ ୧୨୦୦୦ ଟଙ୍କା ସଞ୍ଚୟ କରିବେ। ଜିଏସଟି ହ୍‌ରାସ ଅନ୍ୟାନ୍ୟ କର୍କଟ ଔଷଧ ଉପରେ ମଧ୍ୟ ପ୍ରଭାବ ପକାଇବ। ଏହି ଔଷଧଗୁଡ଼ିକର ମୂଲ୍ୟ କେତେବେଳେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଯାଏ। ପୂର୍ବରୁ ଏହା ଉପରେ ଜିଏସଟି ଯୋଗୁଁ ଏହି ମୂଲ୍ୟ ୫,୬୦,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଉଥିଲା। କିନ୍ତୁ ଏବେ ଶୂନ୍ୟ ଜିଏସଟି ଯୋଗୁଁ ରୋଗୀମାନେ ସିଧାସଳଖ ୬୦,୦୦୦ ଟଙ୍କା ସଞ୍ଚୟ କରିବେ। ଏତେ ବଡ଼ ଖର୍ଚ୍ଚ ଉପରେ ଏହି ସହାୟତା ପରିବାରର ପକେଟ ପାଇଁ ଏକ ବଡ଼ ଆଶ୍ୱସ୍ତି ହେବ।

# ଶୁଳ୍କ ବସାଇବା ଜରୁରୀ ଥିଲା : ଟ୍ରମ୍ପ ପ୍ରଶାସନ

ୱାସିଂଟନ : ଆମେରିକୀୟ ସୁପ୍ରିମକୋର୍ଟରେ ଫେଡେରାଲ କୋର୍ଟଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଛି ଟ୍ରମ୍ପ ପ୍ରଶାସନ । ଗତ ସପ୍ତାହରେ ଫେଡେରାଲ କୋର୍ଟ କହିଥିଲେ ଯେ ବିଦେଶୀ ଆମଦାନୀ ଉପରେ ଶୁଳ୍କ ଲଗାଇବାର ଅଧିକାର ଆମେରିକାର ରାଷ୍ଟ୍ରପତିଙ୍କର ନାହିଁ । ଟ୍ରମ୍ପ ପ୍ରଶାସନ ଭାରତ ଉପରେ ଶୁଳ୍କଲଗାଇବାକୁ ଯଥାର୍ଥ ଦର୍ଶାଇ କହିଥିଲେ ଯେ ଏହି ନିଷ୍ପତ୍ତି ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ କରିବା ପାଇଁ ନିଆଯାଇଥିଲା । ଆମେରିକା ସରକାରଙ୍କ ପକ୍ଷରୁ କୋର୍ଟରେ କୁହାଯାଇଥିଲା ଯେ, ରାଷ୍ଟ୍ରପତି ଟ୍ରମ୍ପୟୁକ୍ରେନରେ ଚାଲିଥିବା ଯୁଦ୍ଧର ମୁକାବିଲା କରିବା ପାଇଁ ରୁଷ ଶକ୍ତି କ୍ରୟ ଉପରେ ଭାରତ ବିରୁଦ୍ଧରେ ଅନ୍ତର୍ଜାତୀୟ ଜରୁରୀକାଳୀନ ଆର୍ଥିକ ଶକ୍ତି ଆଇନ ଶୁଳ୍କ ଲଗାଇଛନ୍ତି । ଏହା ଯୁଦ୍ଧଗ୍ରସ୍ତ ଦେଶରେ ଶାନ୍ତି ପାଇଁ ପ୍ରୟାସର ଅଂଶ ଭାବରେ କରାଯାଇଥିଲା । ସେ କହିଥିଲେ ଯେ ରାଷ୍ଟ୍ରପତିଙ୍କର ଜରୁରୀକାଳୀନ ଶକ୍ତି ବ୍ୟବହାର କରିବାର ଅଧିକାର ଅଛି । ଟ୍ରମ୍ପଙ୍କ ବିରୁଦ୍ଧରେ ଆବେଦନରେ କୁହାଯାଇଛି ଯେ, ଶୁଳ୍କ ନିଷ୍ପତ୍ତି ବୈଦେଶିକ ନୀତିକୁ ବିପଦରେ ପକାଇଛି । ଅନ୍ୟ ଦେଶମାନଙ୍କ ସହିତ ଆଲୋଚନା ଉପରେ ଅନିଶ୍ଚିତତାର



ପରିସ୍ଥିତି ସୃଷ୍ଟି ହୋଇଛି । ଏହା ପୂର୍ବରୁ ସ୍ଥିର ହୋଇଥିବା ଢାଞ୍ଚା ଚୁକ୍ତି ଏବଂ ଆଲୋଚନାକୁ ବିପଦରେ ପକାଇଛି ।

# ଔଷଧ ଉପରେ ଅଧିକ ଟିକସ୍ ଲଗାଇବ ଆମେରିକା

ନୂଆଦିଲ୍ଲୀ: ଭାରତ ଓ ରୁଷର ବନ୍ଧୁତା ଦେଖି ରାଗରେ ଜର୍ଜରିତ ହେଉଛି ଆମେରିକା । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ଟାରିଫ୍ ଲଗାଇ ନିଜର ରାଗ ସୁଝାଉଛନ୍ତି । ଏବେ ଯାହା ଚର୍ଚ୍ଚା ହେଉଛି ଯେ ଟ୍ରମ୍ପ୍ କୁଆଡ଼େ ଔଷଧ ଉପରେ ବି ଅତ୍ୟଧିକ ଟ୍ୟାକ୍ସ ଲଗାଇବାକୁ ଯାଉଛନ୍ତି । ରିପୋର୍ଟ ଅନୁସାରେ, କିଛି ଔଷଧ ଉପରେ ୨୦୦ ପ୍ରତିଶତ ପର୍ଯ୍ୟନ୍ତ ଟିକସ ଲାଗୁ କରିବାକୁ ଟ୍ରମ୍ପ ପ୍ରଶାସନ ଯୋଜନା କରୁଛି । ଟ୍ରମ୍ପ୍ ଚାହୁଛନ୍ତି ସେ, ଅଟୋ ଏବଂ ଷ୍ଟିଲ୍ ଭଳି ଔଷଧ ଉପରେ ମଧ୍ୟ ଟିକସ ଲାଗୁ କରିବେ । ଏହାର ପ୍ରଭାବ ଭାରତ ଉପରେ ପଡ଼ିପାରେ ବୋଲି ଆଶଙ୍କା କରୁଛନ୍ତି ବୈଦେଶିକ ବିଶ୍ଳେଷକ । ଅର୍ଥନୀତି ବିଶେଷଜ୍ଞଙ୍କ କହିବା ଅନୁସାରେ, ଟିକସ ଲାଗୁ ହେଲେ ଔଷଧର ମୂଲ୍ୟ ବୃଦ୍ଧି ପାଇବ ଏବଂ ଯୋଗାଣରେ ମଧ୍ୟ ସମସ୍ୟା ସୃଷ୍ଟି ହେବ । ଖାଲି ଏତିକି ନୁହେଁ ବିଭିନ୍ନ ଔଷଧର ଅଭାବ ସୃଷ୍ଟି ହେବାର ଆଶଙ୍କା ମଧ୍ୟ ରହିଛି । ସୂଚନା ମୁତାବକ, ଔଷଧ ଉପରେ ୨୦୦ ପ୍ରତିଶତ ଟିକସ ଲାଗୁ କରିବା ପାଇଁ ଡୋନାଲ୍ଡ ଟ୍ରମ୍ପ୍ ୧୯୬୨ର ବାଣିଜ୍ୟ ପ୍ରସାରଣ ଆଇନର ଧାରା ୨୩୨ର ଲାଗୁ କରିବାକୁ ଯୋଜନା କରୁଛନ୍ତି । ଟ୍ରମ୍ପ ପ୍ରଶାସନର ଯୁକ୍ତି ଯେ କରୋନା ମହାମାରୀ ସମୟରେ ଔଷଧର ଅଭାବ ଥିଲା ତେଣୁ ଏବେ ଘରୋଇ ଉତ୍ପାଦନକୁ ବୃଦ୍ଧି କରିବା ଆବଶ୍ୟକ ।

# ଦୁଷ୍କର୍ମ ମାମଲା : ଅଭିଯୁକ୍ତ ବିଧାୟକଙ୍କ ଭିଡିଓ ଜାରି

ଚଣ୍ଡିଗଡ : ଦୁଷ୍କର୍ମ ମାମଲାରେ ଗିରଫ ହେବା ପରେ ପୋଲିସ ହେପାଜତରୁ ଖସି ଯାଇଥିବା ପଞ୍ଜାବର ବିଦ୍ରୋହୀ ଆପ ବିଧାୟକ ହରମୀତ ସିଂହ ପଠାନମାଜରାଙ୍କୁ ଚାଲିଛି ଖୋଜା। ମଙ୍ଗଳବାର ପୋଲିସକୁ ଗୁଳି କରି ସେ ଖସି ଯାଇଥିବା ଅଭିଯୋଗ ହୋଇଛି। ପଞ୍ଜାବ ପୁଲିସର ଗ୍ୟାଙ୍ଗଷ୍ଟର ବିରୋଧୀ ଟାସ୍କ ଫୋର୍ସ (ଏଜିଟିଏଫ) ବିଧାୟକଙ୍କୁ ଖୋଜୁ ଥିବା ବେଳେ ସେ ଗୋଟିଏ ଅଜଣା ସ୍ଥାନରୁ ଭିଡିଓ ରିଲିଜ କରିଛନ୍ତି। ଭିଡିଓରେ ସେ ପୁଲିସ ଉପରେ କୌଣସି ପ୍ରକାରର ଆକ୍ରମଣ କରି ନଥିବା ସଫେଇ ଦେଇଛନ୍ତି। ମଙ୍ଗଳବାର ପଞ୍ଜାବ ପୁଲିସ୍ ହରିୟାଣାର କର୍ଣ୍ଣାଲରୁ ବିଧାୟକ ହରମୀତଙ୍କୁ ଗିରଫ କରିଥିଲା। ତାଙ୍କୁ ସ୍ଥାନୀୟ ଥାନାକୁ ନିଆଯାଉଥିବା ବେଳେ ସେ ଓ ତାଙ୍କ ସହଯୋଗୀମାନେ ପୁଲିସ ଉପରକୁ ଗୁଳି କରି ଖସି ଯାଇଥିବା ଅଭିଯୋଗ ହୋଇଛି। ହେଲେ ପୁଲିସ ଆକ୍ରମଣକୁ ହରମୀତ ଖଣ୍ଡନ କରିବା ସହ ପୁଲିସ ପକ୍ଷରୁ ତାଙ୍କ ଜୀବନ ପ୍ରତି ବିପଦ ରହିଥିବା ଆଶଙ୍କାରେ ସେ ଖସି ଯାଇଥିବା କହିଛନ୍ତି।

ସନୌରରୁ ବିଧାୟକ ହୋଇଥିବା ହରମୀତ କହିଛନ୍ତି, ପୁଲିସରେ ଥିବା ମୋ ସୂତ୍ରରୁ ଖବର ମିଳିଥିଲା ଯେ ପୁଲିସ୍ ମୋର ଏନକାଉଣ୍ଟର କରିବାକୁ ଯୋଜନା କରିଛି। ୮ ଜଣ ଏସ୍ପି, ୮ ଜଣ ଡିଏସ୍ପି, ୫ ଜଣ ଏସଏଚ୍‌ଓ ଓ ଏନକାଉଣ୍ଟର ସ୍ପେଶାଲିଷ୍ଟ ବିକ୍ରମ ବ୍ରାର ଭଳି ଶତାଧିକ ପୁଲିସ୍ ଜଣେ ବିଧାୟକଙ୍କୁ ଧରିବାକୁ ଆସିଥିଲେ। ଏଥିରୁ ସେମାନଙ୍କ ଉଦ୍ଦେଶ୍ୟ ସ୍ପଷ୍ଟ ଜଣାପଡୁଥିଲା। ସେମାନେ ଏନକାଉଣ୍ଟର ମୁଡରେ ଥିଲେ। ମୁଁ ପୋଲିସକୁ ସମ୍ମାନ କରେ। କିନ୍ତୁ ପୋଲିସର ମିଥ୍ୟା ଦାବି ମୋତେ ନିରାଶ କରିଛି। ପଟିଆଲା ରେଞ୍ଜ ଡିଆଇଜି କୁଲଦୀପ ଚହଲଙ୍କ କହିବା କଥା ଯେ ବିଧାୟକ ଫେରାର ରହିଛନ୍ତି ଓ ପୁଲିସ୍ ଟିମକ ତାଙ୍କୁ ଧରିବାକୁ ଉଦ୍ୟମ କରୁଛି। ପିଟିଆଲା ଏସଏସପି ଏ ସମ୍ପର୍କରେ



ଅଧିକ ସୂଚନା ଦେଇ ପାରିବେ। ସେ ବିଧାୟକ କରିଥିବା ଅଭିଯୋଗ ସମ୍ପର୍କରେ କିନ୍ତୁ କିଛି କହି ନାହାନ୍ତି। ପଟିଆଲା ଏସଏସ୍ପି ମଧ୍ୟ ଅଭିଯୋଗ ସମ୍ପର୍କରେ ମୁହଁ ଖୋଲି ନାହାନ୍ତି।

ମଙ୍ଗଳବାର ପଟିଆଲା କ୍ରାଇମ ଇନଭେଷ୍ଟିଗେସନ ଏଜେନ୍ସି(ସିଆଇଏ) ଇନ ଚାର୍ଜ ପ୍ରଦୀପ ବାଜୱା କହିଥିଲେ, ହରିୟାଣାରେ ଥିବା ବିଧାୟକ ହରମୀତଙ୍କ ଜଣେ ସମ୍ପର୍କୀୟଙ୍କ ଘରେ ଆମେ ରେଡ କରିଥିଲୁ। ତାଙ୍କୁ ସେଠାରୁ ଗିରଫ କରାଯାଇଥିଲା। କିନ୍ତୁ କିଛି ଗାଁ ଲୋକ ଓ କିଛି ଦୁର୍ବୃତ୍ତ ପୋଲିସ ଟିମ ଉପରକୁ ପଥର ଏବଂ ଗୁଳି ମାଡ଼ କରିଥିଲେ। ଏହାପରେ ବିଧାୟକ ଖସି ଯାଇଥିଲେ।

ତେବେ ବିଧାୟକ ହରମୀତ କୌଣସି ଗୁଳି ମାଡ଼ ହୋଇ ନଥିବା ଭିଡିଓରେ କହିଛନ୍ତି। କର୍ଣ୍ଣାଲ ପୁଲିସ୍ ଷ୍ଟେସନର ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଶ୍ରୀ ଭଗବାନ ମଧ୍ୟ ଗୁଳିମାଡ଼ ଦାବିରେ ସତ୍ୟତା ନଥିବା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଦାବ୍ରିରେ ପଟିଆଲା ପୁଲିସ୍ ଟିମ କରିଥିବା ରେଡ ସମ୍ପର୍କରେ ଆମକୁ କିଛି କହି ନଥିଲା। ଆମେ ତଦନ୍ତ କରି ଜାଣିବାକୁ ପାଇଛୁ ଯେ କୌଣସି ଗୁଳି କିମ୍ବା ପଥର ମାଡ଼ ହୋଇନି।

ଗାଁ ଲୋକ ଓ ପୁଲିସ୍ ମଧ୍ୟରେ କୌଣସି ପ୍ରକାରର ବିବାଦ ଉପୁଜି ନଥିଲେ। ପିଟିଆଲା ସିଭିଲ ଲାଇନ ଏସଏଚ୍‌ଓଙ୍କ ଅଭିଯୋଗ ଆଧାରରେ ଗୋଟିଏ ହତ୍ୟା ଉଦ୍ୟମ ମାମଲା ହୋଇଥିଲା। କିନ୍ତୁ ତଦନ୍ତରୁ ସେ ଭଳି କିଛି ବି ହୋଇ ନଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ପୁଲିସ ବିଧାୟକଙ୍କ ସହଯୋଗୀ ବଲବିନ୍ଦର ସିଂହଙ୍କୁ ଗିରଫ କରିଛି। ତାଙ୍କ ଠାରୁ ୩ଟି ବନ୍ଧୁକ ଜବତ କରାଯାଇଛି।

## ମର୍ଡନ ପେଣ୍ଟାଥଲନ ଜାତୀୟ ଚାମ୍ପିଅନସିପ
## ଓଡିଶା ଦଳର ବିହାର ଯାତ୍ରା



ଭୁବନେଶ୍ୱର, ୪।୯(ସବ୍ୟୁ) : ନବମ ମର୍ଡନ ପେଣ୍ଟାଥଲନ ଲେଜର ରନ୍ ଜାତୀୟ ଚାମ୍ପିଅନସିପ୍ ପାଇଁ ଓଡିଶା ଦଳ ବିହାର ଗସ୍ତ କରିଛି । ୪ରୁ ୯ ତାରିଖ ପର୍ଯ୍ୟନ୍ତ ବିହାରର ବେଗୁସରାଇରେ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡିଶା ଦଳ ଭାଗ ନେଇଥିବା ବେଳେ ଦଳର ସମସ୍ତ ଖେଳାଳିଙ୍କୁ ସାଧାରଣ ସମ୍ପାଦକ ଏମ୍ଡି ଆଜମ୍ ସମ୍ମାନିତ କରିଥିଲେ । ଓଡିଶା ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ପ୍ରଣବ ଦାସ( ଅଧିନାୟକ), ମହମ୍ମଦ ଅମନ(ଉପଅଧିନାୟକ), ଆକାଶ ମିର୍ଦ୍ଧା, ରାଇଗୁରୁ ସୂର୍ଯ୍ୟାଂଶ ମହାପାତ୍ର, ଅରବ ଚିଦାନନ୍ଦ ସ୍ୱାଇଁ, ସାଇ ସଂକଳ୍ପ, ଅରବ ନାୟକ, ଖେଲାରାମ ମାଝୀ, ପୂଜା ବେହେରା, ନର୍ବଦା କର୍ଣ୍ଣଲ, ଓସେନ୍, ମହମ୍ମଦ ଆଜମ୍ । ପୂର୍ବତନ ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସାରଦା ପ୍ରସାଦ ମିଶ୍ର(ଟାଇମ୍ସ ଗୁରୁକୂଳ ଚେୟାରମ୍ୟାନ), ରଞ୍ଜନ କୁମାର ନନ୍ଦ, ଆଇନଜୀବୀ ନିର୍ଭୟ କୁମାର ସାମନ୍ତରାୟ, ପଙ୍କଜ ମିତନ, ଟିଟନ ସାହୁ, ବାସୁଦେବ ଓଝା(ସଭାପତି), ଗୀତାଞ୍ଜଳି ଜେନା, ଶକ୍ତି ରଞ୍ଜନ ମହାନ୍ତି ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି ।

## ୟୁଏସ୍ ଓପନ : ସେମିରେ ସିନ୍ନର

ନୂଆଦିଲ୍ଲୀ, ୪।୯(ଏଜେନ୍ସି) :ଗ୍ରାଣ୍ଡସ୍ଲାମ୍ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନ୍‌ର ପୁରୁଷ ସିଙ୍ଗଲ୍ସ ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଞ୍ଚିଲାଣି । ଶେଷ କ୍ୱାର୍ଟରରେ ଜାନିକ ସିନର ବିଜୟ ଲାଭ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି । ସିନର ୬-୧, ୬-୪, ୬-୨ ସେଟ୍‌ରେ ଲୋରେଞ୍ଜୋ ମୁସେଟିଙ୍କୁ ପରାଜିତ କରି ଏହି ସଫଳତା ଲାଭ କରିଛନ୍ତି । ଏଥିସହ ୟୁଏସ୍ ଓପନ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲ ଚୂଡାନ୍ତ ହୋଇଛି । ଜାନିକ ସିନର ଓ ଫେଲିକ୍ସ ଅଗୁର ଏବଂ ନୋଭାକ ଜୋକୋଭିକ୍ ଓ କାର୍ଲୋସ ଆଲକାରେଜଙ୍କ ମଧ୍ୟରେ ସେମିଫାଇନାଲ ଲଢେଇ ହେବ । ଆଗାମୀ ୬ ତାରିଖ ( ଶନିବାର ମଧ୍ୟରାତ୍ର) ରେ ଏହି ଦୁଇଟି ମ୍ୟାଚ ଆର୍ଥର ଆସେ ଷ୍ଟାଡିୟମରେ ଖେଳାଯିବ ।

ସେହିଭଳି ମହିଳା ସିଙ୍ଗଲ୍ସରେ ମଧ୍ୟ ସେମିଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି । ପ୍ରଥମ ସେମି ଲଢେଇ ଆରିୟାନା ସାବାଲେଙ୍କା ଓ ଜେସିକା ପେଗୁଲାଙ୍କ ମଧ୍ୟରେ ହେବ । ସେହିଭଳି ଦ୍ୱିତୀୟ ସେମିଫାଇନାଲ ଜାପାର ନାଓମି ଓସାକା ଏବଂ ଆମେରିକାର ଆମୁନ୍ଦା ଆନିଶିମୋଭାଙ୍କ ମଧ୍ୟରେ ଖେଳାଯିବ । ଦୁଇଟି ସେମିଫାଇନାଲର ବିଜେତା ପରସ୍ପରକୁ ଟାଇଟଲ ଲଢେଇରେ ଭେଟିବେ ।

## ମହିଳା ଏସିଆ କପ୍ / ଥାଇଲାଣ୍ଡ ବିପକ୍ଷରୁ ଭାରତର ଅଭିଯାନ

ହାଙ୍ଗଝୌ, ୪।୯(ଏଜେନ୍ସି) : ଚୀନର ହାଙ୍ଗଝୌରେ ମହିଳା ଏସିଆ କପ୍ ହକିର ୧୧ତମ ସଂସ୍କରଣ ଶୁକ୍ରବାର ଠାରୁ ଆରମ୍ଭ ହେବାକୁ ଯାଉଛି । ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚରେ ଥାଇଲାଣ୍ଡକୁ ଭେଟିବ ଭାରତ । ଅର୍ଥାତ୍ ଥାଇଲାଣ୍ଡ ବିପକ୍ଷରେ ହିଁ ଭାରତ ଏସିଆ କପ୍ ହକି ଅଭିଯାନ ଆରମ୍ଭ କରିବ । ପୁଣି ୬ ତାରିଖରେ ଜାପାନକୁ, ୮ ତାରିଖରେ ସିଙ୍ଗାପୁର ବିପକ୍ଷରେ ଭାରତ ଶେଷ ପୁଲ୍ ବି ମ୍ୟାଚ ଖେଳିବ । ସେପ୍ଟେମ୍ବର ୧୪ରେ ମହିଳା ଏସିଆ କପ୍ ହକି ଶେଷ ହେବ । ଏଥର ମହିଳା ଏସିଆ କପ୍‌ରେ ୮ ଟି ଦଳ ଅଂଶଗ୍ରହଣ କରିଛନ୍ତି । ପୁଲ୍ ଏ ରେ ଆୟୋଜକ ଚୀନ, ଦକ୍ଷିଣ କୋରିଆ, ମାଲେସିଆ ଓ ଚାଇନିଜ୍ ତାଇପେଇ ଏବଂ ପୁଲ୍ ବି ରେ ଭାରତ, ଜାପାନ, ଥାଇଲାଣ୍ଡ, ସାଙ୍ଗାପୁର, ସ୍ଥାନ ପାଇଛନ୍ତି ।

ମହିଳା ଏସିଆ କପ୍ ଗୋଙ୍ଗସୁ କ୍ୟାନେଲ୍ ସ୍ପୋର୍ଟ୍ସ ପାର୍କ ଫିଲ୍ଡରେ ଖେଳାଯିବ । ପୂର୍ବରୁ ୨୦୨୩ରେ ଏଠାରେ ଏସିଆନ ଗେମ୍ସ ଅନୁଷ୍ଠିତ ହୋଇଥିଲା । ଭାରତୀୟ ମହିଳା ଦଳ ବ୍ରୋଞ୍ଜ ପଦକ ଜିତିଥିଲା । କୋଚ୍ ହରେନ୍ଦ୍ର ସିଂଙ୍କ ତତ୍ତ୍ୱାବଧାରେ ଦଳ ୨୦୨୨ ଏସିଆ କପ୍‌ରେ ଅଂଶଗ୍ରହଣ କରି ତୃତୀୟ ସ୍ଥାନ ଅଧିକାର କରିଥିଲା । ଏଥର ଥାଇଲାଣ୍ଡ ବିପକ୍ଷ ମ୍ୟାଚ ଅଭିଯାନ ଆରମ୍ଭ କରିବ ।

ବିଶ୍ୱ ଏଫଆଇଏଚ୍ ମାନ୍ୟତାରେ ଭାରତୀୟ ମହିଳା ହକି ଦଳ ନବମ ସ୍ଥାନରେ ରହିଛି । ଏସିଆର ଦ୍ୱିତୀୟ ଶ୍ରେଷ୍ଠ ଦଳ । ଚୀନ ବିଶ୍ୱ ର୍ୟାଙ୍କିଙ୍ଗର ଚତୁର୍ଥ, ଜାପାନ ୧୨ତମ, କୋରିଆ ୧୬ତମ, ମାଲେସିଆ ୨୫ତମ, ଥାଇଲାଣ୍ଡ ୩୦ତମ, ସିଙ୍ଗାପୁର ୩୧ତମ ଏବଂ ଚାଇନିସ ତାଇପେୟୀ ୪୦ତମ ସ୍ଥାନରେ ରହିଛି ।

ଭାରତରେ ମହିଳା ଏସିଆ କପ୍‌ର ସିଧାପ୍ରସାରଣ ହକି ଆପରେ ଉପଲବ୍ଧ ହେବ । କୌଣସି ଟିଭି ଚାନେଲରେ ପ୍ରସାରଣ ହେବ ନାହିଁ ।

ଭାରତୀୟ ମହିଳା ହକି ଦଳ ଗତ ୧୦ ଟି ସଂସ୍କରଣ ମଧ୍ୟରୁ ଦୁଇଥର ଚାମ୍ପିଅନ ହୋଇଛି । ୨୦୦୪ ଓ ୨୦୧୭ରେ ୧୨ ଥର ଚାମ୍ପିଅନ ହୋଇଥିଲା । ୧୯୮୫ରୁ ମହିଳା ଏସିଆ କପ୍ ହକି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି ।

ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ସଲିମା ଟେଟେଙ୍କ ନେତୃତ୍ୱରେ ୨୦ ଜଣିଆ ଭାରତୀୟ ଦଳ ଘୋଷିତ ହୋଇଥିଲା । ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ଦଳ ବେଶ୍ ସନ୍ତୁଳିତ ଅଛି । ତେଣୁ ତୃତୀୟ ଥର ଏସିଆ କପ୍ ହାତେଇବା ଲକ୍ଷରେ ଭାରତ ରହିବ । ଅଧିନାୟିକା ସଲିମା ଟେଟେ କହିଛନ୍ତି ଏଫଆଇଏଚ୍ ମାନ୍ୟତାର ନିମ୍ନ ର୍ୟାଙ୍କ ଦଳ ଥାଇଲାଣ୍ଡ କିନ୍ତୁ ଥାଇଲାଣ୍ଡକୁ ହାଲକା ଭାବେ ନେଇ ହେବ ନାହିଁ । ଆମେ ପୂର୍ଣ୍ଣ ସାମର୍ଥ୍ୟ ସହ ଥାଇଲାଣ୍ଡ ବିପକ୍ଷ ସହ ମଇଦାନକୁ ଓହ୍ଲାଇବୁ । କେବଳ ଥାଇଲାଣ୍ଡ ନୁହେଁ ଏସିଆ କପ୍‌ର ପ୍ରତିଟି ମ୍ୟାଚ୍ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ସଲିମା କହିଛନ୍ତି ।

ଭାରତୀୟ ଦଳ :-

ଗୋଲ କିପର :- ବଂଶାରୀ ସୋଲାଙ୍କି, ବିଚୁଦେବୀ ଖରିବାମ୍ । ଡିଫେଣ୍ଡର୍ସ ମନିଷା ଚୌହାନ, ଉଦିତା, ସୁମନଦେବୀ ଥୌଡମ, ନିକି ପ୍ରଧାନ, ଇଶିକା ଚୌଧୁରୀ । ମିଡଫିଲଡର୍ସ -ନେହା ବୈଷ୍ଣବି ଭିଥାଲ ଫାଲକେ, ସଲିମା ଟେଟେ, ସର୍ମିଳା ଦେବୀ, ଲାଲରେମ୍‌ସିଆମୀ, ସୁନେଲିତା ଟୋପ୍ପୋ । ଫରୱାର୍ଡର୍ସ - ନବନୀତ କୌର, ରୁତଜା ଦାଦାସୋ ପିସାଲ, ବ୍ୟୁଟି ଡୁଙ୍ଗଡୁଙ୍ଗ, ମମତାଜ ଖାନ୍, ସାକ୍ଷୀ, ସଙ୍ଗିତା କୁମାରୀ ।




## ବିଶ୍ୱ ପାରା ଫେନସିଂ ଚାମ୍ପିଅନସିପ
### ତୃତୀୟ ଦିନ ଉତ୍ସାହଜନକ ପ୍ରଦର୍ଶନ

ଭୁବନେଶ୍ୱର, ୪।୯(ସବ୍ୟୁ) : ଦକ୍ଷିଣ କୋରିଆର ଇକ୍ସାନ୍ ସହରରେ ଚାଲିଥିବା ବିଶ୍ୱ ପାରା ଫେନସିଂ ଚାମ୍ପିଅନସିପର ତୃତୀୟ ଦିନ ଭାରତୀୟ ପ୍ରତିଯୋଗୀଙ୍କ ଉତ୍ସାହଜନକ ପ୍ରଦର୍ଶନ ଦେଖିବାକୁ ମିଳିଛି । ଏପି ପୁରୁଷ ବର୍ଗ ବି ରେ ଓମ୍‌ପ୍ରକାଶ ବେହେରା ୩୨ ନକଆଉଟ୍ ପର୍ଯ୍ୟାୟରେ ୟୁକ୍ରେନର ନୌମେଙ୍କୋ ଓଲେଗଙ୍କଠାରୁ ୫-୧୫ ବ୍ୟବଧାନରେ ହାରିଯାଇଛନ୍ତି । ୬୪ ନକଆଉଟ୍ ବର୍ଗରେ ସେ ମଙ୍ଗୋଲିଆ ବାୟାରମୁଙ୍ଖ ଦାଭାସୁରେନଙ୍କୁ ୧୫-୧୧ ବ୍ୟବଧାନରେ ଆଗକୁ ବଢିଥିଲେ । ରୌଦ୍ର ନାରାୟଣ ବେହେରା ୬୪ ନକଆଉଟ୍ ପର୍ଯ୍ୟାୟରେ ହଙ୍ଗେରୀର ଭୋମୋସାଣ୍ଡୋରଙ୍କ ଠାରୁ ୭-୧୫ ବ୍ୟବଧାନରେ ପରାଜିତ ହୋଇଛନ୍ତି । ଏପି ପୁରୁଷ ଏ ରେ ପବିତ୍ର ସାହୁ ୬୪ ନକଆଉଟ୍ ପର୍ଯ୍ୟାୟରେ ଥାଇଲାଣ୍ଡର ପାକୋଡି କିଟ୍ସଡାଙ୍କୁ ୧୫-୪ରେ ପରାସ୍ତ କରିଛନ୍ତି । ଭି ରମେଶ ରାଓ ୧୫-୧୪ ବ୍ୟବଧାନରେ କୁଡେନସ୍କୋ ଏଡୁଆର୍ଡଙ୍କୁ ପରାଜିତ କରିଛନ୍ତି । ଶ୍ରେଷ୍ଠ ୩୨ ପର୍ଯ୍ୟାୟରେ ସେ ୬-୧୫ ବ୍ୟବଧାନରେ ଲାମ ୱାଟସନ ଅଲିଭର୍ବଙ୍କ ନିକଟରୁ ହାରିଯାଇଛନ୍ତି । ଫଏଲ ବ୍ୟକ୍ତିଗତ ମହିଳା ଏ ବର୍ଗରେ ମାଳତୀ ପାନାୱେରେ ୩୨ ପର୍ଯ୍ୟାୟରେ ଆମେରିକାର ଆଇଜାକସନ୍ ଭିକ୍ଟୋରିଆଙ୍କଠାରୁ ୩-୧୫ ବ୍ୟବଧାନରେ ହାରିଯାଇଛନ୍ତି । ମହିଳା ବର୍ଗ ବି ରେ ପୂଜାସ୍ୱିନୀ ନାୟକ ପୋଲାଣ୍ଡର ରୋଗୋସ୍କା ସାରାଙ୍କଠାରୁ ୮-୧୫ରେ ହାରିଯାଇଛନ୍ତି । ଶୁକ୍ରବାର ଏପି ପୁରୁଷ ଦଳଗତ ଇଭେଣ୍ଟ ଓ ଫଏଲ ମହିଳା ଦଳଗତ ଇଭେଣ୍ଟ ଆୟୋଜିତ ହେବ ।






ଭାରତୀୟ ପୁରୁଷ ହକି ଦଳର ତାରକା ଡ୍ରାଗ୍ ଫ୍ଲିକର ତଥା ଅଧିନାୟକ ହରମନପ୍ରୀତ ସିଂ ୨୫୦ ଅନ୍ତର୍ଜାତୀୟ ମ୍ୟାଚ ପୂରଣ କରିଛନ୍ତି । ଏସିଆ କପ୍‌ର ସୁପର ୪ ପର୍ଯ୍ୟାୟରେ ମାଲେସିଆ ବିପକ୍ଷ ମ୍ୟାଚରେ ଏହି ଉପଲବ୍ଧି ହାସଲ କରିଛନ୍ତି ହରମନପ୍ରୀତ ।

## ଅବସର ନେଲେ ଅମିତ

ନୂଆଦିଲ୍ଲୀ, ୪।୯(ଏଜେନ୍ସି) : ୨୫ ବର୍ଷର କ୍ରିକେଟ୍ କ୍ୟାରିୟରେ ଅମିତ ମିଶ୍ରା ପୂର୍ଣ୍ଣଚ୍ଛେଦ ପକାଇଛନ୍ତି । ଗୁରୁବାର ଏହି ତାରକା ସ୍ପିନର ସନ୍ୟାସ ଘୋଷଣା କରିଛନ୍ତି । ଏହି କିମ୍ବଦନ୍ତୀ ଲେଗ୍ ସ୍ପିନର ୨୦୦୩ରେ ଭାରତ ପାଇଁ ଡେବ୍ୟୁ କରିଥିଲେ । ସେ ୨୦୨୪ ପର୍ଯ୍ୟନ୍ତ ଆଇପିଏଲ୍ ଖେଳିଛନ୍ତି । ଅବସର ସମ୍ପର୍କରେ ଅମିତ ଏକ ଭାବପୂର୍ଣ୍ଣ ପୋଷ୍ଟ ଲେଖିଛନ୍ତି ।

୨୫ ବର୍ଷର ଲମ୍ବା ଯାତ୍ରା ପରେ ମୁଁ କ୍ରିକେଟ୍‌ରୁ ଅବସର ଘୋଷଣା କରୁଛି । ସମସ୍ତଙ୍କ ପସନ୍ଦ କ୍ରିକେଟ୍ । ଏବେ ମୁଁ କ୍ରିକେଟ୍‌ରୁ ବିଦାୟ ନେଉଛି । ମୋର ଶିକ୍ଷକ ଓ ମୋର ଖୁସିର ସବୁଠୁ ବଡ ଉତ୍ସ ଥିଲା କ୍ରିକେଟ୍ । ଅମିତ ମିଶ୍ରା ତାଙ୍କ ଅବସର ପୋଷ୍ଟରେ ଆହୁରି ଲେଖିଛନ୍ତି ଏହି ଯାତ୍ରା ଅଗଣିତ ଭାବନାରେ ପୂର୍ଣ୍ଣ ହୋଇଛି । ଗର୍ବ, ଗୌରବ, କଷ୍ଟ, ଶିକ୍ଷା ଏବଂ ପ୍ରେମର ମୂହୂର୍ତ୍ତ ଥିଲା କ୍ରିକେଟ୍ ଯାତ୍ରା । ବିସିସିଆଇ, ହରିୟାଣା କ୍ରିକେଟ୍ ଆସୋସିଏସନ୍ ମୋର ପ୍ରଶିକ୍ଷକ ସହାୟକ କର୍ମଚାରୀ, ସହକର୍ମୀ ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରଶଂସକଙ୍କ ପ୍ରତି ଗଭୀର କୃତଜ୍ଞତା । ଯାହାଙ୍କ ବିଶ୍ୱାସ ସମର୍ଥନ ମୋତେ ପ୍ରତ୍ୟେକ କ୍ଷେତ୍ରରେ ଶକ୍ତି ଯୋଗାଉଥିଲା । ୨୦୦୩ରେ ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ ଅମିତ ମିଶ୍ରା । ଦକ୍ଷିଣ ଆଫ୍ରିକା ବିପକ୍ଷରେ ପ୍ରଥମ ମ୍ୟାଚ ଖେଳିଥିଲେ । ଏହା ତାଙ୍କ ଦିନିକିଆ ଡେବ୍ୟୁ ଥିଲା । ୫ ବର୍ଷ ପରେ ସେ ୨୦୦୮ରେ ଟେଷ୍ଟ ଡେବ୍ୟୁ ଓ ୨୦୧୦ରେ ଟି -୨୦ ଡେବ୍ୟୁ କରିଥିଲେ । ସେ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରେ ୨୨ଟି ଟେଷ୍ଟ , ୩୬ ଟି ଦିନିକିଆ ଓ ୧୦ ଟି ଟି-୨୦ ମ୍ୟାଚ ଖେଳିଥିଲେ । ଟେଷ୍ଟରେ ୭୬, ଦିନିକିଆରେ ୬୪ ଓ ଟି -୨୦ରେ ୧୬ ୱିକେଟ୍ ନେଇଛନ୍ତି ।

ମୋର ଉତ୍ଥାନ -ପତନ ସମୟରେ ମୋ ପରିବାର ମୋ ସହିତ ଦୃଢ ଭାବରେ ଠିଆ ହୋଇଥିଲେ । ଏଥି ପାଇଁ ଆପଣଙ୍କୁ ଧନ୍ୟବାଦ । ସାତ୍ତ୍ୱିକ ଖେଳାଳି ଓ ପରାମର୍ଶ ଦାତାମାନେ ଏହି ଯାତ୍ରାକୁ ସ୍ୱତନ୍ତ୍ର କରିଥିଲେ । ସେମାନଙ୍କୁ ଆନ୍ତରିକ ଧନ୍ୟବାଦ ବୋଲି ଭାବପୂର୍ଣ୍ଣ ପୋଷ୍ଟରେ ଲେଖିଛନ୍ତି ଅମିତ ମିଶ୍ରା ।




## ଧାବନଙ୍କୁ ଇଡି ସମନ

ନୂଆଦିଲ୍ଲୀ, ୪।୯(ଏଜେନ୍ସି) : ପୂର୍ବତନ ଭାରତୀୟ କ୍ରିକେଟ୍‌ର ଶିଖର ଧାବନଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ସମନ ଜାରି କରାଯାଇଛି । ବେଆଇନ୍ ବେଟିଂ ଆପ୍ ସହ ଜଡିତ ମନି ଲାଣ୍ଡରିଂ ମାମଲାରେ ପଚରାଉଚରା ପାଇଁ ଡକାଯାଇଛି । ଏହି ମାମଲା ଅନଲାଇନ୍ ପ୍ଲାଟଫର୍ମ ଅବୈଧ ବେଟିଂ କାର୍ଯ୍ୟକଳାପରେ ଲିଙ୍କ ବୋଲି କୁହାଯାଉଛି । ଇଡି ଅଧିକାରୀ ତାଙ୍କର ସମ୍ଭାବ୍ୟ ପ୍ରମୋସନାଲ୍ ସମ୍ପର୍କରେ ଥିବା ସନ୍ଦେହରେ ତଦନ୍ତ ଆରମ୍ଭ କରିଛନ୍ତି । ଶିଖର ଧାବନ ବେଟିଂ ଆପ୍ ପ୍ରଚାରରେ ନିୟୋଜିତ ଥିଲେ । ବଦଳରେ କୌଣସି ଦେୟ ନେଇଥିଲେ କି ନାହିଁ ତାହା ଇଡି ତଦନ୍ତ କରିଛି । ଏହି ବେଆଇନ୍ ନେଟୱାର୍କରେ ତାଙ୍କର କୌଣସି ଆର୍ଥିକ କିମ୍ବା ଅଣଆର୍ଥିକ ସହଭାଗିତା ଅଛି କି ନାହିଁ ନିଶ୍ଚିତ କରିବା ସକାଶେ ମନି ଲାଣ୍ଡରିଂ ନିବାରଣ ଆଇନ୍ (ପିଏମ୍‌ଏଲ୍‌ଏ) ଅନୁଯାୟୀ ତଦନ୍ତ କରାଯାଉଛି । ପୂର୍ବରୁ କ୍ରିକେଟର ସୁରେଶ ରାଇନାଙ୍କୁ ମଧ୍ୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଦିଲ୍ଲୀରେ ପଚରାଉଚରା କରାଯାଇଥିଲା । ଏହା ବ୍ୟତୀୟ ଅନ୍ୟ କିଛି କମ୍ପାନୀ ଓ ଡିଜିଟାଲ୍ ପ୍ଲାଟଫର୍ମ ମଧ୍ୟ ଇଡି ତଦନ୍ତ ପରିସର ଭୁକ୍ତ ହୋଇଛନ୍ତି । ବେଟିଂ ଆପ୍ କେବଳ ବେଆଇନ୍ ନୁହେଁ । ବରଂ ଏହା ମାଧ୍ୟରେ ବଡ ଧରଣର ମନି ଲାଣ୍ଡରିଂ କାର୍ଯ୍ୟକଳାପ ହୋଇଛି । ଏହି ଆପ୍ ଗୁଡିକ ଅନେକ ଲୋକ ଏବଂ ନିବେଶକଙ୍କୁ କୋଟି କୋଟି ଟଙ୍କା ଠକିଥିବା ଏବଂ ବିପୁଳ ପରିମାଣରେ ଟିକସ ଠକେଇ କରିଥିବା ଅଭିଯୋଗ ହୋଇଛି । ଏହି ମାମଲାରେ ଇଡି କାର୍ଯ୍ୟାନୁଷ୍ଠାନ ଜୋରଦାର କରିଛି । ବିଶେଷ କରି ବିଜ୍ଞାପନ ଗୁଡିକରେ ଫିଲ୍ମ ଷ୍ଟାର ଓ କ୍ରିକେଟର ମାନେ ଅଛନ୍ତି । ଏମାନଙ୍କୁ ଟାର୍ଗେଟ କରିଛି ଇଡି ।




## ଆଉ ଜଣେ କ୍ରିକେଟ୍‌ର ବିସିସିଆଇ ସଭାପତି!

ନୂଆଦିଲ୍ଲୀ, ୪।୯(ଏଜେନ୍ସି) : ବିସିସିଆଇ ସଭାପତି ଭାବେ ନିଯୁକ୍ତି ପାଇବେ ଜଣେ କିମ୍ବଦନ୍ତୀ କ୍ରିକେଟର । ଏହି ଗୁରୁତ୍ୱପୂର୍ଣ୍ଣ ପଦରେ ଥିବା ରୋଜର ବିନି ୭୦ ବର୍ଷରେ ପାଦ ଥାପିବା ପରେ ପ୍ରଚଳିତ ନିୟମ ଅନୁଯାୟୀ ପଦ ଛାଡିଥିଲେ । ଏହା ପରେ ବୋର୍ଡ ଅନ୍ତରୀଣ ସଭାପତି ଭାବେ ରାଜୀବ ଶୁକ୍ଲା କାମ କରୁଛନ୍ତି । ବିସିସିଆଇ ସଭାପତି ପଦରେ ପୁଣି ଜଣେ କିମ୍ବଦନ୍ତୀ କ୍ରିକେଟରଙ୍କୁ ନିଯୁକ୍ତି କରିବାକୁ ନିଷ୍ପତ୍ତି ନିଆଯାଇଛି । ତେବେ କାହାକୁ ଏହି ଗୁରୁତ୍ୱପୂର୍ଣ୍ଣ ପଦ ମିଳିବ ତାହା ସ୍ପଷ୍ଟ କରିନାହିଁ ବିସିସିଆଇ । ନାଁ ସାର୍ବଜନୀନ ହୋଇନଥିଲେ ମଧ୍ୟ ଉକ୍ତ କ୍ରିକେଟର ଜଣଙ୍କ ଖେଳିବା ସମୟରେ ଏକାଧିକ ରେକର୍ଡ ଭାଙ୍ଗିଥିଲେ । ସେ କିମ୍ବଦନ୍ତୀ କ୍ରିକେଟରଙ୍କୁ ସଭାପତି ପଦରେ ନିଯୁକ୍ତି ଦେବାକୁ ବିସିଆଇ ପ୍ରକ୍ରିୟା ଆରମ୍ଭ କରିଛି ।

ବୋର୍ଡର ସଭାପତି ପଦ ସବୁ ବେଳେ କ୍ରିକେଟରଙ୍କ ପାଖରେ ରହିବ । ଏହି ଧାରା ଆରମ୍ଭ ହୋଇଛି । ବିସିସିଆଇ ମଧ୍ୟ ଏହାକୁ ବଳବର୍ତ୍ତର ରଖିବାକୁ ଚାହୁଁଛି । ୨୦୧୯ରେ ଟିମ ଇଣ୍ଡିଆର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ବିସିସିଆଇ ସଭାପତି ହୋଇଥିଲେ । ତାଙ୍କ ପରେ ୧୯୮୩ ବିଶ୍ୱ କପ୍ ବିଜେତା ଦଳର ସଦସ୍ୟ ରୋଜର ବିନିଙ୍କୁ ସଭାପତି ଦାୟିତ୍ୱ ମିଳିଥିଲା । ଏବେ ସେହିଭଳି ଜଣେ କିମ୍ବଦନ୍ତୀ କ୍ରିକେଟର ହିଁ ବିସିସିଆଇ ସଭାପତି ହେବେ ।

ଚଳିତ ମାସ ଶେଷ ଆଡକୁ ବିସିସିଆର ସଭାପତି, ସମ୍ପାଦକ, ଉପସଭାପତି, ଯୁଗ୍ମ ସମ୍ପାଦକ, କୋଷାଧକ୍ଷ ଓ ଆଇପିଏଲ୍ ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ହେବ । କ୍ରୀଡା ସଂସ୍ଥାର ଶୀର୍ଷ ପଦରେ କ୍ରୀଡାବିତ୍ ରହିବା ସମୟରେ ଯୁକ୍ତି ଉପସ୍ଥାପନ କରାଯାଉଥିବା ବେଳେ କେନ୍ଦ୍ର ସରକାର ମଧ୍ୟ ଏହା ଉପରେ ଗୁରୁତ୍ୱ ଦେଇଛନ୍ତି । ତେଣୁ କ୍ରିକେଟର ସର୍ବୋଚ୍ଚ ସଂସ୍ଥାରେ ପୂର୍ବତନ କ୍ରିକେଟରଙ୍କୁ ମଧ୍ୟ ନିଯୁକ୍ତି ଦିଆଯିବ । ଚଳିତ ମାସ ଶେଷରେ ନିର୍ବାଚନ ହେବାକୁ ଥିବା ବେଳେ ବିସିସିଆଇ ସମ୍ପାଦକ ଭାବେ ଦେବଜିତ ସାଇକିଆ ନିଜ ପଦ ବଜାୟ ରଖିବେ । ସେହିଭଳି କୋଷାଧକ୍ଷ ପଦରେ ପ୍ରଭଜୋତ ଭାଟିଆ ଓ ଯୁଗ୍ମ ସମ୍ପାଦକ ଭାବେ ରୋହନ ଦେଶାଇ ପୂର୍ବଭଳି କାମ କରିବେ । ଆଇପିଏଲ୍ ଅଧକ୍ଷ ପଦ ଦୌଡରେ ସଞ୍ଜୟ ନାୟକ ( ଏମ୍‌ସିଏ ର ପୂର୍ବତନ ସମ୍ପାଦକ) ଓ ରାଜୀବ ଶୁକ୍ଳା ରହିଛନ୍ତି । ଯଦି ରାଜୀବ ଶୁକ୍ଲା ଆଇପିଏଲ୍ ପାଇଁ ବିସିସିଆଇ ଉପସଭାପତି ପଦ ଛାଡିବେ ତାହା ହେଲେ ବିଜେପି ନେତା ତଥା ବିହାର କ୍ରିକେଟ୍ ଆସୋସିଏସନ୍ ସଭାପତି ରାକେଶ ତିୱାରି ଉପସଭାପତି ସ୍ଥାନ ଦଖଲ କରିବେ ।




ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି